RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

THURSDAY
26 FEBRUARY 2026
ଗୁରୁବାର
୨୬ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 281 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୮୧ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର




୨୬ ଫେବୃଆରୀ: ସେହେରୀ-୪.୫୬ ଇଫ୍‌ତାର୍-୫.୫୦
୨୭ ଫେବୃଆରୀ: ସେହେରୀ-୪.୫୫ ଇଫ୍‌ତାର୍-୫.୫୧

## ବ୍ରହ୍ମତାଳଧ୍ୱଜ ରଥ ନିର୍ମାଣ ପାଇଁ ୧ କୋଟି

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:**

କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ବଳଦେବଜୀଉଙ୍କ ନୂତନ ବ୍ରହ୍ମତାଳଧ୍ୱଜ ରଥର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି । ଏନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ବିଗତ କିଛିଦିନ ଧରି ରଥର ୧୪ଟି ଚକର ଅବସ୍ଥା ଠିକ୍ ନଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାରର ବିଘ୍ନ ସୃଷ୍ଟି ହେଉଥିଲା । ଫଳସ୍ୱରୂପ ରଥ ମାଉସୀ ମା'ଙ୍କ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରୁ ନଥିଲା ଏବଂ ପାଖାପାଖି ଦୁଇଦିନ ବିଳମ୍ବ ହେଉଥିଲା । ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସ୍ଥିତି ଦେଖା ଯାଉଥିଲା ।

ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି । ଏଥିନେଇ ବିଧି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।



## ନକ୍ସଲ୍‌କୁ ହତ୍ୟା କଲା ନକ୍ସଲ୍


ଅନ୍ୱେଷ


ଶୁକ୍ରୁ

**କନ୍ଧମାଳ,ଫୁଲବାଣୀ, ଦାରିଙ୍ଗବାଡ଼ି,୨୫।୨/ଏନ୍‌ଏନ୍‌ଏସ୍:**

ନକ୍ସଲକୁ ହତ୍ୟା କଲା ନକ୍ସଲ । ଘଟଣାଟି ଘଟିଛି କନ୍ଧମାଳ ଜିଲ୍ଲାରେ । ପୁଲିସ ପାଖରେ ଆତ୍ମ ସମର୍ପଣ କରିବାକୁ ଚାହୁଁଥିବା ଜଣେ ସାଥୀ ନକ୍ସଲକୁ ହତ୍ୟା କରି ମାଟିରେ ପୋତି ଦେଲା ନକ୍ସଲ ନେତା ଶୁକ୍ରୁ । ମୃତ ନକ୍ସଲ ନାଁ ଅନ୍ୱେଷ ଓରଫ ରେଣୁ(୩୧) । ତା' ଘର ଛତିଶଗଡ଼ର ସୁକୁମାରେ । ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏକଥା ସ୍ପଷ୍ଟ କରିଛନ୍ତି କନ୍ଧମାଳ ଏସ୍‌ପି ହରିଶ ବି. ସି । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ତରାବାଡ଼ି ଜଙ୍ଗଲରୁ ଏକ ଗଳିତ ଶବ ଠାବ କରାଯାଇଥିଲା । ଶବଟିକୁ ମାଟି ତଳୁ ବାହାର କରି ବ୍ୟବଚ୍ଛେଦ କରାଯାଇଥିଲା । ତାହା ନକ୍ସଲ ଅନ୍ୱେଷର ମୃତଦେହ ଥିଲା ବୋଲି କନ୍ଧମାଳ ଏସ୍‌ପି କହିଛନ୍ତି । ଏସ୍‌ପି କହିଛନ୍ତି, ମୃତ ଅନ୍ୱେଷ ସିପିଆଇ (ମାଓବାଦୀ) ଅଷ୍ଟମ କମ୍ପାନୀର ଡିଭିସିଏମ ସଦସ୍ୟ ଥିଲା । ତାକୁ ଗତ ମାସ ୨୯ ତାରିଖରେ ସିପିଆଇ (ମାଓବାଦୀ)ର ଏସସିଏମ ଶୁକ୍ରୁ ଏବଂ ତାର ସାଥୀମାନେ ମିଶି ହତ୍ୟା କରି ପୋତି ଦେଇଥିଲେ । ଅନ୍ୱେଷ ପୁଲିସ ପାଖରେ ଆତ୍ମସମର୍ପଣ କରିବାକୁ ଚାହୁଁଥିବାରୁ ଶୁକ୍ରୁ ତାକୁ ହତ୍ୟା କରିଥିଲା । ପୁଲିସ ପାଖରେ ଆତ୍ମ ସମର୍ପଣ କରିବାକୁ ଚାହୁଁଥିବା ନକ୍ସଲଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଅନ୍ୱେଷକୁ ଶୁକ୍ରୁ ହତ୍ୟା କରିଥିଲା । ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି । ହତ୍ୟାକାରୀମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ଘଟଣାରେ ଭୟଭୀତ ନହୋଇ ନିର୍ଭୟରେ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ନକ୍ସଲମାନେ ପୁଲିସକୁ ଯୋଗାଯୋଗ କରିପାରିବେ ବୋଲି ଏସ୍‌ପି କହିଛନ୍ତି ।

**ଆତ୍ମସମର୍ପଣ କରିବା ଥିଲା ଯୋଜନା**

**ସାଥୀ ନକ୍ସଲ ମାରି ପୋତିଦେଲେ**

ପ୍ରକାଶ ଯେ ପୁଲିସର ଲଗାତାର ମାଓବିରୋଧୀ ଅଭିଯାନ ସାଙ୍ଗକୁ ସଙ୍ଗଠନର ଟପ୍ କ୍ୟାଡର ଓ ସହଯୋଗୀ ମାନେ ମୃତ୍ୟୁମୁଖରେ ପଡ଼ିବା ଏବଂ ଆତ୍ମସମର୍ପଣ କରିବା ପରେ ଅନ୍ୱେଷ ମଧ୍ୟ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ । ୧୪ ଜଣ ସହଯୋଗୀଙ୍କ ସମେତ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ▶▶ ୬

# ଖଣିବାବୁଙ୍କ ଘରେ ଟଙ୍କାର ଖଣି

## ୪.୨୭ କୋଟି ଜବତ, ଭିଜିଲାନ୍ସ ଇତିହାସରେ ରେକର୍ଡ





**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:**

ଖଣି ବାବୁଙ୍କ ଘରେ ଟଙ୍କାର ଖଣି ! ଓଡ଼ିଶା ଭିଜିଲାନ୍ସ ଇତିହାସରେ ନା କେହି ଏଭଳି ଦୃଶ୍ୟ ଦେଖିଥିଲେ, ନା କେହି ଶୁଣିଥିଲେ । କାରଣ ଘର ଭିତରେ ଯେଉଁଠି ହାତ ମାରିଲେ ସେଇଠୁ ବାହାରୁଥିଲା ଟଙ୍କାର ବିଡ଼ା । ଟ୍ରଲି ବ୍ୟାଗ୍, ବେଡ୍ ରୁମ୍, ରୋଷେଇ ଘର । ଭିଜିଲାନ୍ସ ଯେଉଁ ଯେଉଁ ସ୍ଥାନକୁ ଯାଇ ଯାଞ୍ଚ କରୁଥିଲା, ସେଇଠି ହାତରେ ଲାଗୁଥିଲା ନଗଦ ୫ଶହ, ୨ଶହ ଏବଂ ଶହେ ଟଙ୍କିଆ ନୋଟ୍ ବିଡ଼ା । ଆଉ ଭିଜିଲାନ୍ସ ପାଇଁ ଏତେବଡ଼ ସଫଳତା ଯୋଗାଇଦେଇଥିବା ସେହି ବାବୁ ଜଣକ ହେଲେ ଖଣି ବିଭାଗର କଟକ ସର୍କଲ ଉପ ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି । କୌଣସି ଏକ ମନ୍ଦିର ହୁଣ୍ଡିରେ ଦାନ ଟଙ୍କାର ଗଣତି ଭଳି ଗଣି ଚାଲିଥିଲେ ଭିଜିଲାନ୍ସ କର୍ମଚାରୀ । ଟଙ୍କା ଗଣି ଗଣି ମେସିନ ବି ଗରମ୍ ।

**ଲାଞ୍ଚ ନେଇ ଧରାପଡ଼ିବା ପରେ ଆୟ ବହିର୍ଭୂତ ସମ୍ପତ୍ତିର ଖୋଳତାଡ଼**

**୮ ହଜାର ଟଙ୍କା ଦରମାରୁ କୋଟି କୋଟି ଯାଏଁ ଯାତ୍ରା**

**ଓଡ଼ିଶା ଭିଜିଲାନ୍ସ ଇତିହାସରେ ଏକକାଳୀନ ସର୍ବାଧିକ ଟଙ୍କା ଜବତ**

**ଜାମିନ ଆବେଦନ ନାମଞ୍ଜୁର ପରେ ଗଲେ ବିଚାର ବିଭାଗୀୟ ହାଜତ**

ଖଣି ଅଧିକାରୀ ଦେବବ୍ରତଙ୍କ ଭୁବନେଶ୍ୱରସ୍ଥିତ ଶ୍ରୀବିହାର ଘରୁ ବୁଧବାର ମିଳିଥିଲା ନଗଦ ୪ କୋଟି ୨୭ ଲକ୍ଷ ଟଙ୍କା । ଅର୍ଥାତ ଭିଜିଲାନ୍ସ ଇତିହାସରେ ସର୍ବକାଳୀନ ରେକର୍ଡ । ଏହାବ୍ୟତୀତ କଟକ ଅଫିସରୁ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା, ପାହାଳର ୨୪ ଶହ ବର୍ଗଫୁଟର ଏକ ୨ ମହଲା ଘରର ସନ୍ଧାନ ମିଳିଥିବାବେଳେ ବ୍ୟାଙ୍କ ଜମା, ଲକର, ଇନ୍ୟୁରାନ୍ସ, ଇନଭେଷ୍ଟମେଣ୍ଟ ଆଦିର ହିସାବ ଚାଲିଛି । ଜବତ ହୋଇଥିବା ଆୟବର୍ହିଭୂତ ସମ୍ପତ୍ତିର ସଠିକ୍ ତଥ୍ୟ ନଦେଇ ପାରିବାରୁ ଓଡ଼ିଶା ଭିଜିଲାନ୍ସ ଦେବବ୍ରତ ମହିନ୍ତିଙ୍କୁ ଗିରଫ କରିଛି । ଅନ୍ୟପକ୍ଷରେ ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ସେଠାରେ ଜାମିନ ଆବେଦନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ତେବେ ୩୦ ହଜାର ଟଙ୍କାର ଲାଞ୍ଚ ନେଉ ନେଉ ପଦାକୁ ଆସିଲା ଦେବବ୍ରତଙ୍କ ଟଙ୍କାର ପାହାଡ଼ । ସୁରୁଖୁରୁରେ କୋଇଲା ଡିପୋ ଚଲାଇବା ସହ ସୁପରିବହନ ବ୍ୟବସ୍ଥା ପାଇଁ ଜଣେ କୋଇଲା ବ୍ୟବସାୟୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମଙ୍ଗଳବାର ମାଡ଼ି ବସିଥିଲା ଭିଜିଲାନ୍ସ । ଯାହାର ଖୋଳତାଡ଼ କରୁ କରୁ ଖଣି ବାବୁଙ୍କ ଟଙ୍କା ଖଣିର ଗୁମର ଖୋଲିଯାଇଛି । ଲାଞ୍ଚ ନେଇ ଧରା ପଡ଼ିବା ପରେ ଆରମ୍ଭ ହୋଇଥିଲା ଆୟ ବହିର୍ଭୂତ ସମ୍ପତ୍ତିର ଖୋଳତାଡ଼ । ସଂପୃକ୍ତ ଉପନିର୍ଦ୍ଦେଶକଙ୍କ ଘରେ ରାତି ଅଧିଆ ରେଡ୍ କରିଥିଲା ଭିଜିଲାନ୍ସ । ଭୁବନେଶ୍ୱର ସ୍ଥିତ ଶ୍ରୀବିହାର ଘର ସମେତ କଟକ ସ୍ଥିତ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ରେଡ୍ କରିଥିଲା । ଖଣି ଅଧିକାରୀ ଦେବବ୍ରତଙ୍କ ପୈତୃକ ଘର ଭଦ୍ରକ ମଠସାହି ଅଞ୍ଚଳର । ତାଙ୍କର ଭୁବନେଶ୍ୱର ଫ୍ଲାଟରେ ରେଡ୍ ହେଲାରୁ ଟ୍ରଲି ବ୍ୟାଗ୍ ଓ ଆଲମିରାରୁ ଏତେ ନଗଦ ଟଙ୍କା ବାହାରିଛି ।

୨୦୦୪ରେ ମାତ୍ର ୮ ହଜାର ଦରମାରେ କନିଷ୍ଠ ଖଣି ଅଧିକାରୀ ଭାବେ ▶▶ ୬

**ଟପ୍ ୧୦ କୋଟିପତି ବାବୁ**

| ନାମ | ଜବତ ଟଙ୍କା |
|---|---|
| କାର୍ତ୍ତିକେଶ୍ୱର ରାଉଳ(ଅତିରିକ୍ତ ଯନ୍ତ୍ରୀ) | ୩,୪୧,୬୬,୨୮୦ |
| ପ୍ରଶାନ୍ତ କୁମାର ରାଉତ(ଅତିରିକ୍ତ ଉପଜିଲ୍ଲାପାଳ) | ୩,୧୨,୩୦,୮୦୦ |
| ବୈକୁଣ୍ଠନାଥ ଷଡ଼ଙ୍ଗୀ(ମୁଖ୍ୟଯନ୍ତ୍ରୀ) | ୨କୋଟି ୫୬ ଲକ୍ଷ ଟଙ୍କା |
| ସାନ୍ତନୁ ମହାପାତ୍ର(ପ୍ରକଳ୍ପ ଅଧିକାରୀ) | ୨କୋଟି ୮ ଲକ୍ଷ ଟଙ୍କା |
| ଉମେଶ ଚନ୍ଦ୍ର ଜେନା(ଖଣି ଉପନିର୍ଦ୍ଦେଶକ) | ୧,୬୪,୦୦,୦୦୦ |
| ରାମଚନ୍ଦ୍ର ନେପାକ( ଡେପୁଟି ରେଞ୍ଜର) | ୧କୋଟି ୪୩ ଲକ୍ଷ ଟଙ୍କା |
| ଆଶିଷ କୁମାର ଦାସ(ଯନ୍ତ୍ରୀ) | ୧,୪୦,୧୮,୦୭୦ |
| ଶୁକାନ୍ତ ଜେନା(ସ୍ତ୍ରୀ ରୋଗ ବିଶେଷଜ୍ଞ) | ୧,୧୩,୧୬,୭୨୦ |
| ଗୟା ସାନ୍ତରା(ଯୁଗ୍ମ ପରିଚାଳକ) | ୧,୦୬,୪୪,୫୦୦ |
| ସୁଧାଂଶୁ ଶେଖର ମିଶ୍ର(ପୂର୍ବତନ ଡିଏଫ୍‌ଓ) | ୧,୦୧,୭୦,୦୦୦ |

## ପରିବାରର ୪ ଜଣଙ୍କୁ ଗଳାକାଟି ହତ୍ୟା

**ନୂଆଦିଲ୍ଲୀ,୨୫।୨/ଏଜେନ୍ସି:**

ରାଜଧାନୀ ଦିଲ୍ଲୀର ଆଉଟର ନର୍ଥ ଅଞ୍ଚଳରେ ଗୋଟିଏ ପରିବାରର ୪ଜଣଙ୍କୁ ଗଳା କାଟି ହତ୍ୟା କରାଯାଇଛି । ଚନ୍ଦନ ପାର୍କ ଅଞ୍ଚଳରେ ଜଣେ ବ୍ୟକ୍ତି ନିଜର ପତ୍ନୀ ସହ ୩ ଝିଅଙ୍କୁ ଗଳା କାଟି ହତ୍ୟା କରିବା ପରେ ଫେରାର ହୋଇ ଯାଇଛି । ବୁଧବାର ସକାଳେ ଏକ ଛାତିଥରା ଘଟଣା ଦେଖିବାକୁମିଳିଛି । ସର୍ବୋଦୟ ବିଦ୍ୟାଳୟ ନିକଟ ଏକ ଘରୁ ଗୋଟିଏ ପରିବାରର ଚାରି ଜଣଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ମୃତକମାନେ ହେଲେ ଅନିତା (ପତ୍ନୀ) ଏବଂ ତାଙ୍କ ତିନି ଜଣ ନାବାଳିକା ଝିଅ ବୋଲି ଚିହ୍ନଟ କରାଯାଇଛି । ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ରୁମ୍ ଭିତରେ ୪ଟି ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲା ।ଦିଲ୍ଲୀ ପୁଲିସର କହିବା ଅନୁଯାୟୀ ଏହି ଗଣହତ୍ୟାର ସନ୍ଦିଗ୍ଧ ବ୍ୟକ୍ତି ହେଉଛନ୍ତି ଘରର ମୁଖ୍ୟ ଏବଂ ମୃତ ମହିଳାଙ୍କ ସ୍ୱାମୀ ମୁଞ୍ଜନ କେଓ୍ୱାଟ । ବୁଧବାର ସକାଳଠାରୁ ମୁଞ୍ଜନ ନିଖୋଜ ଅଛନ୍ତି ଏବଂ ତାଙ୍କ ଫୋନ୍ ବନ୍ଦ ଅଛି । ମୃତକଙ୍କ ଜଣେ ସମ୍ପର୍କୀୟ କହିଛନ୍ତି ଯେତେବେଳେ ସେ ଘର ଭିତରକୁ ଆସି ଦେଖିଲେ,ମୃତଦେହ ପଡ଼ି ରହିଥିଲା ଏବଂ ସମସ୍ତଙ୍କ ବେକ କଟାଯାଇଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପରିବାରରେ ସେଭଳି କୌଣସି ବିବାଦ ନଥିଲା । ସାଧାରଣ ଏବଂ ଖୁସିରେ ଥିବା ପରିବାର ଥିଲା । ପୁଲିସ ହତ୍ୟାକାଣ୍ଡର କାରଣ ଖୋଜୁଛି । ତଦନ୍ତ ଆର୍ଥିକ ▶▶ ୬

## କିଶୋରୀଙ୍କୁ ସର୍ଭିକାଲ୍ କ୍ୟାନ୍‌ସର ଟିକା

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:**



ଓଡ଼ିଶାରେ କିଶୋରୀ ଓ ମହିଳାଙ୍କ ପାଇଁ ବଡ଼ ଆଶ୍ୱସ୍ତି । ମିଳିବ ମାରାତ୍ମକ 'ସର୍ଭିକାଲ୍ କ୍ୟାନସର' ସୁରକ୍ଷା କବଚ । ଦିଆଯିବ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ଇଞ୍ଜେକ୍ସନ୍ । ସମସ୍ତଙ୍କୁ ଇଞ୍ଜେକ୍ସନ୍ ବା ଟିକା ମାଗଣା ଦିଆଯିବ । ଆସନ୍ତା ୨୮ ତାରିଖରେ ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାରାଦେଶରେ ଏହି ଟିକାକରଣ ଅଭିଯାନର ଶୁଭାରମ୍ଭ କରିବେ । ଓଡ଼ିଶାରେ ମଧ୍ୟ ଆରମ୍ଭ ହେବ ଟିକାକରଣ । ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଜୋରଦାର୍ ପ୍ରସ୍ତୁତି ଆରମ୍ଭ କରିଛି । ଏହା ମହିଳାଙ୍କୁ ସଞ୍ଜିବନୀ ଭଳି କାମ କରିବ । ରାଜ୍ୟରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ▶▶ ୬

**ସୁରକ୍ଷା କବଚ ସାଜିବ ଏଚ୍‌ପିଭି ଇଞ୍ଜେକ୍ସନ୍**

**୨୮ରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ**

## ଆହୁରି ବର୍ଷିବ, ୨୩ ଜିଲ୍ଲାକୁ ଆଲର୍ଟ

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:**



ଓଡ଼ିଶାର ବିଭିନ୍ନ ସ୍ଥାନରେ ମଙ୍ଗଳବାର କାଲିଠାରୁ ବର୍ଷା ଆରମ୍ଭ ହୋଇଛି । କାଳବୈଶାଖୀର ତାଣ୍ଡବ ପରେ ବାୟୁମଣ୍ଡଳ ଥଣ୍ଡା ରହିଛି । ଗତ ଦୁଇ ଦିନ ଧରି କେନ୍ଦ୍ରୀୟ ଭାରତର ଉପରି ଭାଗରେ ଏକ ଟ୍ରପ୍ ଲାଇନ୍ ରହିଥିବା ବେଳେ ଏହାର ପ୍ରଭାବରେ କାଳବୈଶାଖୀ ସ୍ଥିତି ଉପୁଜିଥିଲା । ତେବେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ପବନ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ କହିବା ଅନୁସାରେ ଆଗାମୀ ୨୪ ଘଣ୍ଟାରେ ମଧ୍ୟରେ ଓଡ଼ିଶାର ୨୩ ଜିଲ୍ଲାରେ ବିଜୁଳି ଘଡ଼ଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । ଏହାସହ ଘଣ୍ଟା ପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି । ଯାହାକୁ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ▶▶ ୬

**ନେସେଟ୍‌ରେ ମୋଦୀଙ୍କ ସମ୍ବୋଧନ, ହମାସ୍ ଆକ୍ରମଣକୁ କଲେ ନିନ୍ଦା**

## 'ଇସ୍ରାଏଲ୍ ସହ ଛିଡ଼ା ହୋଇଛି ଭାରତ'


ଇସ୍ରାଏଲ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିମାନବନ୍ଦରରେ ସ୍ୱାଗତ କରୁଛନ୍ତି ।

**ତେଲ ଅଭିଭ୍, ନୂଆଦିଲ୍ଲୀ, ୨୫।୨/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ ଠାରୁ ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ଯାଇ ସେଠାରେ ପହଞ୍ଚିଛନ୍ତି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ତାଙ୍କ ପତ୍ନୀ ସାରା ନେତାନ୍ୟାହୁ ବେନ୍ ଗୁରିଅନ୍ ଇଣ୍ଟରନ୍ୟାସନାଲ୍ ବିମାନବନ୍ଦରରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ପରେ ଏହି ବିମାନବନ୍ଦରରେ ହିଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥିତ ରୁମ୍‌ରେ ନେତାନ୍ୟାହୁ ଏବଂ ମୋଦୀ ବ୍ୟକ୍ତିଗତ ଆଲୋଚନା କରିଥିଲେ । ଏହି ସମୟରେ ସାରା ନେତାନ୍ୟାହୁ ମଧ୍ୟ ଉପସ୍ଥିତ ଥିଲେ । ମୋଦୀଙ୍କ ସ୍ୱାଗତ ପାଇଁ ବିମାନବନ୍ଦରରୁ ମୋଦୀଙ୍କ ଯିବା ରାସ୍ତାଗୁଡ଼ିକରେ ତ୍ରିରଙ୍ଗା ପତାକା ଲଗାଯାଇଥିବା ଦେଖିବାକୁ ମିଳିଛି । ଏଠାରୁ ମୋଦୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ହୋଟେଲ୍‌କୁ ପ୍ରଧାନମନ୍ତ୍ରୀ ମୋଦୀ ଯାଇଥିଲେ ଯେଉଁଠାରେ ତାଙ୍କୁ ପ୍ରବାସୀ ଭାରତୀୟମାନେ ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ ପୂର୍ବକ ସ୍ୱାଗତ କରିଥିଲେ ।

ପରେ ମୋଦୀ ଇସ୍ରାଏଲ୍ ସଂସଦ 'ନେସେଟ୍'କୁ ସମ୍ବୋଧିତ କରିଛନ୍ତି । ନେସେଟ୍‌କୁ ସମ୍ବୋଧିତ କରିବା ପରିପ୍ରେକ୍ଷୀରେ ମୋଦୀ, ଇସ୍ରାଏଲ ଉପରେ ହମାସର ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ । ମୋଦୀ ଇସ୍ରାଏଲ୍‌ବାସୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଆମେ ତୁମର ଯନ୍ତ୍ରଣା ବୁଝିପାରୁଛୁ, ଭାରତ ଦୀର୍ଘ ସମୟ ଧରି ଆତଙ୍କବାଦର ଶିକାର ହୋଇଆସୁଛି । ▶▶ ୬

**ଭାରତରେ ୟିହୁଦୀ ସମ୍ପ୍ରଦାୟ ସୁରକ୍ଷିତ ଜୀବନ ଜିଉଁଛନ୍ତି**

**ମୋଦୀ ମୋ ପାଇଁ ଭାଇ ପରି: ନେତାନ୍ୟାହୁ**

**'ସ୍ପିକର୍ ଅଫ୍ ଦି ନେସେଟ୍ ମେଡାଲ୍'ରେ ସମ୍ମାନିତ କଲେ ଇସ୍ରାଏଲ୍ ବାଚସ୍ପତି**

**ଡ୍ରୋନ୍, ଆଇରନ୍ ଡୋମ୍ ପ୍ରତିରକ୍ଷା ପ୍ରଣାଳୀ ଆମଦାନୀ ଉପରେ ହୋଇପାରେ ଆଲୋଚନା**

**ଭାରତକୁ ଆମେରିକାର ଆଉ ଏକ ଟାରିଫ୍ ଝଟ୍‌କା**

## ସୌର ଆମଦାନୀ ଉପରେ ୧୨୬% ଶୁଳ୍କ

**ଓ୍ୱାଶିଂଟନ୍, ୨୫।୨/ଏଜେନ୍ସି:**



ଭାରତକୁ ପୁଣି ଏକ ଜୋରଦାର ଟାରିଫ୍ ଝଟ୍‌କା ଦେଇଛି ଭାରତ । ଆମେରିକୀୟ ବାଣିଜ୍ୟ ବିଭାଗ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ମଙ୍ଗଳବାର ଅନୁଚିତ୍ ସରକାରୀ ସବ୍‌ସିଡି ଆମେରିକୀୟ ନିର୍ମାତାଙ୍କୁ କ୍ଷତି ପହଞ୍ଚାଉଥିବା ଉଲ୍ଲେଖ କରିବା ପୂର୍ବକ ଭାରତ ଏବଂ କିଛି ଅନ୍ୟ ଦେଶରୁ ସୌର ଆମଦାନୀ ଉପରେ ୧୨୬% ପ୍ରାରମ୍ଭିକ ଶୁଳ୍କ ଲାଗୁ କରିଛି । ତଥ୍ୟ ଅନୁଯାୟୀ, ଆମେରିକା ୨୦୨୪ ମସିହାରେ ଭାରତରୁ ପ୍ରାୟ ୭୯୨.୬ ନିୟୁତ ଡଲାର ମୂଲ୍ୟର ସୌର ଶକ୍ତି ଉତ୍ପାଦ ଆମଦାନି କରିଥିଲା । ଯାହା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ଥିଲା । ଗତ ବର୍ଷ, ଆମେରିକା ଟ୍ରମ୍ପ ପ୍ରଶାସନ ଦ୍ୱାରା ଟାର୍ଗେଟ କରାଯାଇଥିବା ତିନୋଟି ଦେଶ ଭାରତ, ଇଣ୍ଡୋନେସିଆ ଓ ଲାଓସରୁ ପ୍ରାୟ ୪.୫ ବିଲିୟନ ଡଲାର ମୂଲ୍ୟର ସୌର ଉତ୍ପାଦ ଆମଦାନି କରିଥିଲା । ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଏବେ ଭାରତ ତଥା ଅନ୍ୟ କିଛି ଦେଶଙ୍କ ଉପରେ ବର୍ଦ୍ଧିତ ଶୁଳ୍କ ଲାଗୁ କରିବା ପାଇଁ କେବଳ ସୁଯୋଗ ଖୋଜୁଛନ୍ତି ।

ନିକଟରେ ଆମେରିକା ସୁପ୍ରିମକୋର୍ଟ, ଟ୍ରମ୍ପ ସରକାରଙ୍କ ବର୍ଦ୍ଧିତ ଶୁଳ୍କ ନୀତିକୁ ବେଆଇନ୍ ବୋଲି ଦର୍ଶାଇବା ସହ ଏଗୁଡିକୁ ନିଷ୍କ୍ରିୟ କରିଦେଇଥିଲେ । ଜବାବରେ ଟ୍ରମ୍ପ ତୁରନ୍ତ ପ୍ରଭାବୀ କାର୍ଯ୍ୟାଦେଶ ନିର୍ଦ୍ଦେଶ ସହ ତଥା ନିଜ ରାଷ୍ଟ୍ରପତି କ୍ଷମତାର ପ୍ରୟୋଗ ପୂର୍ବକ ୧୫୦ ଦିନ ପର୍ଯ୍ୟନ୍ତ ଏକ ଧାର୍ଯ୍ୟ ଶୁଳ୍କ ଲାଗୁ କରିଦେଇଥିଲେ । ଏହାର କିଛି ଦିନ ମଧ୍ୟରେ ଭାରତ ଉପରେ ଏବେ ସୌର ଆମଦାନୀ ଉପରେ ୧୨୬% ପ୍ରାରମ୍ଭିକ ଶୁଳ୍କ ଲାଗୁ କରିଛନ୍ତି । ତେବେ କେବଳ ଭାରତ ନୁହେଁ ବରଂ ବାକି ୨ ଏସୀୟ ରାଷ୍ଟ୍ର ଯେପରିକି ଇଣ୍ଡୋନେସିଆ ଏବଂ ଲାଓସ୍ ଉପରେ ମଧ୍ୟ ଅତିରିକ୍ତ ଉଚ୍ଚ ଶୁଳ୍କ ଲାଗୁ କରିଛନ୍ତି । ପ୍ରାରମ୍ଭିକ ଶୁଳ୍କ ଇଣ୍ଡୋନେସିଆ ପାଇଁ ୮୬% ରୁ ୧୪୩% ଥିବା ବେଳେ ଲାଓସ ପାଇଁ ୮୧% ପର୍ଯ୍ୟନ୍ତ ରହିଛି । ଏହି ହାରଗୁଡ଼ିକ ବିଦେଶୀ ସବସିଡି ଓ ବଜାର ମୂଲ୍ୟକୁ ହିସାବକୁ ଅନୁସାରେ ଧାର୍ଯ୍ୟ କରାଯାଇଛି। ଭାରତ ପାଇଁ, ଶୁଳ୍କ ୧୨୬% ସ୍ଥିର କରାଯାଇଛି । ତେବେ ଭାରତ ଉପରେ ଏହି ଶୁଳ୍କର ପ୍ରଭାବ ବିଶେଷ ଭାବରେ ସୌର ଶକ୍ତି କ୍ଷେତ୍ରରେ ଅନୁଭୂତ ହେବ । ଏହା କେବଳ ଭାରତରୁ ସୌର ଶକ୍ତି ▶▶ ୬

## ହେମନ୍ତ ସୋରେନ୍‌ଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

# ଇଡିର ମନି ଲଣ୍ଡରିଂ ମାମଲା ଉପରେ ସ୍ଥଗିତାଦେଶ

**ରାଞ୍ଚି, ୨୪ା୨/ଏଜେନ୍ସି:** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ସୋରେନଙ୍କ ବିରୋଧରେ ଟ୍ରାଏଲ୍ କୋର୍ଟରେ ଚଲାଇଥିବା କାର୍ଯ୍ୟଧାରାକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ



ଗଠିତ ଖଣ୍ଡପୀଠ ଇଡିକୁ ଏକ ନୋଟିସ୍ ମଧ୍ୟ ଜାରି କରିଛନ୍ତି। ଖଣ୍ଡପୀଠ ଏହି ନୋଟିସ୍ ମାଧ୍ୟମରେ ଦର୍ଶାଇଛନ୍ତି ଯେ, ଇଡି ପାଖରେ ଅନେକ ବଡ଼ ମାମଲା ସବୁ ରହିଛି, ସେଗୁଡ଼ିକ ଉପରେ ତଦନ୍ତକାରୀ ଏଜେନ୍ସି ଫୋକସ୍ କରିବା ଉଚିତ୍। ନିମ୍ନ ଅଦାଲତ୍‌ଙ୍କ ଆଦେଶ ଉପରେ ସିଜେଆଇ ସୂର୍ଯ୍ୟକାନ୍ତ ବ୍ୟାଙ୍ଗାତ୍ମକ ଭାବେ ମନ୍ତବ୍ୟ ଦେଇ କହିଛନ୍ତି, ଇଡିର ସମସ୍ତ ତଦନ୍ତ ପ୍ରକ୍ରିୟାରେ ହେମନ୍ତ ସୋରେନ୍ ପୂର୍ଣ୍ଣ ସହଯୋଗ କରିଛନ୍ତି। ସୁତରାଂ ତାଙ୍କୁ ନେଇ ଇଡି ଏତେ ମାତ୍ରାରେ ବ୍ୟସ୍ତବିବ୍ରତ ହେବାର ଆବଶ୍ୟକତା ନାହିଁ। ଇଡି ବଡ଼ ମାମଲାଗୁଡ଼ିକ ଉପରେ ନିଜ ଶକ୍ତି କେନ୍ଦ୍ରିତ କରୁ, ଯାହା ସକାରାତ୍ମକ ଫଳାଫଳ ଦେବ। ଇଡି ଓକିଲ କୋର୍ଟରେ କହିଥିଲେ ଯେ ହେମନ୍ତ ସୋରେନଙ୍କୁ ସାତ ଥର ସମନ କରାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ। ଇଡିର ଏହି ଅଭିଯୋଗ ପରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଓକିଲ ମୁକୁଲ ରୋହତଗି ଜବାବ ଦେଇଥିଲେ ଯେ ହେମନ୍ତ ସୋରେନ ତିନି ଥର ହାଜର ହୋଇଥିଲେ କିନ୍ତୁ ତାଙ୍କୁ ଗିରଫ କରାଯାଇଥିଲା।

# ଦୀର୍ଘକାଳୀନ ଯୁଦ୍ଧ ପ୍ରସ୍ତୁତି କରୁଛି ଭାରତ



☞ ବ୍ରହ୍ମୋସ୍ ମିସାଇଲ୍ ଅପେକ୍ଷା 'ବେବି ବ୍ରହ୍ମୋସ୍'କୁ ପ୍ରାଥମିକତା

☞ ମହଙ୍ଗା ଓ ବଡ଼ ପ୍ରତିରକ୍ଷା ସାମଗ୍ରୀ ବଦଳରେ ଶସ୍ତା, ସ୍ୱଦେଶୀ, ମିନି-ମଡେଲ୍‌ଯୁକ୍ତ ଅସ୍ତ୍ର ଭଣ୍ଡାର ଉପରେ ଫୋକସ୍

**ନୂଆଦିଲ୍ଲୀ, ୨୪ା୨/ଏଜେନ୍ସି:** ରୁଷ୍-ୟୁକ୍ରେନ ଏବଂ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷରୁ ଗୋଟିଏ କଥା ତ ସ୍ପଷ୍ଟ ହେଉଛି ଯେ ଭବିଷ୍ୟତରେ ଯେଉଁସବୁ ଯୁଦ୍ଧ ଲଢ଼ାଯିବ ସେସବୁ ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଚାଲିବ। ଏହି ବାସ୍ତବତାକୁ ସ୍ୱୀକାର କରି, ଭାରତ ମଧ୍ୟ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଭାରତୀୟ ସେନାର ଧ୍ୟାନ ଆଉ କେବଳ ମହଙ୍ଗା କ୍ଷେପଣାସ୍ତ୍ର ଉପରେ ନୁହେଁ, ବରଂ 'ମିନି-ମଡେଲ'ଯୁକ୍ତ କ୍ଷେପଣାସ୍ତ୍ର ଭଣ୍ଡାର ଉପରେ ନିବଦ୍ଧ ହୋଇଛି। ପିନାକା ରକେଟ୍ ସିଷ୍ଟମର 'ବାୟୁବାହୀ ସଂସ୍କରଣ'ର ସାମ୍ପ୍ରତିକ ପରୀକ୍ଷଣକୁ ମଧ୍ୟ ଏହି ସିରିଜର ଏକ ଅଂଶ ଭାବରେ ବିବେଚନା କରାଯାଉଛି। ବାସ୍ତବରେ ବ୍ରହ୍ମୋସ ସହିତ ତୁଳନୀୟ ଏହି ପିନାକା ରକେଟ୍‌ର ଅଦ୍ଭୁତ ସଠିକତା ଏବଂ ମାରାତ୍ମକତା ବା ଭୟାବହତାକୁ ଦୃଷ୍ଟିରେ ରଖି ଏହାକୁ ଏବେ 'ବେବି ବ୍ରହ୍ମୋସ' କୁହାଯାଉଛି। ଏହା ଗୋଟିଏ ବ୍ରହ୍ମୋସ ମିସାଇଲ୍ ତୁଳନାରେ ପ୍ରାୟ ୨୦% ଶସ୍ତା ରହୁଛି। ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଧ୍ୟ ବର୍ତ୍ତମାନ ସମୟରେ ଏପ୍ରକାର ଏକ ପରିବର୍ତ୍ତନକୁ ଅତ୍ୟାବଶ୍ୟକ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଯଦି ଆମ ପାଖରେ ସୁଲଭ କିନ୍ତୁ ଉଚ୍ଚ-ପ୍ରଯୁକ୍ତି ଅସ୍ତ୍ର ଅଛି, ତେବେ ଆମେ ଏକ ଦୀର୍ଘ ଯୁଦ୍ଧ (ଉଚ୍ଚ-ଘନତାଯୁକ୍ତ ଯୁଦ୍ଧ)ରେ ଯେକୌଣସି ପ୍ରମୁଖ ଶତ୍ରୁକୁ ପ୍ରତିହତ କରିପାରିବୁ। ରିପୋର୍ଟ ଅନୁସାରେ ପ୍ରତିରକ୍ଷା ସଂସଦୀୟ ସ୍ଥାୟୀ କମିଟି ମଧ୍ୟ ଏହାର ସାମ୍ପ୍ରତିକ ରିପୋର୍ଟରେ ଏହି ରଣନୀତି ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ପ୍ରକାଶ କରିଛି। କମିଟି ଗୁରୁତ୍ୱାରୋପ କରିଥିଲା ଯେ ଏକ ଭୟଙ୍କର ଏବଂ ଦୀର୍ଘକାଳୀନ ଯୁଦ୍ଧ ପରିସ୍ଥିତିରେ, ଭାରତକୁ ଏପରି ଅସ୍ତ୍ରଶସ୍ତ୍ର ଆବଶ୍ୟକ ଯାହା ଘରୋଇ ଭାବରେ ବୃହତ ପରିମାଣରେ ଏବଂ କମ ମୂଲ୍ୟରେ ନିର୍ମିତ ହୋଇପାରିବ। ଏହି ନୀତିର ଅଂଶ ଭାବରେ, ଯୁଦ୍ଧ ସମୟରେ ବିଦେଶୀ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରଶୀଳତା ଏଡାଇବା ପାଇଁ ବଜେଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସ୍ୱଦେଶୀ କ୍ରୟ ପାଇଁ ସଂରକ୍ଷଣ କରାଯାଇଛି।

ଏସବୁ ମଧ୍ୟରେ ଇସ୍ରାଏଲ-ହମାସ ଯୁଦ୍ଧରୁ ଆଉ ଏକ ବଡ଼ ପ୍ରମାଣ ମଧ୍ୟ ମିଳିଛି ଯେ, ଇସ୍ରାଏଲକୁ ହମାସ ବିରୋଧୀ ଯୁଦ୍ଧରେ କିଛି ହଜାର ମୂଲ୍ୟର ରକେଟକୁ ଗୁଳି କରିବା ପାଇଁ କ୍ଷେପଣାସ୍ତ୍ର ପାଇଁ ୫ ମିଲିଅନ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। କିନ୍ତୁ ୟୁକ୍ରେନ ଏବଂ ସୁଦାନ ଭଳି କ୍ଷୁଦ୍ର ଦେଶ ଶସ୍ତା ଡ୍ରୋନ୍ ବ୍ୟବହାର କରି ଶତ୍ରୁ ପକ୍ଷର କୋଟି କୋଟି ଟଙ୍କାର ଟ୍ୟାଙ୍କକୁ ଧ୍ୱଂସ କରିବାରେ ସଫଳ ହୋଇଛନ୍ତି। ରୁଷ୍ ଭଳି ଏକ ବିଶ୍ୱ ମହାଶକ୍ତି ସମ୍ମୁଖରେ ୟୁକ୍ରେନ୍ ଭଳି ଏକ କ୍ଷୁଦ୍ରାତି କ୍ଷୁଦ୍ର ଦେଶ ଦୀର୍ଘ ୪ ବର୍ଷ ଧରି ତିଷ୍ଠି ରହିବା ମଧ୍ୟ ଏହି ରଣନୀତିର ଏକ ଅଂଶବିଶେଷ। ୟୁକ୍ରେନ୍, ସୁଦାନ ବ୍ୟତୀତ ମିଆଁମାରରେ ମଧ୍ୟ ବିଦ୍ରୋହୀମାନେ ସରକାର ଏବଂ ସେନା ସହ ଲଢ଼ିବା ପାଇଁ ଏପ୍ରକାର ସ୍ୱନିର୍ମିତ ଅସ୍ତ୍ରଶସ୍ତ୍ରର ବ୍ୟବହାର କରି ସଫଳ ହୋଇଛନ୍ତି। ଏସବୁ ଘଟଣାକ୍ରମରୁ "ଯୁଦ୍ଧ କେବଳ ବଡ଼ ପରିମାଣର ଅସ୍ତ୍ରଶସ୍ତ୍ର ସହିତ ନୁହେଁ, ବରଂ ଶସ୍ତା ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର ଏକ ବଡ଼ ଭଣ୍ଡାର ସହିତ ମଧ୍ୟ ଜିତିହେବ" ବୋଲି ଏକ ବଡ଼ ଶିକ୍ଷା ମିଳିଛି। ସୁତରାଂ ଭାରତ ଏବେ ଛୋଟ ଅସ୍ତ୍ରଶସ୍ତ୍ରର ଏକ କେନ୍ଦ୍ର ହେବା ଆଡକୁ ଅଗ୍ରସର ହେଉଛି। ଆର୍ମେନିଆ ପରେ, ଫ୍ରାନ୍ସ ଏବେ ପିନାକା ରକେଟ୍ ସିଷ୍ଟମ (ଶିଶୁ ବ୍ରହ୍ମୋସର ଏକ ସଂସ୍କରଣ) ପ୍ରତି ଗଭୀର ଆଗ୍ରହ ଦେଖାଇଛନ୍ତି। ସେହିପରି ଭାରତ ଏବେ ସ୍ୱଦେଶୀ ଶକ୍ତି ସହିତ, ଇସ୍ରାଏଲରୁ 'ଆଇରନ୍ ବିମ୍' ଭଳି ଲେଜର-ଆଧାରିତ ଅସ୍ତ୍ର ପ୍ରଣାଳୀ ହାସଲ କରିବାକୁ ଅଗ୍ରସର ହେଉଛି। ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ମଝି ଆକାଶରେ ରକେଟକୁ ଜାଳିବା ପାଇଁ ମାତ୍ର କିଛି ଟଙ୍କାର ବିଦ୍ୟୁତ୍‌ର ଆବଶ୍ୟକତା ପଡ଼ିଥାଏ।

# ତୁଷାରପାତରେ ଫସିଥିବା ୨୭୦୦ ପର୍ଯ୍ୟଟକ ସୁରକ୍ଷିତ ଉଦ୍ଧାର

**ଗାଙ୍ଗଟକ୍, ୨୪ା୨/ଏଜେନ୍ସି:** ସିକିମ୍‌ର ପୂର୍ବାଞ୍ଚଳରେ ସୋମାଗୋ ହ୍ରଦକୁ ମଙ୍ଗଳବାର ବୁଲିବାକୁ ଆସିଥିବା ୨୭୦୦ରୁ ଅଧିକ ପର୍ଯ୍ୟଟକ ପ୍ରବଳ ତୁଷାରପାତ କାରଣରୁ ସେଠାରେ ଫସି ରହିଥିବା ନେଇ ସମ୍ବାଦ ସାମ୍ନାକୁ ଆସିଥିଲା। ତେବେ ଏତେ ସଂଖ୍ୟକ ପର୍ଯ୍ୟଟକଙ୍କ ଜୀବନ ବିପଦରେ ଥିବା ନେଇ ଚର୍ଚ୍ଚା ମଧ୍ୟରେ ବୁଧବାର ସୁଦ୍ଧା ସମସ୍ତ ପର୍ଯ୍ୟଟକଙ୍କୁ ସ୍ଥାନୀୟ ପ୍ରଶାସନ ସୁରକ୍ଷିତ ଉଦ୍ଧାର କରିନେଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଶୋରାଥାଙ୍ଗ ଓ ଆଖପାଖ ଅଞ୍ଚଳର ଉଚ୍ଚ ସ୍ଥାନରେ ପ୍ରବଳ



ତୁଷାରପାତ ଯୋଗୁ ୨୪ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ବନ୍ଦ ହୋଇଯାଇଥିଲା, ଯାହାଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା ଏବଂ ୫୪୧ ଯାନବାହାନରେ ଥିବା ୨୭ଶହରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ସେଠାରେ ଫସିଯାଇଥିଲେ। ପ୍ରଶାସନର କହିବା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତି ଯାଏଁ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଥିଲା, ଶେଷରେ ବୁଧବାର ସକାଳ ସୁଦ୍ଧା ଉଦ୍ଧାରକାରୀ ଦଳଙ୍କ ସହାୟତାରେ ରାସ୍ତା ଉପରୁ ବରଫ ସଫା କରି ୨୭୩୬ ଜଣ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ପର୍ଯ୍ୟଟନ ବିଭାଗ ପର୍ଯ୍ୟଟକ ଓ ଟୁର୍ ଅପରେଟରମାନଙ୍କୁ ପରାମର୍ଶ ଦେଇଛି ଯେ ସେମାନେ ପାଣିପାଗ ସମ୍ପର୍କିତ ସତର୍କ ସୂଚନାକୁ କଡାକଡି ଭାବେ ମାନନ୍ତୁ ଏବଂ ତୁଷାରପାତ ସମୟରେ ଯାତ୍ରା କରୁଥିଲେ ଯାନ ବାହାନଗୁଡ଼ିକରେ ଆବଶ୍ୟକ ଉପକରଣ ଲଗାନ୍ତୁ। ଯେପରିକି ଗାଡ଼ିକରେ ସ୍ନୋ ଚେନ୍ ଟାୟାରରେ ଲଗାଇବା ନିହାତି ଆବଶ୍ୟକ।

# ୨୬/୧୧ ଭଳି ଆକ୍ରମଣର ଧମକ ଦେଲା ଲସ୍କର



**ନୂଆଦିଲ୍ଲୀ, ଇସଲାମାବାଦ୍, ୨୪ା୨/ଏଜେନ୍ସି:** ଭାରତୀୟ ସେନାର ଅପରେସନ୍ ସିନ୍ଦୂର'ରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା (ଏଲ୍‌ଇଟି)ର ମୁହଁତୋଡ ଏବେ ବି କମିନାହିଁ। ଏଲ୍‌ଇଟି ଏବେ ପୁଣିଥରେ ଭାରତକୁ ଖୁଲମ୍‌ଖୁଲ୍ଲା ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଧମକ ଦେଇଛି। ରିପୋର୍ଟ ଅନୁସାରେ ଏଲ୍‌ଇଟିର ଉପମୁଖ୍ୟ ତଥା ପହଲଗାମ୍ ଆକ୍ରମଣର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସୈଫୁଲ୍ଲା କସୁରୀ, କୋଡ୍ ୱାର୍ଡ୍‌ରେ ଭାରତରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ କରିବା ନେଇ ଚେତାବନୀ ଦେଇଛି। ସୈଫୁଲ୍ଲା କସୁରୀ କହିଛି, ୨୦୨୫ରେ ଆମେ ଆକାଶ ମାର୍ଗରେ ରାଜୁତି କରିଥିଲୁ, ୨୦୨୬ରେ ସମୁଦ୍ରକୁ କବ୍‌ଜା କରିବୁ। ଆକାଶ ଓ ସମୁଦ୍ର ଏକ କୋଡ୍ ଶବ୍ଦ ପରି ମନେ ହେଉଛି, ଯାହା ଉପକୂଳବର୍ତ୍ତୀ ସହରଗୁଡ଼ିକ ଉପରେ ଆକ୍ରମଣକୁ ସୂଚୀତ କରୁଛି। କେବଳ ଏତିକି ନୁହେଁ ବହୁ ପ୍ରତିକ୍ଷିତ ରାମ ମନ୍ଦିର ଉପରେ ମଧ୍ୟ ବଡ଼ଧରଣର ଆକ୍ରମଣ ନେଇ ସୈଫୁଲ୍ଲା ଇସାରା କରିଥିବା ଆଶଙ୍କା କରାଯାଉଛି। ଗୁଇନ୍ଦା ସୂତ୍ର ଅନୁଯାୟୀ, ସୈଫୁଲ୍ଲାର ଏପ୍ରକାର କୋଡ୍‌ୱାର୍ଡ୍‌ରୁ ଆଗାମୀ ଦିନରେ ମୁମ୍ବାଇରେ ୨୬/୧୧ ଆକ୍ରମଣ ଭଳି ପୁନରାବୃତ୍ତିର ଆଭାସ ମିଳୁଛି। ଏସବୁ ମଧ୍ୟରେ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୈଫୁଲ୍ଲା ପାକିସ୍ତାନୀ ସେନା ସହଯୋଗରେ କାମ କରିବା କଥା ଖୋଲାଖୋଲି ଭାବରେ ସ୍ୱୀକାର କରିଛି, ଯାହା ପୁଣି ଥରେ ପ୍ରମାଣିତ କରୁଛି ଯେ ପାକିସ୍ତାନ ଆତଙ୍କବାଦୀଙ୍କ ପାଇଁ ଏକ ଭୂସ୍ୱର୍ଗ ପାଲଟିଛି।

# କେରଳ ପରେ ବଦଳିବ ଦିଲ୍ଲୀର ନାମ

**ନୂଆଦିଲ୍ଲୀ, ୨୪ା୨/ଏଜେନ୍ସି:** ନିକଟରେ କେରଳ ରାଜ୍ୟର ନାମ ପରିବର୍ତ୍ତନ କରି 'କେରଳମ୍' କରିବା ପାଇଁ ଆଗତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ତେବେ ଏହି ସମୟରେ ଏବେ ରାଜଧାନୀ ଦିଲ୍ଲୀର ନାମ ମଧ୍ୟ ପରିବର୍ତ୍ତନ କରିବାକୁ ଦାବି ଜୋର ଧରିଛି। ରିପୋର୍ଟ ଅନୁସାରେ ଦିଲ୍ଲୀର ଚାନ୍ଦନୀଚୌକ୍ ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ଖଣ୍ଡେଲ୍‌ୱାଲ୍ ନିଜ ଚିଠିରେ ଦିଲ୍ଲୀର ନାମ ଇନ୍ଦ୍ରପ୍ରସ୍ଥ ରଖିବାକୁ ଶାହଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଏପରି ପଦକ୍ଷେପ ଭାରତର ରାଜଧାନୀର ଐତିହାସିକ ତଥା ସଭ୍ୟତାଗତ ପରିଚୟକୁ ପୁନଃସ୍ଥାପିତ କରିବ। ସେ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଓ ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏହି ପ୍ରସ୍ତାବ ଉପରେ ଏକ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିବାକୁ ଶାହଙ୍କୁ ଅନୁରୋଧ କରିଛନ୍ତି।

### ନୂଆ ନାମ 'ଇନ୍ଦ୍ରପ୍ରସ୍ଥ' କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି




ଖଣ୍ଡେଲୱାଲ ଚିଠିରେ ଐତିହାସିକ ସାହିତ୍ୟ, ପ୍ରତ୍ନତାତ୍ତ୍ୱିକ ପ୍ରମାଣ ତଥା ଦୀର୍ଘକାଳୀନ ସଭ୍ୟତାଗତ ପରମ୍ପରାକୁ ଯୁକ୍ତି ଭାବେ ଉପସ୍ଥାପନ କରିଛନ୍ତି। ସେ ଲେଖିଛନ୍ତି ବର୍ତ୍ତମାନର ଦିଲ୍ଲୀ ହେଉଛି ପ୍ରାଚୀନ ଇନ୍ଦ୍ରପ୍ରସ୍ଥର ସ୍ଥାନ। ଯାହା ପାଣ୍ଡବମାନଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜଧାନୀ ବୋଲି ବିବେଚନା କରାଯାଇଥାଏ। ମହାକାବ୍ୟ ମହାଭାରତରେ ଏହା ବର୍ଣ୍ଣିତ ହୋଇଛି। ଏତଦ୍‌ବ୍ୟତୀତ ପୁରୁଣା କିଲ୍ଲାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ଦ୍ୱାରା କରାଯାଇଥିବା ଖନନରୁ ପ୍ରାୟ ୩,୦୦୦ ବର୍ଷ ପୁରୁଣା ପ୍ରାଚୀନ ବସତିର ମଧ୍ୟ ପ୍ରମାଣ ମିଳିଛି।

ଚିଠିରେ ଖଣ୍ଡେଲୱାଲ ଦିଲ୍ଲୀର ପ୍ରାଚୀନ ସାଂସ୍କୃତିକ ତଥା ଐତିହାସିକ ପରିଚୟକୁ ପୁନର୍ଜୀବିତ କରିବା ପାଇଁ ପାଣ୍ଡବମାନଙ୍କ ପ୍ରତିମୂର୍ତ୍ତି ଦିଲ୍ଲୀର ପୁରୁଣା କିଲ୍ଲା ଭଳି ଉପଯୁକ୍ତ ସ୍ଥାନରେ ସ୍ଥାପନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରବୀଣ ଖଣ୍ଡେଲୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଏକ ପୃଥକ ଚିଠି ମଧ୍ୟ ଲେଖି ଦିଲ୍ଲୀର ନାମକୁ ଇନ୍ଦ୍ରପ୍ରସ୍ଥ କରିବା ପାଇଁ ଦିଲ୍ଲୀ ବିଧାନସଭାରେ ଏକ ପ୍ରସ୍ତାବ ପାରିତ କରି କେନ୍ଦ୍ର ସରକାରଙ୍କୁ ପଠାଇବାକୁ ଦାବି କରିଛନ୍ତି। ଯାହାଦ୍ୱାରା ନାମକରଣ ପ୍ରକ୍ରିୟା ଆରମ୍ଭ ହୋଇପାରିବ। ଦାବିକୁ ସମର୍ଥନ କରି ଖଣ୍ଡେଲୱାଲ ତାଙ୍କ ଚିଠିରେ ଲେଖିଛନ୍ତି, ବମ୍ବେ, କଲିକତା, ମାଡ୍ରାସ ଓ ବାଙ୍ଗାଲୋରର ପୁରୁଣା ନାମ ଯଥାକ୍ରମେ ମୁମ୍ବାଇ, କୋଲକାତା, ଚେନ୍ନାଇ ଓ ବେଙ୍ଗାଲୁରୁ ଭାବରେ ପରିବର୍ତ୍ତନ ହୋଇସାରିଛି। ସେହିପରି ଆହ୍ଲାବାଦର ନାମ ପ୍ରୟାଗରାଜ ରଖାଯାଇଛି। ଏବେ କେରଳର ନାମ ମଧ୍ୟ ପରିବର୍ତ୍ତନ କରାଯିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ସୁତରାଂ ଏହି ପରିପ୍ରେକ୍ଷୀରେ ଦିଲ୍ଲୀର ନାମ ମଧ୍ୟ ପରିବର୍ତ୍ତନ କରାଯିବା ଉଚିତ୍।

## ୧.୮୬ କୋଟି ଟଙ୍କାର ଡିଜିଟାଲ୍ ଆରେଷ୍ଟ୍ ମାମଲା

# ୬ ରାଜ୍ୟରେ ସିବିଆଇ ଚଢ଼ଉ, ୩ ଗିରଫ

**ନୂଆଦିଲ୍ଲୀ, ୨୪ା୨/ଏଜେନ୍ସି:** ଡିଜିଟାଲ୍ ଆରେଷ୍ଟ ଭଳି ସାଇବର ଅପରାଧ ପ୍ରସଙ୍ଗରେ ସେଣ୍ଟ୍ରାଲ୍ ଇନ୍‌ଭେଷ୍ଟିଗେସନ୍ ବ୍ୟୁରୋ (ସିବିଆଇ) ପକ୍ଷରୁ ବୁଧବାର ୬ଟି ରାଜ୍ୟରେ ବ୍ୟାପକ ତଲାସୀ ଅଭିଯାନ କରିଛି। ବିଶେଷକରି ୧.୮୬ କୋଟି ଟଙ୍କାର ଏକ ବଡ଼ ଧରଣର ସାଇବର ଠକେଇ ମାମଲାରେ ସିବିଆଇ ଆଜି ଦିନରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରକାଶ, ଏହି ମାମଲା କେରଳର କୋଟ୍ଟାୟମ୍ ଜିଲ୍ଲାର ଜଣେ ବରିଷ୍ଠ ନାଗରିକଙ୍କ ଠକେଇ ସହିତ ଜଡିତ। ସୂକ୍ଷ୍ମ ଡିଜିଟାଲ୍ ଫୋରେନ୍ସିକ୍ ଏବଂ ଆର୍ଥିକ ଟ୍ରେଲ୍ ବିଶ୍ଳେଷଣ ମାଧ୍ୟମରେ, ତଦନ୍ତକାରୀମାନେ ବିଭିନ୍ନ ଭାରତୀୟ ରାଜ୍ୟରେ ବ୍ୟାପୀ ଏକ ଜଟିଳ ନେଟୱାର୍କର ପର୍ଦ୍ଦାଫାସ କରିଛନ୍ତି, ଯାହାର ଆନ୍ତର୍ଜାତୀୟ ଲିଙ୍କ୍ ଥିବା ସୂଚନା ରହିଛି। ରିପୋର୍ଟ ଅନୁସାରେ ସିବିଆଇ ପକ୍ଷରୁ ବୁଧବାର ସାଇବର-ଫ୍ରାଡ୍ ଇକୋସିଷ୍ଟମର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉପାଦାନକୁ ଲକ୍ଷ୍ୟ କରି




ସିଙ୍କ୍ରୋନାଇଜ୍ଡ ସର୍ଚ୍ଚ ଏବଂ ଗିରଫ ଅଭିଯାନ ଆରମ୍ଭ କରିଥିଲା। ଗୋଆ, ବେଙ୍ଗାଲୁରୁ (କର୍ଣ୍ଣାଟକ), ପାଲକ୍କଡ (କେରଳ), ନାଗପୁର (ମହାରାଷ୍ଟ୍ର), ହାଇଦ୍ରାବାଦ (ତେଲେଙ୍ଗାନା) ଏବଂ ଦିଲ୍ଲୀର ବିଭିନ୍ନ ସ୍ଥାନରେ ତଲାସୀ କରାଯାଇଥିଲା। ତଲାସୀ ସମୟରେ ତଦନ୍ତକାରୀମାନେ ଡିଜିଟାଲ୍ ଡିଭାଇସ୍, ଡେବିଟ୍ କାର୍ଡ, ବ୍ୟାଙ୍କ ଆକାଉଣ୍ଟ ଡକ୍ୟୁମେଣ୍ଟେସନ୍ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରିଥିଲେ। ଜବତ ପ୍ରମାଣଗୁଡ଼ିକ ବର୍ତ୍ତମାନ ବିସ୍ତୃତ ଯାଞ୍ଚ କରାଯାଉଛି।

ଗୋଆର ଏକ ହୋଟେଲରୁ ଜଣେ ମଲ୍ ଆକାଉଣ୍ଟ୍ ଅପରେଟରଙ୍କୁ ଗିରଫ କରାଯାଇଥିଲା, ଅଭିଯୁକ୍ତ ମଲ୍ ଆକାଉଣ୍ଟ୍ ପରିଚାଳନା କରିବାରେ ଏବଂ ଏହି ଠକେଇ ସହିତ ଜଡିତ କ୍ରିପ୍ଟୋକରେନ୍ସି କାରବାରକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସନ୍ଦେହ କରାଯାଉଛି। ତାଙ୍କ କବଜାରୁ ଅପରାଧମୂଳକ ତଥ୍ୟ ଥିବା ଅନେକ ଡିଜିଟାଲ୍ ଡିଭାଇସ୍ ଜବତ କରାଯାଇଥିଲା। ସେହିପରି ଏକ ସେଲ୍ କମ୍ପାନୀ ମାଧ୍ୟମରେ ମଲ୍ ଆକାଉଣ୍ଟ୍ ପରିଚାଳନା କରିବା ପାଇଁ ଏସେଲ୍ କମ୍ପାନୀ ଅପରେଟରଙ୍କୁ ନାଗପୁରରେ ଗିରଫ କରାଯାଇଥିଲା। ତାଙ୍କ ସହିତ ଜଡିତ ପରିସରରୁ ବହୁ ସଂଖ୍ୟକ ଡେବିଟ୍ କାର୍ଡ ଏବଂ ଡିଜିଟାଲ୍ ଡିଭାଇସ୍ ଉଦ୍ଧାର କରାଯାଇଥିଲା। ବେଙ୍ଗାଲୁରୁରୁ ଜଣେ ସିମ୍ କାର୍ଡ ଠକେଇ ସହାୟକଙ୍କୁ ଗିରଫ କରାଯାଇଥିଲା, ସେ ଜାଲିଆତି ଭାବରେ ସିମ୍ କାର୍ଡ ସଂଗ୍ରହ କରିବାରେ ସମ୍ପୃକ୍ତ ଥିଲା।

## ଅଶ୍ଳୀଳ ବିଷୟବସ୍ତୁ ପ୍ରଦର୍ଶନ ପାଇଁ କାର୍ଯ୍ୟାନୁଷ୍ଠାନ

# ବ୍ୟାନ୍ ହେଲା ଆଉ ୫ ଓଟିଟି ପ୍ଲାଟ୍‌ଫର୍ମ

**ନୂଆଦିଲ୍ଲୀ, ୨୪ା୨/ଏଜେନ୍ସି:** କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ (ଏମ୍‌ଆଇବି) ମଙ୍ଗଳବାର ୫ଟି ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ (ଓଟିଟି)କୁ ଅବରୋଧ କରିଛନ୍ତି। ଯେଉଁ ପ୍ଲାଟଫର୍ମଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେମାନଙ୍କ ମଧ୍ୟରେ ମୁଡ୍‌ଏକ୍ସ ଭିଆଇପି, କୋୟଲ ପ୍ଲେପ୍ରୋ, ଡିଜି ମୁଭିପ୍ଲେକ୍ସ, ଫିଲ୍ ଏବଂ ଜୁଗ୍‌ନୁ ଭଳି ଲୋକପ୍ରିୟ ପ୍ଲାଟଫର୍ମଗୁଡ଼ିକ ଅନ୍ତର୍ଭୁକ୍ତ ରହିଛନ୍ତି। ସରକାର ଦର୍ଶାଇଛନ୍ତି ଯେ, ଏହି ପ୍ଲାଟଫର୍ମଗୁଡ଼ିକ ଅଶ୍ଳୀଳ ଏବଂ ଆପତ୍ତିଜନକ ବିଷୟବସ୍ତୁ ପ୍ରଦର୍ଶନ କରୁଥିଲେ। ଏହି ବିଷୟବସ୍ତୁ ଆଇଟି ଆଇନ ୨୦୦୦, ଆଇଟି ନିୟମ ୨୦୨୧, ଭାରତୀୟ ଦଣ୍ଡ ସଂହିତାର ଧାରା ୨୯୨ ଏବଂ ମହିଳାମାନଙ୍କୁ ଅନୁପଯୁକ୍ତ ଭାବରେ ଚିତ୍ରଣ ସହିତ ଜଡିତ ଆଇନକୁ ଉଲ୍ଲଂଘନ କରୁଥିବା ଜଣାପଡିଛି। ତେବେ ଏହା ପ୍ରଥମ ଥର ନୁହେଁ ଯେତେବେଳେ ସରକାର ଓଟିଟି ପ୍ଲାଟଫର୍ମକୁ ଅବରୋଧ କରିଛନ୍ତି। ଗତ ବର୍ଷ ଭାରତ ସରକାର ଅଶ୍ଳୀଳ ବିଷୟବସ୍ତୁ ଉତ୍ପାଦନ କରୁଥିବା ଉଲ୍ଲୁ-ଅଲ୍‌ଟ୍ ଭଳି ୩୦ରୁ ଅଧିକ ଓଟିଟି ପ୍ଲାଟଫର୍ମକୁ ବ୍ୟାନ୍ କରିଥିଲେ। ଏଲ୍‌ଟ୍ ବାଲାଜୀ ନାମରେ ଏହି ଆପ୍ ଏପ୍ରିଲ୍ ୨୦୧୭ରେ ଫିଲ୍ମ ଏବଂ ଟିଭି ପ୍ରଯୋଜିକା ଏକତା କପୁରଙ୍କ ଦ୍ୱାରା ଲଞ୍ଚ କରାଯାଇଥିଲା। ସେହିପରି ଉଲ୍ଲୁ ଆପ୍‌କୁ ୨୦୧୮ରେ ଆଇଆଇଟି କାନପୁର ସ୍ନାତକ ବିଭୁ ଅଗ୍ରୱାଲ ପ୍ରସ୍ତୁତ କରିଥିଲେ। ତେବେ ସରକାରଙ୍କ ଦ୍ୱାରା ଏସବୁ ଆପ୍‌ଗୁଡିକୁ ବ୍ୟାନ୍ କରାଯାଇସାରିଛି। ଏତଦ୍‌ବ୍ୟତୀ ମାର୍ଚ୍ଚ ୨୦୨୪ରେ, ସରକାର ଅଶ୍ଳୀଳ ବିଷୟବସ୍ତୁ ପାଇଁ ୧୮ଟି ଓଟିଟି ପ୍ଲାଟଫର୍ମକୁ ବ୍ୟାନ୍ କରିଥିଲେ। ୧୯ଟି ୱେବସାଇଟ୍, ୧୦ଟି ଆପ୍ ଏବଂ ୫୭ଟି ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ମଧ୍ୟ ଅବରୋଧ କରାଯାଇଥିଲା।

## ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରେ ବିବାଦୀୟ ବିଷୟବସ୍ତୁ ପ୍ରସଙ୍ଗ

# ନ୍ୟାୟପାଳିକାର ମର୍ଯ୍ୟାଦାହାନିକୁ ବରଦାସ୍ତ କରାଯିବନି: ସିଜେଆଇ

**ନୂଆଦିଲ୍ଲୀ, ୨୪ା୨/ଏଜେନ୍ସି:** ସୁପ୍ରିମକୋର୍ଟଙ୍କ ତୀବ୍ର ଅସନ୍ତୋଷ ପରେ, 'ନ୍ୟାୟିକ ଦୁର୍ନୀତି' ଅଧ୍ୟାୟ ସମ୍ବଳିତ ଏନ୍‌ସିଇଆର୍‌ଟି ବିବାଦୀୟ ପୁସ୍ତକର ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏନ୍‌ସିଇଆର୍‌ଟି ପକ୍ଷରୁ ଏନେଇ ସୁନିଶ୍ଚିତ କରାଯାଇଛି। ଏନ୍‌ସିଇଆର୍‌ଟି ଏବେ ଏସବୁ ବିବାଦୀୟ ଅଂଶଗୁଡ଼ିକୁ ପାଠ୍ୟପୁସ୍ତକରୁ ହଟାଇବା ଉପରେ ଚିନ୍ତା କରୁଛି ବୋଲି ଦର୍ଶାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ପୁସ୍ତକଟିକୁ ୱେବସାଇଟ୍‌ରୁ ମଧ୍ୟ ହଟାଯାଇଥିବା ଜଣାପଡିଛି। ରିପୋର୍ଟ ଅନୁସାରେ ଏନ୍‌ସିଇଆର୍‌ଟି ପକ୍ଷରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ 'ଜୁଡିସିଆରୀ କରପସନ୍' ବା ନ୍ୟାୟପାଳିକାରେ ଦୁର୍ନୀତି ଭଳି ଏକ ବିଷୟକୁ ସାମିଲ୍ କରିଥିଲା। ତେବେ ଏହାକୁ ନେଇ ବିବାଦ ବଢ଼ିବା ସହ କରାଯିବା ନେଇ ଅତ୍ୟନ୍ତ ବିରକ୍ତି ପ୍ରକାଶ କରିଥିଲେ। ସିଜେଆଇ କପିଲ ସିବଲ୍‌ଙ୍କୁ ଏହା ମଧ୍ୟ ଆଶ୍ୱସ୍ତ କରିଛନ୍ତି ଯେ, "ନ୍ୟାୟପାଳିକାର ମର୍ଯ୍ୟାଦାହାନୀ ଭଳି କୌଣସି ଯୁକ୍ତିକୁ ଅନୁମତି ଦିଆଯିବ ନାହିଁ। ନ୍ୟାୟପାଳିକା ଭଳି ଏକ ନ୍ୟାୟିକ ସଂସ୍ଥାକୁ ବଦନାମ୍ କରିବାକୁ କଦାପି ଦିଆଯିବ ନାହିଁ। ତେବେ ଆଇନ ନିଜ କାର୍ଯ୍ୟ କରିବ। ଏହା ଏକ ସୁଚିନ୍ତିତ ଏବଂ ଗଭୀର ଷଡ଼ଯନ୍ତ୍ର ପରି ମନେହୁଏ। ଏପ୍ରକାର ମାମଲାକୁ କିପରି ମୁକାବିଲା କରିବାକୁ ହୁଏ ତାହା ଆମକୁ ଜଣାଅଛି। ଏହି ମାମଲାରେ ଏକ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଶୁଣାଣି ସମୟରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ କହିଥିଲେ,ଏହା ସମ୍ବିଧାନର ମୌଳିକ ଢାଞ୍ଚା ଉପରେ ଏକ ସିଧାସଳଖ ଆକ୍ରମଣ। ପୁସ୍ତକଟି ମୌଳିକ ଢାଞ୍ଚାର ବିରୋଧୀ ପରି ମନେ




### ପୁସ୍ତକ ବିକ୍ରି ବନ୍ଦ କଲା ଏନ୍‌ସିଇଆର୍‌ଟି, ୱେବ୍‌ସାଇଟ୍‌ରୁ ହଟିଲା ବିଷୟବସ୍ତୁ

ଏହା ସୁପ୍ରିମକୋର୍ଟଙ୍କ ଧ୍ୟାନ ଆକର୍ଷଣ କରିଥିଲା। ସୁପ୍ରିମକୋର୍ଟ ଏହି ମାମଲାରେ ସ୍ୱତଃପ୍ରବୃତ୍ତ ଭାବେ ଶୁଣାଣି ଆରମ୍ଭ କରିଛନ୍ତି। ପ୍ରଧାନବିଚାରପତି ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲି ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି।

ବୁଧବାର ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ କପିଲ ସିବଲ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମ୍ମୁଖରେ ଏହି ପ୍ରସଙ୍ଗ ଉଠାଇଥିଲେ। ଅନ୍ୟପକ୍ଷେ ଖଣ୍ଡପୀଠ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ଏଭଳି ଏକ ବିଷୟକୁ ଅନ୍ତର୍ଭୁକ୍ତ ହେଉଛି। ପୁସ୍ତକରେ ଆମ ସମାଜରେ ନ୍ୟାୟପାଳିକାର ଭୂମିକା ଶୀର୍ଷକ ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ସମ୍ପର୍କରେ ରହିଛି। ସେଥିରେ ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ନ୍ୟାୟିକ ବ୍ୟବସ୍ଥା ପାଇଁ ଏକ ଚ୍ୟାଲେଞ୍ଜ୍ ଭାବରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷେ ଏନ୍‌ସିଇଆର୍‌ଟି ଏବେ ଏହି ଅଧ୍ୟାୟକୁ ସାମାଜିକ ବିଜ୍ଞାନରେ ସାମିଲ କରିବାକୁ ପରାମର୍ଶ ଦେଇଥିବା ବିଶେଷଜ୍ଞ ଏବଂ ଏହାକୁ ଅନୁମୋଦନ କରିଥିବା ଅଧିକାରୀଙ୍କ ଏକ ଆଭ୍ୟନ୍ତରୀଣ ବୈଠକ ଡକାଇଥିବା ସୂଚନା ମିଳିଛି।

## ୪୦,୦୦୦ କୋଟିର ଠକେଇ ମାମଲା: ଅନିଲ୍ ଅମ୍ବାନୀଙ୍କୁ ଜୋର୍‌ଦାର୍ ଝଟ୍‌କା

# ୩,୭୧୬ କୋଟିର ୧୭ ମହଲା ଘର ଜବତ କଲା ଇଡି

**ମୁମ୍ବାଇ, ୨୪ା୨/ଏଜେନ୍ସି:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ମୁମ୍ବାଇର ପାଲିହିଲ୍ ସ୍ଥିତ ୧୭ ମହଲା ବିଶିଷ୍ଟ (୬୬ ମିଟର ଉଚ୍ଚ) ଆଲିସାନ୍ ବଙ୍ଗଳା 'ଆବୋଡ୍'କୁ ଜବତ କରିଛି। ଏଥିସହ ଏହି ସମ୍ପତ୍ତିକୁ ତଦନ୍ତ ପ୍ରକ୍ରିୟା ଅନ୍ତର୍ଗତ ସିଜ୍ ସମ୍ପତ୍ତି ତାଲିକାରେ ମଧ୍ୟ ଆଟାଚ୍ କରିବାକୁ ଏକ ଅସ୍ଥାୟୀ ନିର୍ଦ୍ଦେଶ ଜାରି କରିଛି। ଅନିଲ ଅମ୍ବାନୀଙ୍କ ବିରୋଧରେ ରୁଜୁ ୪୦,୦୦୦ କୋଟି ଟଙ୍କାର ବ୍ୟାଙ୍କ୍ ଠକେଇ ମାମଲାର ଅଂଶ ବିଶେଷ ଭାବେ ବୁଧବାର ଇଡି ପକ୍ଷରୁ ଅନିଲ୍ ଅମ୍ବାନୀଙ୍କ ଏହି ସୁଉଚ୍ଚ ଘରକୁ ଇଡି ନିଜ ହେପାଜତ୍‌କୁ ନେଇଛି। ଜବତ ହୋଇଥିବା ଏହି ବିଲ୍ଡିଂର ମୂଲ୍ୟ ପ୍ରାୟ ୩,୭୧୬ କୋଟି ହେବ ବୋଲି ଆକଳନ କରାଯାଇଛି। ଅନିଲ୍ ଅମ୍ବାନୀଙ୍କ ଏହି ବଙ୍ଗଳାକୁ ଦେଶର ସବୁଠାରୁ ମହଙ୍ଗା ଆବାସିକ ଘର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଇଡି ଏବେ ଏହି ସମ୍ପତ୍ତିକୁ ଆଟାଚ୍ କରିବା ପାଇଁ ଏକ ଏକ ବ୍ୟାଙ୍କ ଠକେଇ ମାମଲାର ଦୀର୍ଘ ସମୟ ଧରି ତଦନ୍ତ ପରେ କେନ୍ଦ୍ରୀୟ ଏଜେନ୍ସି ଏହି ବଡ଼ ପଦକ୍ଷେପ ନେଇଛି। ଅଭିଯୋଗ ହେଉଛି ଯେ ବ୍ୟାଙ୍କରୁ ନିଆଯାଇଥିବା ଋଣ ରାଶିକୁ ଅପବ୍ୟବହାର କରାଯାଇ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା। ଇଡି ବହୁ ସମୟ ଧରି



ଅନିଲ ଅମ୍ବାନୀ ଏବଂ ତାଙ୍କ ଗୋଷ୍ଠୀର ଆର୍ଥିକ କାରବାରର ତଦନ୍ତ କରିଆସୁଛି। ଇଡି ପକ୍ଷରୁ ଏନେଇ ଦିଆଯାଇଥିବା ସୂଚନାନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଅନିଲ ଅମ୍ବାନୀଙ୍କ କମ୍ପାନୀ ଆର୍‌କମ୍ ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକ ବିରୁଦ୍ଧରେ ଚାଲିଥିବା ତଦନ୍ତର ଏକ ଅଂଶ। ଏହି କାର୍ଯ୍ୟାନୁଷ୍ଠାନ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ନିଆଯାଇଛି। ଏହି ମାମଲା ତାଙ୍କ ଗୋଷ୍ଠୀ କମ୍ପାନୀ, ରିଲାଏନ୍ସ କମ୍ୟୁନିକେସନ୍ସ (ଆର୍‌କମ୍) ଦ୍ୱାରା କରାଯାଇଥିବା କଥିତ ବ୍ୟାଙ୍କ ଠକେଇ ସହିତ ଜଡିତ। ଯଦି ଅନିଲ୍‌ଙ୍କ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗ କୋର୍ଟରେ ପ୍ରମାଣିତ ହୁଏ, ତେବେ ବ୍ୟାଙ୍କଗୁଡ଼ିକୁ ବକେୟା ପାଉଣା ଆଦାୟ କରିବା ପାଇଁ ଭବିଷ୍ୟତରେ ବଙ୍ଗଳା ନିଲାମ କରାଯାଇପାରେ। ତଥାପି, ଅନିଲ ଅମ୍ବାନୀ ଏହି ଆଦେଶ ବିରୁଦ୍ଧରେ ଟ୍ରିବ୍ୟୁନାଲ କିମ୍ବା ଉଚ୍ଚ ନ୍ୟାୟାଳୟରେ ଆବେଦନ କରିପାରିବେ। ଏପର୍ଯ୍ୟନ୍ତ ଅନିଲ୍‌ଙ୍କ ଅନେକ ସମ୍ପତ୍ତିକୁ ଇଡି ଆଟାଚ୍ କରିସାରିଛି। ସଂଲଗ୍ନ ସମ୍ପତ୍ତିଗୁଡ଼ିକ ଦିଲ୍ଲୀ, ନୋଏଡା, ଗାଜିଆବାଦ, ମୁମ୍ବାଇ, ପୁଣେ, ଥାନେ, ହାଇଦ୍ରାବାଦ, ଚେନ୍ନାଇ, କାଞ୍ଚିପୁରମ ଏବଂ ପୂର୍ବ ଗୋଦାବରୀ ଭଳି ସହରରେ ଅବସ୍ଥିତ। ମୋଟାମୋଟି ଏପର୍ଯ୍ୟନ୍ତ ଅନିଲ୍‌ଙ୍କର ପ୍ରାୟ ୧୫,୦୦୦ କୋଟି ମୂଲ୍ୟର ସମ୍ପତ୍ତି ଆଟାଚ୍ କରାଯାଇଛି।

ହୋର୍ଡିଂ ଖସି ୨ ଜଣଙ୍କ ମୃତ୍ୟୁ ଘଟଣା

# ସିଏମ୍ଆର୍ଏଫ୍‌ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଭୁବନେଶ୍ୱର ଆଇଗିଣିଆରେ ହୋର୍ଡିଂ ପଡ଼ି ୨ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ଉଭୟ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ(ସିଏମ୍ଆର୍ଏଫ୍)ରୁ ଏହି ଅନୁକମ୍ପା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଏକ୍ସ'ରେ ଏହା ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ମଙ୍ଗଳବାର କାଳବୈଶାଖୀରେ ଭୁବନେଶ୍ୱର ଆଇଗଣିଆ ନିକଟରେ ଏକ ହୋର୍ଡିଂ ଭୁଶୁଡ଼ି ପଡ଼ି ଏକ ପାନ ଦୋକାନ ଉପରେ ପଡ଼ିଥିଲା। ହୋର୍ଡିଂ ତଳେ ଚାପି ହୋଇ ଟୁନା ଗୌଡ ଓ ସଚ୍ଚିଦାନନ୍ଦ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା।

ଅନ୍ୟପକ୍ଷରେ ଆସନ୍ତା ମାର୍ଚ୍ଚ ୬ତାରିଖ ପରଠୁ ରାଜଧାନୀ ଭୁବନେଶ୍ୱରରୁ ବେଆଇନ ବିଜ୍ଞାପନ ହୋର୍ଡିଂକୁ ହଟାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ନିଷ୍ପତ୍ତି ନେଇଛି। ଘଟଣାସ୍ଥଳ ପରିଦର୍ଶନ ପରେ ବିଏମ୍ସି ମେୟର ସୁଲୋଚନା ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସହରବାସୀଙ୍କ ଜୀବନ ସହ କୌଣସି ପ୍ରକାରର ସାଲିସ କରାଯିବ ନାହିଁ। ଧନ ଅପେକ୍ଷା ଜୀବନ ମୂଲ୍ୟବାନ। ଅସୁରକ୍ଷିତ ହୋର୍ଡିଂଗୁଡ଼ିକୁ ସମ୍ପୂର୍ଣ୍ଣ ହଟାଇ ଦିଆଯିବ। ଏଥିପାଇଁ ଆସନ୍ତା ମାର୍ଚ୍ଚ ୬ତାରିଖରୁ ବିଏମସି ପକ୍ଷରୁ ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯିବ। ଯେଉଁ ହୋର୍ଡିଂଗୁଡ଼ିକ ପାଖରେ ବୈଧ ଷ୍ଟ୍ରକଚରାଲ ପ୍ରମାଣପତ୍ର ନଥିବ ସେଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରାଯିବ।

ଖଣି ବାବୁଙ୍କ ଘରେ ଚଢ଼ଉ ଘଟଣା

# ଦୁର୍ନୀତିଗ୍ରସ୍ତଙ୍କ ପାଇଁ ଆଇ ଓପନର୍: ଆଇନମନ୍ତ୍ରୀ



**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଖଣି ଉପ-ନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ଘରେ ଭିଜିଲାନ୍ସ ରେଡ ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଯିଏ ଯିଏ ଦୁର୍ନୀତିରେ ଲିପ୍ତ ଅଛନ୍ତି ଏହା ସେମାନଙ୍କ ପାଇଁ ଆଇ ଓପନର। ଆମ ସରକାରରେ ଭିଜିଲାନ୍ସ ଚଢ଼ଉ ଏକ ନିରନ୍ତର ପ୍ରକ୍ରିୟା। ଆଗାମୀ ଦିନରେ ଚଢ଼ଉ ଆହୁରି ତୀବ୍ରତର ହେବ। ଦୁର୍ନୀତି ବିରୁଦ୍ଧରେ ଆମ ସରକାରର ଶୂନ୍ୟ ସହନଶୀଳତା ନୀତି ରହିଆସିଛି। ଯିଏ ଦୁର୍ନୀତି କରିବେ ସେ ଅସୁବିଧାରେ ପଡ଼ିବେ, ସେଇ ଆଧାରରେ ସରକାର ଆଗେଇ ଚାଲିଛନ୍ତି। ଯିଏ ଯିଏ ଦୁର୍ନୀତିରେ ଲିପ୍ତ ଅଛନ୍ତି ଏହା ସେମାନଙ୍କ ପାଇଁ ଆଇ ଓପନର ହେଉ, କରପ୍ଟ ପ୍ରାକ୍ଟିସ୍ ବନ୍ଦ ହେଉ। ଆମ ସରକାରରେ ଭିଜିଲାନ୍ସ ଚଢ଼ଉ ଆଗାମୀ ଦିନରେ ଆହୁରି ତୀବ୍ରତର ହେବ ବୋଲି ସେ କହିଛନ୍ତି।

ଶିଳ୍ପମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଶିଳ୍ପାୟନ ହିଁ ରାଜ୍ୟର ଅର୍ଥନୈତିକ ପ୍ରଗତିର ମୂଳଦୁଆ



**ଭୁବନେଶ୍ୱର,୨୫।୨ /ଏନ୍ଏନ୍ଏସ୍:** ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅଣ୍ଟା ଭିଡ଼ିଛି ଶିଳ୍ପ ବିଭାଗ। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଭାଗୀୟ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଡକୋ ଏବଂ ଇପିକଲର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦିତ ଶିଳ୍ପ ପ୍ରକଳ୍ପଗୁଡ଼ିକର କିପରି ଶୀଘ୍ର ବାସ୍ତବ ରୂପାୟନ କରାଯାଇପାରିବ, ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ ଏକ ଟିମ୍ ହୋଇ ଏବଂ ସମୟବଦ୍ଧ ଭାବେ କାର୍ଯ୍ୟ କରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ଏଥିରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂର୍ତ୍ତି ତଥା ଜୁନ୍ ୨୦୨୬ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶର ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ସେ ଶିଳ୍ପ ବିଭାଗକୁ ଟାର୍ଗେଟ୍ ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପାୟନ ହିଁ ରାଜ୍ୟର ଅର୍ଥନୈତିକ ପ୍ରଗତିର ମୂଳଦୁଆ। ଏସଏଲଏସ ଡବ୍ଲ୍ୟୁସିଏ ଏବଂ ଏଚଏଲସିଏ ଦ୍ୱାରା ମୋଟ ୩୯୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ମୋଟ ୮.୧୫ ଲକ୍ଷ କୋଟି ଟଙ୍କା ନିବେଶ ହୋଇଥିବା ବେଳେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ୨.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୧୦୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କିମ୍ବା ଉଦଘାଟନ ସରିଛି, ଯାହା ମାଧ୍ୟମରେ ପ୍ରାୟ ୧.୭୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଛି। ବାକି ରହିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟର ଯୁବପିଢ଼ିଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି କରିବାକୁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

❄ ଉତ୍ତରପ୍ରଦେଶ ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ ❄

# ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ: ମୁଖ୍ୟମନ୍ତ୍ରୀ







**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଶ୍ରୀ ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ ମାତ୍ର ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ ବୋଲି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ଗଙ୍ଗା ଆଳତୀରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି। ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହିତ ଜଡ଼ିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ ଏବଂ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧେ ବୋଲି ସେ ଉଲ୍ଲେଖ କରିଥିଲେ। ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି। ସେ ପ୍ରକୃତି ସଂରକ୍ଷଣ, ଗଙ୍ଗା ସ୍ୱଚ୍ଛତା ଓ ମାନବ ସେବା କ୍ଷେତ୍ରରେ ସ୍ୱାମୀଜୀଙ୍କ ଅବଦାନକୁ ସ୍ମରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ପ୍ରାଚୀନକାଳରୁ ପ୍ରୟାଗରାଜ ଋଷି ଓ ମୁନିମାନଙ୍କ ତପୋଭୂମି ଭାବେ ପରିଚିତ ଓ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ। ସେ ଆଶା ପ୍ରକାଶ କରିଥିଲେ ଯେ ଏହି ମନ୍ଦିର ଆଗାମୀ ଦିନରେ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହିତ ମାନବତା, ସେବା ଓ ଶାନ୍ତିର ସନ୍ଦେଶ ପ୍ରସାର କରିବ। ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତର ପ୍ରଦେଶର ଜଳ୍ ଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ୍ ସିଂହ, ଓଡ଼ିଶାର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏବଂ ଶହ ଶହ ସାଧୁ ସନ୍ଥ ଯୋଗ ଦେଇଥିଲେ।

'ଗ୍ରାମୀଣ-ସହରୀ ରୂପାନ୍ତରଣ' ପାଇଁ ୨୦୦ କୋଟିର ସ୍ୱତନ୍ତ୍ର ପାଣ୍ଠି

# ଦ୍ରୁତ ଅଭିବୃଦ୍ଧିଶୀଳ ସହର ଉପକଣ୍ଠକୁ ମିଳିବ ନୂଆ ରୂପ

**ଭୁବନେଶ୍ୱର,୨୫।୨ /ଏନ୍ଏନ୍ଏସ୍:** ରାଜ୍ୟର ବିକାଶ ଯାତ୍ରାକୁ ଏକ ନୂତନ ଦିଗ ଦେବା ପାଇଁ ଓଡ଼ିଶା ସରକାର ଗ୍ରହଣ କରିଛନ୍ତି ଏକ ଐତିହାସିକ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ 'ଗ୍ରାମୀଣ-ସହରୀ ରୂପାନ୍ତରଣ' କାର୍ଯ୍ୟକ୍ରମ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାମ ପଞ୍ଚାୟତ ଓ ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ସୁନିୟନ୍ତ୍ରିତ, ସ୍ଥାୟୀ ଓ ଅନ୍ତର୍ଭୁକ୍ତୀମୂଳକ ସହରୀକରଣ ଦିଗକୁ ନେଇଯିବା ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ଅର୍ଥନୈତିକ ଗତିଶୀଳତା ସହିତ ଅନେକ ସହର ଉପକଣ୍ଠ ଅଞ୍ଚଳ ସ୍ୱାଭାବିକ ଭାବରେ ସହରୀ କ୍ଲଷ୍ଟରରେ ପରିଣତ ହେଉଛି। ଯଦି ଏହାକୁ ଯୋଜନାବଦ୍ଧ ଭାବେ ପରିଚାଳନା କରାଯାଇନଥାଏ, ତେବେ ଅଣପରିକଳ୍ପିତ ବସତି, ଅପର୍ଯ୍ୟାପ୍ତ ଭିତ୍ତିଭୂମି ଓ ପରିବେଶ ଚାପ ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଏହି ପରିପ୍ରେକ୍ଷିତରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବପ୍ରସ୍ତୁତିମୂଳକ ଓ ବୈଜ୍ଞାନିକ ଢାଞ୍ଚାରେ ଏହି କାର୍ଯ୍ୟକ୍ରମ ରୂପାୟଣ ଆରମ୍ଭ ହେବ। ଏହି ପଦକ୍ଷେପ କେବଳ ଏକ ପ୍ରଶାସନିକ ଶ୍ରେଣୀଭୁକ୍ତିରେ ସୀମିତ ନୁହେଁ ବରଂ "ପ୍ରଶାସନିକ ପ୍ରସ୍ତୁତି" ଓ "ଭିତ୍ତିଭୂମି ସୁଦୃଢ଼ୀକରଣ" ଉପରେ ଏହାର ମୁଖ୍ୟ ଗୁରୁତ୍ୱ। କୌଣସି ଅଞ୍ଚଳକୁ ଆନୁଷ୍ଠାନିକ ଭାବେ ସହର ଘୋଷଣା ପୂର୍ବରୁ ସେଠାରେ ଆବଶ୍ୟକ ସହରୀ ସୁବିଧା ଓ ସେବା ଯୋଗାଣ ସୁନିଶ୍ଚିତ କରାଯିବ।

ରୂପାନ୍ତରଣ ଢାଞ୍ଚାର ମୁଖ୍ୟ ଦିଗଗୁଡ଼ିକ ସହର ଉପକଣ୍ଠ ଅଞ୍ଚଳର ସୁନିୟନ୍ତ୍ରିତ ଓ ଶୃଙ୍ଖଳିତ ବିକାଶ, ଯାହା ଅଣପରିକଳ୍ପିତ ସମ୍ପ୍ରସାରଣକୁ ରୋକିବ। ପ୍ରାରମ୍ଭିକ ପର୍ଯ୍ୟାୟରୁ ସହର ଅନୁରୂପ ନାଗରିକ ସୁବିଧା ଜଳ ନିଷ୍କାସନ, ବର୍ଜ୍ୟବସ୍ତୁ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍ ଓ ଆଧାରଭୂତ ଭିତ୍ତିଭୂମି। ଜଳବାୟୁ ସହନଶୀଳତାକୁ ଗୁରୁତ୍ୱ ଦେଇ ସନ୍ତୁଳିତ ଓ ନିୟନ୍ତ୍ରିତ ଜମି ବ୍ୟବହାର ଓ ଗ୍ରାମୀଣ ପ୍ରଶାସନରୁ ସହରୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଚାରୁ ରୂପାନ୍ତରଣ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସକ୍ଷମ କରିବା। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି "ଓଡ଼ିଶା ଆଜି ସହରୀକରଣର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ଅଛି। ସହରୀକରଣ ଅନିବାର୍ଯ୍ୟ, କିନ୍ତୁ ଅଣପରିକଳ୍ପିତ ସହରୀକରଣକୁ ନିଶ୍ଚୟ ଏଡ଼ାଯାଇପାରିବ। ୨୦୦ କୋଟି ଟଙ୍କାର ଏହି ପାଣ୍ଠି ସହିତ ଆମେ ପୂର୍ବପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରୁଛୁ। ଆଜିର ଯୋଜନାବଦ୍ଧ ପଦକ୍ଷେପ ଆଗାମୀ ଦିନର ସୁସଂଗଠିତ ଓ ପ୍ରଗତିଶୀଳ ଓଡ଼ିଶାର ଭିତ୍ତି ସୃଷ୍ଟି କରିବ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି "ଆମ ଲକ୍ଷ୍ୟ ହେଉଛି ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ବୈଜ୍ଞାନିକ ଓ ଡାଟା-ଭିତ୍ତିକ ଯୋଜନା ମାଧ୍ୟମରେ ସୁନିୟନ୍ତ୍ରିତ ଭାବେ ବିକଶିତ କରିବା। ଭିତ୍ତିଭୂମିର ମାନଦଣ୍ଡ ପୂର୍ବରୁ ନିର୍ଦ୍ଧାରଣ କରି ଆମେ ସୁନିଶ୍ଚିତ କରୁଛୁ ଯେ ବିକାଶ ସ୍ଥାୟୀ, ସମନ୍ୱିତ ଓ ନାଗରିକ-କେନ୍ଦ୍ରିତ ହେବ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ବୈଷୟିକ ଜ୍ଞାନର ବ୍ୟବହାର ଏବଂ ଯଥାସମୟରେ ନିରୀକ୍ଷଣ ମାଧ୍ୟମରେ ଏହି ରୂପାନ୍ତରଣ କାର୍ଯ୍ୟକ୍ରମକୁ ଗତିଶୀଳ କରାଯିବ। ଏହା ଗ୍ରାମୀଣ ଓ ସହରୀ ସୀମାରେ ଥିବା ବ୍ୟବଧାନକୁ କମେଇବା ସହ ବିଦ୍ୟମାନ ସହରଗୁଡ଼ିକ ଉପରେ ଭିତ୍ତିଭୂମି ଚାପ ହ୍ରାସ କରିବ ଏବଂ ନୂତନ ବିକାଶ କେନ୍ଦ୍ରଗୁଡ଼ିକୁ ଭବିଷ୍ୟତ ପାଇଁ ସୁସଜ୍ଜିତ କରିବ। ଏହି ପଦକ୍ଷେପ ସହ ଓଡ଼ିଶା ନଗର ଯୋଜନା ଓ ପରିଚାଳନାରେ ଏକ ନୂଆ ମାନକ ସ୍ଥାପନ କରିବାକୁ ଅଗ୍ରସର ହୋଇଛି।

# 'ଟୋକନ ସମୟ ସମାପ୍ତ ହୋଇଗଲେ ବି ବଢ଼ିବ ଧାନକିଣା ଅବଧି'



**ଭୁବନେଶ୍ୱର,୨୫।୨ /ଏନ୍ଏନ୍ଏସ୍:** ଟୋକନ ସମୟ ସମାପ୍ତ ହୋଇଗଲେ ମଧ୍ୟ ଆଉ ୧୫ ଦିନ ପର୍ଯ୍ୟନ୍ତ ଧାନକିଣା ଅବଧି ବଢ଼ାଯିବ। ରାଜ୍ୟରେ ସମସ୍ତ ଜିଲ୍ଲାପାଳ ଏହି ଅବଧି ସମୟ ବଢ଼ାଇ ପାରିବେ। ବିଳମ୍ବ କିମ୍ବା ସମସ୍ୟା ଯୋଗୁ ରାଜ୍ୟର ଚାଷୀଙ୍କୁ ବାଦ୍ ଦିଆଯିବ ନାହିଁ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନକିଣା ଜାରି ରହିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହା ଅର୍ଥ ଧାନ କିଣା ଅବଧି ଆବଶ୍ୟକତା ଅନୁଯାୟୀ ବୃଦ୍ଧି ପାଇବ, ଯାହାଦ୍ୱାରା ଚାଷୀମାନେ ସୁବିଧା ପାଇବେ। ପୂର୍ବରୁ ଧାନ କ୍ରୟ ପ୍ରକ୍ରିୟାରେ କିଛି ବିଳମ୍ବ ଓ ଅଭିଯୋଗ ଥିବାବେଳେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ସରକାର ସବୁ ଧାନ ଉଠାଇବାକୁ ପ୍ରତିବଦ୍ଧ। ମିଲର୍ସ ଓ ଚାଷୀଙ୍କ ସହ ଆଲୋଚନା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଚଳିତ ସିଜନ୍‌ରେ ଧାନ ଉତ୍ପାଦନ ଅଧିକ ହୋଇଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ଚାଷୀମାନେ ଚିନ୍ତା କରନ୍ତୁ ନାହିଁ। ସରକାରୀ ଏମଏସ୍‌ପି ଅନୁଯାୟୀ ଧାନ ବିକ୍ରି ସୁନିଶ୍ଚିତ ହେବ।

# ଜାତୀୟ ମାନବାଧିକାର ଆୟୋଗ ମନିଟରଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୨୫।୨ /ଏନ୍ଏନ୍ଏସ୍:** ଜାତୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ମନିଟର ବାଲକ୍ରୀଷ୍ଟ ଗୋଏଲ ୬ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସେ ଓଡ଼ିଶା ଗସ୍ତରେ ରହିବେ। ଆଜି ଅପରାହ୍ଣରେ ସେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଭୁବନେଶ୍ୱର ଉପଜିଲ୍ଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ଆଜି ସେ ସିଆରପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସେଠାରେ ସେ ହିତାଧିକାରୀଙ୍କୁ ସହ ଆଲୋଚନା କରି ରାସନର ସମୟୋଚିତ ବଣ୍ଟନ, ଚାଉଳର ଗୁଣମାନ, ରେକର୍ଡ ଓ ରେଜିଷ୍ଟରର ରକ୍ଷଣାବେକ୍ଷଣ ସମ୍ପର୍କରେ ପଚାରିଥିଲେ। ପିଡିଏସ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ପ୍ରତି ସେ ସନ୍ତୋଷ ବ୍ୟକ୍ତ କରିଥିଲେ ଓ ସରକାରୀ ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ନିରୀକ୍ଷଣ ସମୟରେ ସିଏସଓ ଖୋର୍ଦ୍ଧା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ସୁଭଦ୍ରା ମହତାବ ସେବା ସଦନ ସ୍ପେଶାଲ ଆଡପସନ ସେଣ୍ଟର,ଖ ଣ୍ଡଗିରିର କେନ୍ଦ୍ରକୁ ଯାଇ ୬ ବର୍ଷରୁ କମ ବୟସର ଅନାଥ ଓ ଅସହାୟ ଶିଶୁମାନଙ୍କ ସହ ସମୟ ବିତାଇଥିଲେ। ସେ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ତଥ୍ୟ ମଧ୍ୟ ନେଇଥିଲେ। କର୍ମଚାରୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ପ୍ରଣାଳୀ ଚାଲୁ କରିବା ସହ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଖୋର୍ଦ୍ଧା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଯତ୍ନ କେନ୍ଦ୍ରର ଅଧ୍ୟକ୍ଷ ଓ ସଚିବ ଉପସ୍ଥିତ ଥିଲେ। ପ୍ରଥମ ଦିନର ଗସ୍ତ ଅବସରରେ ସେ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟର ଅଗ୍ରଗତି ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ।

ଓଡ଼ିଶାରେ 'ପିଏମ୍ ରାହତ' ଯୋଜନା ଆରମ୍ଭ ପ୍ରସ୍ତୁତି

# ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ଚିକିତ୍ସିତ ହେଲେ ମିଳିବ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା

**ଭୁବନେଶ୍ୱର,୨୫।୨ /ଏନ୍ଏନ୍ଏସ୍:** ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର 'ପ୍ରଧାନମନ୍ତ୍ରୀ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ସ ହସ୍ପିଟାଲାଇଜେସନ ଆଣ୍ଡ ଆସ୍ୟୁର୍ଡ ଟ୍ରିଟମେଣ୍ଟ' ( ପିଏମ ରାହତ ) ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବାଣିଜ୍ୟ ଓ ପରିବହନ ବିଭାଗ କମିଶନର ତଥା ଶାସନ ସଚିବ ଏନ.ବି.ଏସ୍ ରାଜପୁତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ମିଶନ ନିର୍ଦ୍ଦେଶିକା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡଃ. ବୃନ୍ଦା ଡି, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଡିଜିପି(କ୍ରାଇମ ବ୍ରାଞ୍ଚ ) ବିନୟତୋଷ ମିଶ୍ରଙ୍କ ସମେତ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ନୂତନ ଯୋଜନାରେ, ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୭ ଦିନ ପର୍ଯ୍ୟନ୍ତ କିମ୍ବା ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏହି ବ୍ୟବସ୍ଥା ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ ହେବ ଏବଂ ଏହାର ସମସ୍ତ ଖର୍ଚ୍ଚ ମୋଟର ଭେହିକିଲ ଆକ୍ସିଡେଣ୍ଟ ଫଣ୍ଡରୁ ଭରଣା କରାଯିବ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ପହଞ୍ଚାଇବା ପାଇଁ ଏହାକୁ ୧୧୨ ଜରୁରୀକାଳୀନ ସେବା ସହିତ ସଂଯୋଗ କରାଯାଇଛି, ଯାହାଫଳରେ ଘଟଣାସ୍ଥଳରେ ତୁରନ୍ତ ସହାୟତା ପହଞ୍ଚିପାରିବ। ତତ୍ ସହିତ ଏସ୍ଏମ୍ଏସ୍ ଜରିଆରେ ଜରୁରୀ ସୂଚନା ଏବଂ ଚିକିତ୍ସାଧୀନଙ୍କ ପାଇଁ ହସ୍ପିଟାଲମାନଙ୍କୁ ନିର୍ଦ୍ଧାରିତ ସମୟ ଭିତରେ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି। ଏ ସମ୍ପର୍କିତ ସଂସ୍ଥାଗତ ବ୍ୟବସ୍ଥା, ତଦାରଖ ଏବଂ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୋଜନାକୁ ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ସମନ୍ୱିତ ଟେକ୍ନୋଲୋଜି ପ୍ଲାଟଫର୍ମ ବ୍ୟବହାର କରାଯାଉଛି। ପୋଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟା ମଧ୍ୟରେ ଇ-ଡିଏଆର ପୋର୍ଟାଲରେ ଦୁର୍ଘଟଣାର ବିବରଣୀ ଦିଆଯିବ, ଯାହା ଆଧାରରେ ଚିକିତ୍ସାଳୟଗୁଡ଼ିକ ଟ୍ରାନଜାକ୍ସନ ମ୍ୟାନେଜମେଣ୍ଟ ସିଷ୍ଟମ (ଟିଏମଏସ ) ଜରିଆରେ କ୍ଲେମ୍ ପ୍ରକ୍ରିୟା ଆରମ୍ଭ କରିବେ। ଯୋଜନାର ସଫଳ ପରିଚାଳନା ପାଇଁ ଏକ ସୁଦୃଢ଼ ପ୍ରାଶାସନିକ ବ୍ୟବସ୍ଥା ରହିଛି। ଜାତୀୟ ସ୍ତରରେ ସଡକ ପରିବହନ ଓ ରାଜପଥ ମନ୍ତ୍ରାଳୟର ସଚିବ ପରିଚାଳନା କମିଟିର ମୁଖ୍ୟ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ/ପରିବହନ ମନ୍ତ୍ରୀ/ମୁଖ୍ୟ ଶାସନ ସଚିବଙ୍କ ଅଧିନରେ ଜାତୀୟ ସଡ଼କ ସୁରକ୍ଷା ପରିଷଦ କାର୍ଯ୍ୟ କରିବ। ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ଜିଲ୍ଲା ସଡ଼କ ସୁରକ୍ଷା ସମିତି ' ଏହାର ତଦାରଖ କରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଥିବା ଚିକିତ୍ସାଳୟ ସମେତ ଏହା ବ୍ୟତିରେକ ଯେଉଁ ଡାକ୍ତରଖାନାରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ରହିଛି,ସେସବୁ ଡାକ୍ତରଖାନାରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହୋଇପାରିବ। ଏଥିପାଇଁ ସମନ୍ୱୟ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସଚିବ ଓ ପରିବହନ ବିଭାଗଙ୍କୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ବ୍ୟକ୍ତି ସେବା ପାଇବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ଜିଲ୍ଲାସ୍ତରୀୟ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରାଯାଇପାରିବେ ଏବଂ ଜିଲ୍ଲାପାଳ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ସଡ଼କ ଦୁର୍ଘଟଣା ହାର କମାଇବା ସରକାରଙ୍କ ପ୍ରାଥମିକତା ରହିଛି। 'ପିଏମ ରାହତ' ଯୋଜନାରେ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ହସ୍ପିଟାଲରେ ପହଁଚାଇ ଅବିଳମ୍ବେ ଚିକିତ୍ସା ଆରମ୍ଭ କଲେ ଏହି ସଂଖ୍ୟା ହ୍ରାସ ପାଇବ। ଏ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ ଏବଂ ପୁଲିସ୍ ପ୍ରଶାସନ ସମେତ ଜିଲ୍ଲାସ୍ତରରେ ପ୍ରସ୍ତୁତି ଓ ସଚେତନତା ସୃଷ୍ଟି ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

# ଅଙ୍ଗନବାଡ଼ିରେ 'ତିଥି ଭୋଜନ' ଆୟୋଜନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ

❖ ମହିଳା ସଶକ୍ତିକରଣ ସରକାରଙ୍କ ପ୍ରଥମ ପ୍ରାଥମିକତା: ଉପମୁଖ୍ୟମନ୍ତ୍ରୀ

❖ 'ସୁଭଦ୍ରା' ଯୋଜନାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

❖ ୮ରେ ହିତାଧିକାରୀଙ୍କୁ ମିଳିବ ୪ର୍ଥ କିସ୍ତି ଟଙ୍କା



**ଭୁବନେଶ୍ୱର,୨୫।୨ /ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ।

ବୈଠକରେ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାଜ୍ୟ ସରକାରଙ୍କ ପ୍ରମୁଖ 'ସୁଭଦ୍ରା' ଯୋଜନାର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଯେତେବେଳେ ସରକାରୀ ସହାୟତା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଖାତାକୁ ଯାଏ, ତାହା ସେମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସଶକ୍ତିକରଣକୁ ସୁନିଶ୍ଚିତ କରିଥାଏ। ଏଥି ସହ ସେ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ 'ତିଥି ଭୋଜନ' ଆୟୋଜନ ତଥା ପୋଷଣ ଦିବସ ଅଥବା ପୋଷଣ ସପ୍ତାହ ପାଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ ନାଗରିକ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ରାଜ୍ୟରୁ ଅପପୁଷ୍ଟି ନିର୍ମୂଳ କରିବାରେ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଛନ୍ତି । ଓଡ଼ିଶାର ଗ୍ରାମାଞ୍ଚଳରେ ସରକାରଙ୍କର ବିଭିନ୍ନ ଯୋଜନାର ସକରାତ୍ମକ ପ୍ରଭାବ ଦେଖି ସେ ସନ୍ତୋଷ ପ୍ରକାଶ କରିବା ସହ କେନ୍ଦ୍ର-ରାଜ୍ୟ ସମନ୍ୱୟ ମାଧ୍ୟମରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ମହିଳାଙ୍କ ସାମଗ୍ରିକ ସଶକ୍ତିକରଣ ଓ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା। ଆସନ୍ତା ୮ ମାର୍ଚ୍ଚ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଜମା ହେବାକୁ ଯାଉଥିବାରୁ, ଏହାର ସମୟୋପଯୋଗୀ ଓ ପାରଦର୍ଶୀ ବିତରଣ ପାଇଁ ବିଭାଗ କାମ କରୁଛି। ଏହା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଚାଲିଥିବା ଯୋଜନାଗୁଡ଼ିକ ମାଧ୍ୟମରେ ମହିଳା ଓ ଶିଶୁଙ୍କ ଜୀବନମାନ ଉନ୍ନତ କରିବା ଦିଗରେ ଓଡ଼ିଶା ଆଗୁଆ ହେଉଛି ବୋଲି ସେ ମତ ରଖିଥିଲେ। ବୈଠକରେ ପୋଷଣ, ସୁରକ୍ଷା ଓ ଶିକ୍ଷା , ଏହି ତିନି ମୂଳ ମାର୍ଗରେ ଶିଶୁ ଓ ମହିଳାଙ୍କ ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା ହୋଇଥିଲା। ମିଶନ ବାତ୍ସଲ୍ୟ, ଆଶୀର୍ବାଦ, ଯଶୋଦା ଏବଂ ବେଟି ବଚାଓ ବେଟି ପଢ଼ାଓ ପରି ଯୋଜନାର ପ୍ରଭାବ ଉପରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଦୂରଗାମୀ ଓ ଜନଜାତି ଅଞ୍ଚଳରେ କାର୍ଯ୍ୟାନ୍ୱୟନ, କୁପୋଷଣ ଓ ଶିଶୁ ବିବାହ ପରି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶ୍ୱାଲ ଓ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି ସମୀକ୍ଷା ବୈଠକ ମାଧ୍ୟମରେ ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ପାଇଁ ନୂତନ ଦିଗ ନିର୍ଦ୍ଦେଶ ମିଳିଛି।

ନିତିଦିନ NITIDIN

## ନିର୍ମାଣ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ପାଇଁ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଆଜିର ଯୁଗ ହେଉଛି ନୂତନ ଜ୍ଞାନକୌଶଳ ଓ କୃତ୍ରିମ ବୁଦ୍ଧିମତ୍ତାର ଯୁଗ। ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ଲକ୍ଷ୍ୟ ରଖିଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଏହି କ୍ରମରେ କୃତ୍ରିମ ବୁଦ୍ଧିମତ୍ତାର ଭରପୂର ଉପଯୋଗ କରି ବିଭିନ୍ନ କାର୍ଯ୍ୟକ୍ରମକୁ ସଠିକ୍ ଓ ତ୍ୱରିତ ଗତିରେ ଆଗକୁ ନେବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମାର୍ଗଦର୍ଶନରେ ନିର୍ମାଣ ବିଭାଗ ପକ୍ଷରୁ ବିଭାଗର ସମସ୍ତ ଅଧିକାରୀ, ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଇଞ୍ଜିନିୟର ଓ କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ନେଇ ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟର୍ ପରିସରରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇର ବିଭିନ୍ନ ଦିଗ, ବ୍ୟବହାର ପ୍ରଣାଳୀ, କାର୍ଯ୍ୟକୁଶଳତା, ବିଭିନ୍ନ ଡାଟା ଆଧାରରେ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାରେ ଏଆଇର ଦକ୍ଷତା ବିଷୟରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ନିର୍ମାଣ ବିଭାଗ ପକ୍ଷରୁ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଏଆଇର ଉପଯୋଗ ନେଇ ଆୟୋଜିତ ଏହି ମେଗା କାର୍ଯ୍ୟକ୍ରମ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଯୋଗଦେଇଥିବା ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ଏହି କର୍ମଶାଳାରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ସର୍ବୋଚ୍ଚ ଯନ୍ତ୍ରୀ(ଡିଜାଇନ୍) ଇଂ ସମୀର ହୋତା, ଯୁଗ୍ମ ଶାସନ ସଚିବ (ଆଇଟି) ଦୀପ୍ତି ରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର, ମୁଖ୍ୟଯନ୍ତ୍ରୀ (ବିଲ୍‌ଡିଂ) ଇଂ. ପ୍ରିୟବ୍ରତ ସାମନ୍ତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଓକାକ୍ ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସତ୍ୟଭାମାପୁରରୁ 'ଲୋକ ଅଧିକାର ଯାତ୍ରା' ଶୁଭାରମ୍ଭ

## ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ପ୍ରାକୃତିକ ସମ୍ପଦର ସୁରକ୍ଷା, ଜନସାଧାରଣଙ୍କ ଜୀବନ-ଜୀବିକା ଏବଂ ସାମାଜିକ ନ୍ୟାୟ ଦାବିରେ ଆଜିଠାରୁ ରାଜ୍ୟବ୍ୟାପୀ 'ଲୋକ ଅଧିକାର ଯାତ୍ରା'ର ଶୁଭାରମ୍ଭ ହୋଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ଏବଂ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି। ଗ୍ରୀନ୍ ନୋବେଲ ସମ୍ମାନପ୍ରାପ୍ତ ବିଶିଷ୍ଟ ପରିବେଶ



ସଂଗ୍ରାମୀ ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ପରିଚାଳିତ ଏହି ଯାତ୍ରାରେ ଓଡ଼ିଶାର ବହୁ ଜନନାୟକ ଓ ସାମାଜିକ କର୍ମୀ ସାମିଲ ହୋଇଛନ୍ତି। ଏଥିରେ କୃଷକ ନେତା ଲିଙ୍ଗରାଜ, ଆଦିବାସୀ ନେତା ଲିଙ୍ଗରାଜ ଆଜାଦ, ଗାନ୍ଧୀବାଦୀ ନେତା ଡଃ ବିଶ୍ୱଜିତ୍, ଜନ ଆନ୍ଦୋଳନ ନେତା ନରେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ ଏବଂ ନିୟମଗିରି ଆନ୍ଦୋଳନର କର୍ମୀ ରାଜକିଶୋର ଭାଇ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଧିକାରର ସ୍ୱରକୁ ଶାଣିତ କରିଛନ୍ତି। ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ଅବସରରେ ଏହି ଯାତ୍ରା ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବ। ସେଠାରେ ଏକ ବିଶାଳ 'ପ୍ରାକୃତିକ ସୁରକ୍ଷା ସମାବେଶ' ମାଧ୍ୟମରେ ଏହି ଅଭିଯାନର ସମାପ୍ତି ହେବ। ଏହି ଯାତ୍ରାରେ ବିଭିନ୍ନ ଜନ ସଙ୍ଗଠନ, କୃଷକ ଓ ଆଦିବାସୀମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରାକୃତିକ ସମ୍ପଦର ସୁରକ୍ଷା ଏବଂ ନିଜର ସାମ୍ବିଧାନିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ଆୟୋଜକଙ୍କ ପକ୍ଷରୁ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦିଆଯାଇଛି।

### ରାଉରକେଲା ସହରର ବିଦ୍ୟୁତ୍ ଭିତ୍ତିଭୂମି ହେଲା ସୁଦୃଢ଼

## ତରକେରା ଗ୍ରୀଡ୍‌ରେ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର୍ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ସହର ଓ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ବିଦ୍ୟୁତ ସଞ୍ଚାରଣ ନିଗମ (ଓପିଟିସିଏଲ୍) ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ସହରର ୨୨୦/୧୩୨ କେଭି ତରକେରା ଗ୍ରୀଡ୍‌ରେ ଏକ ୧୬୦ ଏମଭିଏ ବିଶିଷ୍ଟ ଉଚ୍ଚ କ୍ଷମତା ସମ୍ପନ୍ନ ଅଟୋ ଟ୍ରାନ୍ସଫର୍ମର ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ଏହାଦ୍ୱାରା ଓଡ଼ିଶା ରାଜ୍ୟ ଗ୍ରୀଡ୍‌ର ଶକ୍ତି ବୃଦ୍ଧି ପାଇବା ସହ ରାଉରକେଲାବାସୀଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ମିଳିପାରିବ। ପ୍ରକାଶ ଥାଉ କି, ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ବିଦ୍ୟୁତ୍ ଚାହିଦା ଯୋଗୁଁ ରାଉରକେଲା ଓ ଏହାର



ସମୀପବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇଥାଏ। ଏହି ନୂତନ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ ଫଳରେ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଅଭାବ ଏବଂ ଲୋ-ଭୋଲଟେଜ୍ ଭଳି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ବିଭାଗ ପକ୍ଷରୁ ଆଶା ପ୍ରକଟ କରାଯାଇଛି। ଉପଭୋକ୍ତାମାନେ ଏବେ ଅଧିକ ସ୍ଥିର ବିଦ୍ୟୁତ୍ ସେବା ପାଇବା ସହ ଶିଳ୍ପାଞ୍ଚଳରେ ମଧ୍ୟ ଏହାର ସୁଫଳ ମିଳିବ। ଏହି ଟ୍ରାନ୍ସଫର୍ମରର ଶୁଭାରମ୍ଭ ଅବସରରେ ବୁର୍ଲା ଜୋନ୍‌ର ବରିଷ୍ଠ ସାଧାରଣ ପରିଚାଳକ ପ୍ରଦୀପ କୁମାର ସାହୁ, ବୁର୍ଲା ସର୍କଲ୍ ସାଧାରଣ ପରିଚାଳକ ବିଭୁଦତ୍ତ ପଣ୍ଡା, ବୁର୍ଲା ଉପ-ସାଧାରଣ ପରିଚାଳକ ବେଣୁଧର ପ୍ରଧାନ ଏବଂ ରାଉରକେଲା ଉପ-ସାଧାରଣ ପରିଚାଳକ ସୁନୀତା କିରୋଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରକୁ ସଂସ୍କାରମୁଖୀ କରିବା ଏବଂ ଗ୍ରାହକମାନଙ୍କୁ ଶ୍ରେଷ୍ଠ ସେବା ଯୋଗାଇବା ପାଇଁ ଓପିଟିସିଏଲ୍ କର୍ମଚାରୀମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ସହରର ଶକ୍ତି ଭିତ୍ତିଭୂମିରେ ଏହି ଉନ୍ନତିକରଣ କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି।

## କଣ୍ଟାପଡ଼ା ବିଡିଓଙ୍କ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ: ବିଜେଡି

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧ କରି ଦୀର୍ଘ ୮ ଦିନ ହେଲା ବ୍ଲକ ସମ୍ମୁଖରେ ସର୍ବଦଳୀୟ ଅହୋରାତ୍ର ଗଣଧାରଣା ଜାରି ରହିଛି। ବିଜୁ ଜନତା ଦଳର ସଭାପତିଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଧାରଣା ସ୍ଥଳରେ ପହଞ୍ଚିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି, ମୁଖପାତ୍ର ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇ ସମର୍ଥନ ଜଣାଇଥିଲେ।

ଧାରଣା ସ୍ଥଳରେ ୧୪ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ଭାରତୀୟ ଜନତା ପାର୍ଟିର ନିର୍ବାଚିତ ଜିଲ୍ଲାପରିଷଦ ସଦସ୍ୟା କ୍ରିଷ୍ଣାରାଣୀ ବେହେରା, ବିଜେପି ସମର୍ଥିତ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜିନା ଭୋଇ, ଉପାଧ୍ୟକ୍ଷ ଜିତେନ୍ଦ୍ର ବରାଳ ଓ ବିଜେଡିର ଜିଲ୍ଲାପରିଷଦ ସଦସ୍ୟ ପୀୟୂଷ ମିଶ୍ର, ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କ ସହିତ ପ୍ରଦୀପ୍ତ ମୋହନ କାନୁନ୍‌ଗୋ, ନ୍ୟାୟବ୍ରତ ରାଉତ ଏହି ଧାରଣାରେ ଦୀର୍ଘ ୮ ଦିନ ହେଲା ବସି ରହିଛନ୍ତି। ବିଡିଓ ପଞ୍ଚାୟତ ସମିତି ଅଧୀନରେ ଯାଉଥିବା ସମସ୍ତ ଉନ୍ନୟନ ମୂଳକ କାମକୁ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ନ ପଚାରି ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି, ଏପରିକି ପଞ୍ଚାୟତ ସମିତିର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ମଧ୍ୟ ଅଣଦେଖା କରୁଛନ୍ତି। ପଞ୍ଚାୟତ ସମିତିରେ ଯେଉଁ ସଂକଳ୍ପ ପାରିତ ହେଉଛି, ତାକୁ ମଧ୍ୟ ବିଡିଓ ମହୋଦୟା ଅଣଦେଖା କରୁଛନ୍ତି। ଯାହାଦ୍ୱାରା କଣ୍ଟାପଡ଼ା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ସମ୍ବନ୍ଧୀୟ କାର୍ଯ୍ୟରେ ବିଡିଓ ମହୋଦୟା ଜନପ୍ରତିନିଧି ମାନଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରୁଛନ୍ତି। ଯାହା ଫଳରେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ. ଲେନିନ ମହାନ୍ତି କହିଥିଲେ, ଜିଲ୍ଲା ପ୍ରଶାସନ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଲୋକପ୍ରତିନିଧି ମାନଙ୍କ ସହିତ ଆଲୋଚନା କରନ୍ତୁ। ଏଥିସହିତ କଣ୍ଟାପଡ଼ା ବ୍ଲକରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ଡ଼ ମହାନ୍ତି ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଯଦି ଏଥିରେ ଜିଲ୍ଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ବିଜୁ ଜନତା ଦଳ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରିବ।

### ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ ଓଡ଼ିଶୀ ନୃତ୍ୟ ଆଲୋଚନାଚକ୍ର

## ନୃତ୍ୟର ଉତ୍ପତ୍ତି ଓ ବିକାଶ ଉପରେ ମନ୍ଥନ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** କଟକର ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା



କେନ୍ଦ୍ର ପ୍ରେକ୍ଷାଳୟରେ ଏକ ଓଡ଼ିଶୀ ନୃତ୍ୟ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୁରୁ ଦୟାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ନୃତ୍ୟ ଗୁରୁ ଏବଂ କଳାପ୍ରେମୀ ଯୋଗଦେଇ ଓଡ଼ିଶୀ ନୃତ୍ୟର ଉତ୍ପତ୍ତି ଓ କ୍ରମବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ଆଲୋଚନାଚକ୍ରର ମୁଖ୍ୟ ବିଷୟବସ୍ତୁ 'ଓଡ଼ିଶୀ ନୃତ୍ୟର ଉତ୍ପତ୍ତି କେବେ, କେଉଁଠୁ ଓ କିପରି' ଉପରେ ବକ୍ତାମାନେ ନିଜର ମତ ରଖିଥିଲେ। ଅନୁଷ୍ଠାନର ସମ୍ପାଦିକା ଗୁରୁ ଡ. ବିଜୟଲକ୍ଷ୍ମୀ ଦାସ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ, ୧୯୫୨ ମସିହାରେ ଓଡ଼ିଶୀ ନୃତ୍ୟର ଉତ୍ପତ୍ତି ହୋଇଥିଲା। ଗୁରୁ ଦୟାନିଧି ଦାସ ଓଡ଼ିଶୀ ନୃତ୍ୟର ନାମକରଣ କରିବା ସହ ପ୍ରଥମେ ଏକ ସଠିକ୍ ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଗୁରୁ ନିରଞ୍ଜନ ରାଉତ ଏଭଳି ଆଲୋଚନାଚକ୍ରରେ ସମସ୍ତ ନୃତ୍ୟ ଗୁରୁ ଭାଗ ନେବା ଉଚିତ୍ ବୋଲି କହିଥିବା ବେଳେ ଡ. ଚିତ୍ତରଞ୍ଜନ ମଲିଆ ଓ ଗୁରୁ ଡ. ମନୋଜ ବେହେରା ଓଡ଼ିଶୀ ନୃତ୍ୟର କ୍ରମ ବିକାଶ ଓ ପ୍ରଚାର ଦିଗରେ ସମସ୍ତେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ଗୁରୁ ଦେବପ୍ରସାଦ ଦାସଙ୍କ କନ୍ୟା ବିପଞ୍ଚିତ୍ ଦାସ ଓଡ଼ିଶୀ ନୃତ୍ୟର ବିଭାଗୀକରଣ ସମୟରେ ଗୁରୁ ଦେବପ୍ରସାଦ ଦାସ, ଗୁରୁ ଦୟାନିଧି ଦାସ, ଗୁରୁ କେଳୁଚରଣ ମହାପାତ୍ର ଓ ଧିରେନ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ନୃତ୍ୟଶିଳ୍ପୀ ଡ. ପ୍ରଭାତୀ ମିଶ୍ର ମଧ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଗୁରୁ ଦୟାନିଧି ଦାସଙ୍କ ନୃତ୍ୟ ପ୍ରତି ଥିବା ନିଷ୍ଠା ସମ୍ପର୍କରେ କହିଥିଲେ। ଶେଷରେ ଉପସଭାପତି ନରସିଂହ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

## ପିଏମ୍‌ଏଫ୍‌ଏମ୍‌ଇ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ଅନୁମୋଦନ କମିଟି ବୈଠକ

**ଭୁବନେଶ୍ୱର,୨୫।୨ /ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ 'ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକୀକରଣ (ପିଏମ୍‌ଏଫ୍‌ଏମ୍‌ଇ) ଯୋଜନା' ର କାର୍ଯ୍ୟକାରିତା ସମ୍ପର୍କିତ ରାଜ୍ୟସ୍ତରୀୟ ଅନୁମୋଦନ କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ କେନ୍ଦ୍ର ସରକାରଙ୍କ ପିଏମ୍‌ଏଫ୍‌ଏମ୍‌ଇ ଯୋଜନାର କାର୍ଯ୍ୟକାରିତା ଅବଧିକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଯୋଜନା ମୂଳତଃ ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ଏକ ବର୍ଷ ପାଇଁ ସମ୍ପ୍ରସାରଣ କରାଯାଇଛି, ଯାହାଦ୍ୱାରା ରାଜ୍ୟର ଅଧିକ ସଂଖ୍ୟକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଉପକୃତ ହୋଇପାରିବେ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଆନୁଷ୍ଠାନିକୀକରଣ କରି ସେମାନଙ୍କୁ ସଂଗଠିତ କ୍ଷେତ୍ରରେ ସାମିଲ କରିବା। ଏଥିପାଇଁ ଉଦ୍ୟୋଗୀମାନଙ୍କୁ କ୍ରେଡିଟ୍ ଲିଙ୍କ୍‌ଡ ସବ୍‌ସିଡି ପ୍ରଦାନ କରାଯିବା ସହ ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ, ଉଦ୍ୟମ ପଞ୍ଜୀକରଣ ଏବଂ ଜିଏସ୍‌ଟି



ପଞ୍ଜିକରଣ କ୍ଷେତ୍ରରେ ବୈଷୟିକ ସହାୟତା ଓ ଆନୁଷଙ୍ଗିକ ସବିଧା ଯୋଗାଇ ଦିଆଯାଉଛି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଅଂଶଧନ ୬୦:୪୦ ଅନୁପାତରେ ରହିଛି, ଯେଉଁଥିରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଜାତୀୟସ୍ତରରେ ଏବଂ ରାଜ୍ୟସ୍ତରରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀଙ୍କ ବ୍ୟକ୍ତିଗତ ୟୁନିଟ୍ ସ୍ଥାପନ ସହ ସାମୁହିକ ଭିତ୍ତିଭୂମିର ବିକାଶ, ବ୍ରାଣ୍ଡିଂ ଏବଂ ମାର୍କେଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ଯୋଜନାର ଅବଧି ବୃଦ୍ଧି ହେବା ଫଳରେ ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଚାଷୀମାନଙ୍କୁ ନିଜର ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ, ପ୍ୟାକେଜିଂ ଓ ବଜାର ସୁବିଧା ଉନ୍ନତ କରିବା ପାଇଁ ସୁଯୋଗ ପ୍ରଦାନ କରିବ।ଏହି ଯୋଜନା ଅଧୀନରେ ହିତାଧିକାରୀମାନଙ୍କ ପାଇଁ ବହୁବିଧ ଆର୍ଥିକ ଏବଂ ବୈଷୟିକ ସୁବିଧା ସୁଯୋଗ ରହିଛି। ବ୍ୟକ୍ତିଗତ ଉଦ୍ୟୋଗୀମାନଙ୍କୁ ନୂତନ ୟୁନିଟ୍ ସ୍ଥାପନ କିମ୍ବା ପୁରୁଣା ୟୁନିଟ୍‌ର ଆଧୁନିକିକରଣ ପାଇଁ ୩୫% ହାରରେ କ୍ରେଡିଟ୍ ଲିଙ୍କ୍‌ଡ ସବସିଡି ପ୍ରଦାନ କରାଯାଉଛି, ଯାହାର ସର୍ବାଧିକ ସୀମା ୧୦ ଲକ୍ଷ ଟଙ୍କା ରହିଛି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ କାର୍ଯ୍ୟକାରୀ ପୁଞ୍ଜି ଏବଂ କ୍ଷୁଦ୍ର ଯନ୍ତ୍ରପାତି କିଣିବା ପାଇଁ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତପ୍ରାରମ୍ଭିକ ଧନରାଶି ପୁଞ୍ଜି ( ସିଡ୍ କ୍ୟାପିଟାଲ୍) ଏବଂ ସର୍ବାଧିକ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସାଧାରଣ ଭିତ୍ତିଭୂମି ଯଥା- କୋଲ୍ଡ ଷ୍ଟୋରେଜ୍, ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ଲାବୋରେଟୋରୀ ସ୍ଥାପନ ପାଇଁ ୩୫% ପର୍ଯ୍ୟନ୍ତ ଅନୁଦାନ ବ୍ୟବସ୍ଥା ରହିଛି। ଏହି ସମସ୍ତ ସୁବିଧା ସହିତ ଉଦ୍ୟୋଗୀମାନଙ୍କୁ ମାର୍କେଟିଂ, ବ୍ରାଣ୍ଡିଂ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ମଧ୍ୟ ସରକାରୀ ସହାୟତା ଯୋଗାଇ ଦିଆଯାଉଛି, ଯାହା ସେମାନଙ୍କୁ ପ୍ରତିଯୋଗିତାମୂଳକ ବଜାରରେ ନିଜର ସ୍ଥିତି ସୁଦୃଢ କରିବାରେ ସାହାଯ୍ୟ କରୁଛି। ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୩୧,୨୪୪ ଜଣ ସ୍ୱୟଂସହାୟକ ଗୋଷ୍ଠୀ ହିତାଧିକାରୀ ସହାୟତା ପାଇଥିବା ବେଳେ ୧୧,୫୧୭ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ଏବଂ ୩୪୩୭ ଜଣ ହିତାଧିକାରୀ କ୍ରେଡିଡ୍ ଆଧାରିତ ସବସିଡି ପାଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ. ମୃଣାଳିନୀ ଦର୍ଶଓ୍ୱାଲ, କ୍ରୀଡ଼ା ଓ ଯୁବସେବା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ,ଏମଏସଏମଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ ଏବଂ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ସମାଜସେବା କ୍ଷେତ୍ରରେ ଅରୁନ୍ଧତୀ ଫାଉଣ୍ଡେସନ୍‌ର ଅନନ୍ୟ ପଦକ୍ଷେପ

## ୧୫୦୦ ୟୁନିଟ୍ ରକ୍ତ ସଂଗ୍ରହ, ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଅରୁନ୍ଧତୀ ଫାଉଣ୍ଡେସନ ସଦାସର୍ବଦା ନିଜର ସାମାଜିକ ଦାୟିତ୍ୱବୋଧ ତୁଲାଇବା ସହ ଅନେକ ସମାଜ କଲ୍ୟାଣ କାର୍ଯ୍ୟକଳାପ ମାଧ୍ୟମରେ ସବୁବେଳେ ନିଜର ଦୃଢ଼ ଉପସ୍ଥିତି ଜାହିର କରି ଆସିଛି। ସେବା ଓ ପରୋପକାରର ଏହି ମହତ୍ୱାକାଂକ୍ଷାକୁ ଆଉ ପାଦେ ଆଗକୁ ନେବା ପାଇଁ ଅରୁନ୍ଧତୀ ପକ୍ଷରୁ ୨୫ ତାରିଖ ଦିନ ଦୁଇଟି ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସାମାଜିକ ପ୍ରତିବଦ୍ଧତା ଓ ମାନବିକତାର ଏକ ନିଦର୍ଶନ ସ୍ୱରୂପ ଓଡ଼ିଶାର ୧୦ଟି ପ୍ରମୁଖ ସହର ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଭବାନୀପାଟଣା ଏବଂ ଅନୁଗୁଳଠାରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏହି ମହତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଗତ ବର୍ଷ ଅରୁନ୍ଧତୀ ଦ୍ୱାରା ଆୟୋଜିତ ଶିବିରରେ ୧୦୦୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ବେଳେ ଚଳିତ ବର୍ଷ ୧୫୦୦ ୟୁନିଟ୍ ରକ୍ତ ସଂଗ୍ରହ କରି ଅରୁନ୍ଧତୀ ଫାଉଣ୍ଡେସନ୍ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ରକ୍ତର କୌଣସି ବିକଳ୍ପ ନାହିଁ; ରକ୍ତର ପ୍ରତିଟି ବିନ୍ଦୁ ମଧ୍ୟରେ ଏକ ଅମୂଲ୍ୟ ଜୀବନ ବଞ୍ଚାଇବାର ଶକ୍ତି ନିହିତ ଥାଏ। ଏହି ମହତ ଦାନ କେବଳ ଏକ ସାମାଜିକ ସେବା ନୁହେଁ, ବରଂ ମାନବିକତାର ସର୍ବଶ୍ରେଷ୍ଠ ପରିଚୟ। ଏହା ସହିତ ଭୁବନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅରୁନ୍ଧତୀ ଫାଉଣ୍ଡେସନ ପକ୍ଷରୁ ଏକ 'ଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ' ଉଦ୍‌ଘାଟିତ ହୋଇଯାଇଛି। ମନ୍ଦିରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଏବଂ ଜନପଥରେ ଯାତାୟାତ କରୁଥିବା ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇ ଲୋକାର୍ପିତ କରିଥିଲେ। ଏହି ମହା ଅଭିଯାନକୁ ସୁଚାରୁ ରୂପେ ପରିଚାଳନା ପାଇଁ ଅରୁନ୍ଧତୀ ପରିବାର ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ନିଜେ ଉପସ୍ଥିତ ରହି ଏହି ଅଭିଯାନର ନେତୃତ୍ୱ ନେବା ସହ ସମସ୍ତ ରକ୍ତଦାତା ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେ ନିଜର ମତବ୍ୟକ୍ତ କରି କହିଥିଲେ ଯେ ରକ୍ତଦାନ ହେଉ କିମ୍ବା ପାନୀୟ ଜଳ ପ୍ରକଳ୍ପ, ଅରୁନ୍ଧତୀ ଫାଉଣ୍ଡେସନ୍ ସବୁବେଳେ ସମାଜ କଲ୍ୟାଣର ବିଭିନ୍ନ ଦିଗରେ ସକ୍ରିୟ ଯୋଗଦାନ ଦେଇଆସିଛି। ନିଜର ସାମାଜିକ ଦାୟିତ୍ୱବୋଧକୁ ହୃଦୟଙ୍ଗମ କରି ଅରୁନ୍ଧତୀ ଆଗାମୀ ଦିନରେ ମଧ୍ୟ ସାମାଜିକ ହିତ ସାଧନ ପାଇଁ ଏହିପରି ନିରନ୍ତର ପ୍ରୟାସ ଜାରି ରଖିବ। ଏହି ଅଭିବ୍ୟକ୍ତି ସହ ସେ ସମଗ୍ର ଓଡ଼ିଶାର ସ୍ୱେଚ୍ଛାକୃତ ରକ୍ତଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।




### ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା

## ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଓଡ଼ିଶାରେ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକ ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୪ଟି ଚାଲୁଥିବା ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏଥିରେ ୨୧ କିଲୋମିଟର ଦୀର୍ଘ କଟକ-କନ୍ଦରପୁର ରାସ୍ତା, ୧୧୧ କିଲୋମିଟର ଦୀର୍ଘ କ୍ୟାପିଟାଲ୍ ରିଜିୟନ୍ ରିଙ୍ଗ୍‌ରୋଡ୍, ମୋହନା- କୋରାପୁଟ ରାସ୍ତା ସମେତ ସମ୍ବଲପୁର, ବୋରିଗୁମ୍ମା, ଜୟପୁର, ଟିଟିଲାଗଡ଼, ଧର୍ମଗଡ଼, ରାଇରଙ୍ଗପୁର, ଫୁଲବାଣୀ, ନବରଙ୍ଗପୁର ଓ ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଉପରେ ସେତୁ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଏଥିରେ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ, ଜଙ୍ଗଲ ଜମି ଅଧିଗ୍ରହଣ ନେଇ ଥିବା ଜଟିଳତା ଦୂରୀକରଣ ଓ ବିଦ୍ୟୁତ, ପାନୀୟ ଜଳ ଓ ଟେଲିକମ୍ ଆଦି ୟୁଟିଲିଟି ସ୍ଥାନାନ୍ତରଣ ନେଇ ଆଲୋଚନା ହୋଇଥିଲା। ବୈଠକରେ ସମୟସୀମା ମଧ୍ୟରେ ଅପେକ୍ଷିତ କାର୍ଯ୍ୟ ସମ୍ପାଦନ କରି ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧୀକାରୀଙ୍କୁ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଭାସି ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ନିତିଦିନ NITIDIN

ଆମ ଜିଲ୍ଲା

## ପତିତପାବନ ଦେବଙ୍କ ନବମ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

**ବଳଙ୍ଗା,୨୫।୨/ଏନ୍‌ଏନ୍‌ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ବାଲିଘାଇ ଠାରେ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ନବମ ପଞ୍ଚରାତ୍ର କଥାମୃତ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପତିତପାବନ ମନ୍ଦିର କମିଟିର ସମସ୍ତ ସଦସ୍ୟ ମାନଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଗ୍ରାମର ଲୋକମାନଙ୍କ ଦ୍ୱାରା କଳସ ଯାତ୍ରା, ପରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନ କାର୍ଯ୍ୟ ଜଜ୍ଞ ଅନୁଷ୍ଠିତ ହୋଇଥିଲା। ପଞ୍ଚରାତ୍ର ଧରି ପ୍ରବକ୍ତା ଶୁକଦେବ ମହାରଣା, କୈଳାସ ଚନ୍ଦ୍ର ପଣ୍ଡା ଅଞ୍ଚଳବାସୀଙ୍କୁ କଥାମୃତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପତିତପାବନର ବଡ଼ ପଣ୍ଡା ପରମା ଚନ୍ଦ୍ର ପଣ୍ଡା, ସନ୍ତୋଷ ରଥ, ବ୍ୟାସଶ୍ରୀ ରଘୁନାଥ ଆନନ୍ଦଚୈତ୍ୟନ ପ୍ରମୁଖ ସହଯୋଗ କରିଥିଲେ।

## ଡେଲାଙ୍ଗ ଥାନାରେ 'ଆମ ପୁଲିସ୍'



**ଡେଲାଙ୍ଗ,୨୫।୨/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ପରିସରରେ ମଙ୍ଗଳବାର ପୁରୀ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଥାନା ଦାୟିତ୍ୱରେ ଥିବା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚ୍ଚିନ ପଟେଲ, ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଡେଲାଙ୍ଗ ଅଂଚଳର ଆଇନ୍ ଶୃଙ୍ଖଳା ଜନିତ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଉପସ୍ଥିତ ଥିବା ଶତାଧିକ ମହିଳା ପୁରୁଷଙ୍କୁ ଉଦବୋଧନ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଚୋରି, ଡକାୟତୀ, ରାହାଜାନୀ, ହତ୍ୟା, ଘରୋଇ ହିଂସା, ବେଆଇନ ନିଶା କାରବାର ଉପରେ ରୋକ ଲଗାଇବାକୁ ପୁଲିସ ଜନସାଧାରଣଙ୍କ ସହାୟତା କାମନା କରିଥିଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ମଠ, ମନ୍ଦିର ଓ ଧର୍ମାନୁଷ୍ଠାନ ଗୁଡିକରୁ ଚୋରୀ ହେବା ଆଶଙ୍କା ନେଇ ସିସିଟିଭି ଲଗାଇବା ପାଇଁ ଅନୁଷ୍ଠାନର ପରିଚାଳନା କମିଟି ସହିତ ଆଲୋଚନା କରିବେ ବୋଲି ଦାୟିତ୍ୱରେ ଥିବା ଥାନା ଅଧିକାରିଣୀ ମତବ୍ୟକ୍ତ କରିଥିଲେ। ଡେଲାଙ୍ଗ ଷ୍ଟେସନ ବଜାର ଓ ହାଟ ବଜାରରେ ଦୀର୍ଘ ଦିନଧରି ଉପୁଜୁଥିବା ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇ ବିହୀତ ପଦକ୍ଷେପ ଗ୍ରହଣ କରାଯିବ ଓ ବିଭିନ୍ନ ପଂଚାୟତରେ ପୁଲିସ ପକ୍ଷରୁ ସମାବେଶ କରାଯାଇ ଆଇନ ଶୃଙ୍ଖଳା ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବ ବୋଲି ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ମିଶ୍ର ମତପ୍ରକାଶ କରିଥିଲେ। ଆଗାମୀ ପଞ୍ଚୁଦୋଳ ଉପଲକ୍ଷେ ଦୁଆରୀ ଭୋଗଖିଆ, ହୋଲି ଓ ବିଭିନ୍ନ ଗ୍ରାମରେ ମେଳଣ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହାର ଚିଠା ପ୍ରସ୍ତୁତ କରାଯାଇ ଶାନ୍ତି ଶୃଙ୍ଖଳା ସହିତ ଠାକୁରଙ୍କ ନିତିକାନ୍ତି କାର୍ଯ୍ୟ ସମ୍ପାଦନ କରାଯିବା ନେଇ ସ୍ଥାନୀୟ ଲୋକଙ୍କ ସହାୟତା ଆବଶ୍ୟକ। ସେହିପରି ସାଧାରଣ ଜନତା ଓ ପୁଲିସ ମଧ୍ୟରେ ସୁସମ୍ପର୍କ ରହିଲେ ଅପରାଧ ହାର କମିବା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପଟେଲ ଆଲୋକପାତ କରିଥିଲେ। ଏହି ସମାବେଶରେ ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ଦୀପକ କୁମାର ସାହୁ, ମାର୍କଣ୍ଡ ମଙ୍ଗରାଜ, ଲକ୍ଷ୍ମିପ୍ରିୟା ପ୍ରଧାନ, ସମିତି ସଭ୍ୟ ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତରେ ଉପୁଜୁଥିବା ଆଇନ୍ ଶୃଙ୍ଖଳା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହିତ ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ରଖିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ସମ୍ପାଦକ କିଶୋର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଏସ୍‌ଆଇ ସୁଧାଂଶୁ ବାରିକ, ଏଏସ୍‌ଆଇ ପ୍ରଭାତ କୁମାର ପଲେଇ, ବିନୋଦିନୀ ବେହେରା, ଗୃହରକ୍ଷୀ ପ୍ରମୋଦ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ମଜ୍‌ଦୁର୍ ସଂଘର ୮ ଦଫା ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ଖୋର୍ଦ୍ଧା,୨୫।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ। ଏହି ଗଣ ବିକ୍ଷୋଭରେ ମଜଦୁର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପରିଡା, ଅଲ୍ ଓଡ଼ିଶା ଲେଡିଜ୍ ଅଙ୍ଗନବାଡ଼ି ୱାର୍କରସ ଆସୋସିଏସନର ସାଧାରଣ ସମ୍ପାଦିକା କୁଞ୍ଜ ଲତା ଦାସ, ଖୋର୍ଦ୍ଧା ଜିଲ୍ଲା ଭାରତୀୟ ମଜଦୁର ସଂଘର ସଭାପତି ଅକ୍ଷୟ ରାଉତରାୟ ପ୍ରମୁଖ ଯୋଗ ଦେଇଥିବା ବେଳେ ଶତାଧିକ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଗଣ ବିକ୍ଷୋଭ ଶ୍ରମିକ ନାମଙ୍କ ପ୍ରଭାବିତ ଉପରେ ଗୁରୁତ୍ୱ ଦିଆ ଯାଇଥିବା ବେଳେ ଏହାକୁ ନେଇ ପୂର୍ବରୁ ସଂଘ ପକ୍ଷରୁ ପୁରୀ ଠାରେ ଏକ ବୈଠକ ନିଆ ଯାଇଥିଲା। ତେବେ ଉକ୍ତ ବୈଠକରେ ନିଆ ଯାଇଥିବା ପ୍ରସ୍ତୁତି କ୍ରମେ ଆଜି ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ପଦର୍ଶନ କରି ଜିଲ୍ଲା ପାଳଙ୍କ ମାଧାମରେ ଭାରତ ସରକାରର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ଏହି ସ୍ମାରକୀ ପାତ୍ରରେ ଶ୍ରମିକ ମାନଙ୍କ ହିତରେ ହୋଇଥିବା ବେଳେ ୮ ଦଫା ଦାବି ଭାରତୀୟ ମଜଦୁର ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ମଜଦୁର ସଂଘ ସଭାପତି ଅକ୍ଷୟ ରାଉତରାୟଙ୍କ କହିବା ଅନୁଯାଇ ପୂର୍ବରୁ ଭାରତୀୟ ମଜଦୁର ସଂଘର ଏକ ପ୍ରତିନିଧି ଦଳ ମାନ୍ୟବର କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀଙ୍କୁ ଭେଟି ଶ୍ରମିକଙ୍କ ହିତରେ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏବଂ ମାନ୍ୟବର କେନ୍ଦ୍ରମନ୍ତ୍ରୀ ସେହି ସମୟରେ ପ୍ରତିନିଧିମଣ୍ଡଳକୁ ଆଶ୍ୱାସନା ଦେବା ସହିତ ଉଠାଯାଇଥିବା ସମସ୍ୟାଗୁଡ଼ିକର ଯାଞ୍ଚ ଏବଂ ଶୀଘ୍ର ସମାଧାନ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଉକ୍ତ ଦାବିରେ ଉଲେଖ ରହିଥିଲା ଅନ୍ତ୍ୟୋଦୟର ଯୋଜନାରେ ସମସ୍ତ ବର୍ଗର ଶ୍ରମିକଙ୍କ ପାଇଁ ଶ୍ରମ ଆଇନର ସାର୍ବଜନୀନ ପ୍ରବର୍ତ୍ତନ, ଦୁଇଟି ଶ୍ରମ ସଂହିତା, ଯଥା ଶିଳ୍ପ ସମ୍ପର୍କ ସଂହିତା, ୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା, ମହଙ୍ଗା ସହାୟତା, ସର୍ବନିମ୍ନ ପେନସନ ୧୦୦୦ ରୁ ୭,୫୦୦କୁ ବୃଦ୍ଧି, ଇଏସଆଇ ଏବଂ ଇପିଏଫ ଅଧୀନରେ କଭରେଜ୍ ପାଇଁ ସୀମାରେ ତୁରନ୍ତ ବୃଦ୍ଧି, ବୋନସ୍ ପ୍ରଦାନ ଆଇନ, ୧୯୬୫ ଅନୁଯାୟୀ ବୋନସ୍ ପାଇଁ ଯୋଗ୍ୟତା ସୀମା ବୃଦ୍ଧି, ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୬ ଏବଂ ୨୧ ଅନୁଯାୟୀ ପ୍ରକୃତ ଆତ୍ମାରେ ଯୋଜନା କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କୁ ନିୟମିତ କରିବା, ସାଧାରଣ ନିଯୁକ୍ତି ଉପରେ ତୁରନ୍ତ ପ୍ରତିବନ୍ଧକ ଉଠାଇବା ଏବଂ ଚାକିରିରେ ଅନିଶ୍ଚିତତା କିମ୍ବା ଅସୁରକ୍ଷିତତା ବିନା ନିଶ୍ଚିତ ନିଯୁକ୍ତିର ନିଶ୍ଚିତତା, ଏହା ବ୍ୟତୀତ, ବିଭିନ୍ନ ଶିଳ୍ପରେ ଶ୍ରମିକଙ୍କ ସ୍ୱାର୍ଥକୁ ସୁରକ୍ଷା ଏବଂ ଅଗ୍ରଗତି ପାଇଁ ଅନେକ କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରସ୍ତାବ ଆଲୋଚନା କରାଯାଉ। ଯାହାକୁ ନେଇ ଭାରତୀୟ ମଜଦୁର ସଂଘ ବୁଧବାର ଦିନ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମଗ୍ର ଦେଶରେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ଏହାର ପ୍ରଭାବ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳିଛି।

### ସର୍ଭେ, ଲେ ଆଉଟ୍ ଶେଷ ସତ୍ତ୍ୱେ କାର୍ଯ୍ୟ ବିଳମ୍ବ: ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା

# ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ ଧମକ

**କଣ୍ଟିଲୋ,୨୫।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଘମାରି ଠାରୁ କଳାପଥର, କଣ୍ଟିଲୋ, ଗଣିଆ ବ୍ଲକ ମହକୁମା ଦେଇ ଦଶପଲ୍ଲାରେ ସଂଯୋଗ ହୋଇଥିବା ୪୮ନଂ ରାଜ୍ୟ ରାଜପଥ ଉପରେ ଅବସ୍ଥିତ ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବଡ ବାଣପୁର ଗ୍ରାମ ପଞ୍ଚାୟତ ରୁ ମାତ୍ର ଅଢେଇ କିଲୋ ମିଟର ଦୂରରେ ଅବସ୍ଥିତ ରତନପୁର ଗ୍ରାମ। ପଞ୍ଚାୟତ ମହକୁମା ଠାରୁ ଏହି ଗ୍ରାମକୁ ପକ୍କା ସଡ଼କ ନଥିବାରୁ ଏଠାରେ ବାସ କରୁଥିବା ଗୋଟିଏ ୱାର୍ଡ ବିଶିଷ୍ଟ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଅଧିବାସୀ ବର୍ଷ ସାରା ବହୁ ହନ୍ତସନ୍ତ ତଥା ହିନସ୍ଥା ହେଉଥିବା ଅଭିଯୋଗ ହେଉଛି। ନୂତନ ପକ୍କା ରାସ୍ତା ନିର୍ମାଣ ପାଇଁ ଆବଶ୍ୟକୀୟ 'ସର୍ଭେ କାର୍ଯ୍ୟ' 'ଡିମାର୍କେସନ୍' ଶେଷ ଓ 'ଲେ ଆଉଟ୍' ଦିଆଯାଇଥିଲେ ମଧ୍ୟ ଦୀର୍ଘ ଦିନ ହେଲା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଉଥିବାରୁ ଗ୍ରାମବାସୀମାନେ ଘୋର ଅସନ୍ତୋଷ ହେବା ସହିତ ପ୍ରଶାସନିକ ଅବହେଳା ଓ ଉଦାସୀନତା ଉପରେ ଅଭିଯୋଗ କରିଛନ୍ତି। ସୂଚନାରୁ ଜଣାପଡିଛି ଯେ, ରତନପୁର ଗ୍ରାମକୁ ନିହାତି ପକ୍କା ରାସ୍ତାର ଆବଶ୍ୟକତା ଉପର ଗ୍ରାମବାସୀମାନେ ଲିଖିତାକାରରେ ଓ ସାକ୍ଷାତରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ନୟାଗଡ଼ ଜିଲ୍ଲାପାଳ ତ୍ୱରାନିତ ହୋଇ ପକ୍କା ରାସ୍ତା ନିର୍ମାଣ ସମ୍ପର୍କେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଖଣ୍ଡପଡ଼ା ତହସିଲଦାର ଓ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ପ୍ରଶାସନିକ ଅଧିକାରୀ ମାନଙ୍କ ବିଳମ୍ବ ଯୋଗୁ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏଥିରେ ହସ୍ତକ୍ଷେପ କରି ରତନପୁର ଗ୍ରାମବାସୀଙ୍କ ଆବଶ୍ୟକତାକୁ ହୃଦ୍‌ବୋଧ କରି, ନିଜସ୍ୱ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଖଣ୍ଡପଡ଼ା ତହସିଲଦାର ଓ ବିଡ଼ିଓ ତଥା ରାସ୍ତା ନିର୍ମାଣର ସଂପୃକ୍ତ ଯନ୍ତ୍ରୀ ଓ ଉଚ୍ଚପଦସ୍ଥ ଯନ୍ତ୍ରୀ ମାନଙ୍କୁ ସାଙ୍ଗରେ ନେଇ ବାଣପୁର ପଞ୍ଚାୟତ ଠାରୁ ରତନପୁର ଗ୍ରାମକୁ ଲମ୍ବିଥିବା ଫେୟାର ୱେଦର୍ ରାସ୍ତାର ସର୍ଭେ କାର୍ଯ୍ୟ,



ଡିମାରକେସନ୍ କାର୍ଯ୍ୟ ଓ ସରକାରୀ ରାସ୍ତାରୁ ଅବରୋଧ କାରୀଙ୍କୁ ଉଚ୍ଛେଦ କରି ବିଗତ ୬ ମାସ ହେଲା 'ଲେ ଆଉଟ' କାର୍ଯ୍ୟ ଶେଷ କରିଥିଲେ ହେଁ, ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ, ପ୍ରଶାସନିକ ଉଦାସୀନତା, ଆନ୍ତରିକ ଇଚ୍ଛାଶକ୍ତିର ଅଭାବ ଓ ରାଜନୈତିକ ଚାପ ଯୋଗୁ ଆଜି ସୁଦ୍ଧା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଫଳରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ନେଇ ମତପ୍ରକାଶ ପାଇଛି। ଯାହା ଫଳରେ ରତନପୁର ଗ୍ରାମବାସୀଙ୍କର ଏହି ପକ୍କା ରାସ୍ତା ନିର୍ମାଣର ଅହେତୁକ ବିଳମ୍ବକୁ ନେଇ ଘୋର ଜନଅସନ୍ତୋଷ ବୃଦ୍ଧି ପାଇବା ସହିତ ଏହି ନିକଟ ଭବିଷ୍ୟତରେ ଆଇନକୁ ବାଧ ହୋଇ ହାତକୁ ନେଇ ଆନ୍ଦୋଳନ ମାଧ୍ୟମରେ ୪୮ନଂ ରାଜ୍ୟ ରାଜପଥକୁ ଅବରୋଧ କରି ୨୪ ଘଣ୍ଟିଆ ଧାରଣା ଦେବାକୁ ପ୍ରସ୍ତୁତ ହେଉଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଗ୍ରାମବାସୀଙ୍କ ଗୋଟିଏ ପ୍ରଶ୍ନ, ରାସ୍ତା ନିର୍ମାଣ ପାଇଁ ରତନପୁର ଗ୍ରାମର ପ୍ଲଟ ନଂ ୬୩୦ 'ରାସ୍ତା କିସମ୍'କୁ କିଏ ଘର କରିଛି କିମ୍ବା କିଏ ଗଛ ଲଗେଇ ଉକ୍ତ ଜାଗାକୁ ବିନା ରେକର୍ଡରେ ନିଜ ଅଧୀନରେ ରଖିଛି ତେବେ, ସେ ସ୍ଥାନ ଉଚ୍ଛେଦ ପାଇଁ ଓ ସର୍ବ ସାଧାରଣ ସ୍ୱାର୍ଥ ପାଇଁ ଆଇନ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବା ଦାୟିତ୍ୱ ବ୍ଲକ, ତହସିଲ ଓ ପୋଲିସ ଓ ଜଙ୍ଗଲ ବିଭାଗ ପ୍ରଶାସନର। ବିଶେଷ ଦ୍ରଷ୍ଟବ୍ୟ ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘ ୫ ବର୍ଷ ହେବ ଅନୁଦାନ ରାଶି ଖଣ୍ଡପଡ଼ା ବ୍ଲକ ପ୍ରଶାସନଙ୍କ ପାଖରେ ପଡ଼ି ରହିଥିବା ନଜିର ଅଛି। ଏହି ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ୧୦୮ ଓ୧୦୨ ଆମ୍ବୁଲାନ୍ସ ସେବା ଓ ଅଗ୍ନିଶମ ସେବାରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ରତନପୁର ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ କରିବାରେ ଯେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେଉଛି, ସର୍ବସାଧାରଣଙ୍କ ସ୍ୱାର୍ଥ ପାଇଁ ଅବରୋଧକାରୀଙ୍କ ବିରୁଦ୍ଧରେ ସରକାରଙ୍କ ଆଇନ ବଳରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରତନପୁର ଗ୍ରାମବାସୀଙ୍କୁ ସେବା ଯୋଗାଇଦେବା ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଓ ବାଣପୁର ପଞ୍ଚାୟତର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ରାଧାକାନ୍ତଜିଉ ମହୋତ୍ସବରେ ଝୁମିଲେ ଦର୍ଶକ



**ସାଲେପୁର,୨୫।୨/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ତେନ୍ତୋଳ ପଞ୍ଚାୟତ ଅନ୍ତର୍ଗତ ପାଟପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ତ୍ରିଦିବସୀୟ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ-୨୦୨୬ର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବରେ ପୂର୍ତ୍ତ ବିଭାଗର ପ୍ରାକ୍ତନ ସଚିବ ଶୁଭେନ୍ଦୁ କୁମାର ରାୟ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜଳ ସେଚନ ବିଭାଗର ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ କବି ପ୍ରସାଦ ମିଶ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ ନାୟକ ଓ ସିଦ୍ଧାର୍ଥ ଟିଭି ର ଅପରେସନ ହେଡ଼ ବସନ୍ତ ନାୟକ ଉପସ୍ଥିତ ରହିଥିଲେ। ପାଟପୁର ଗ୍ରାମରେ ଥିବା ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ବିଷ୍ଣୁ ମହାଯଜ୍ଞ ଅବସରରେ ଆୟୋଜିତ ରାଧାକାନ୍ତଜିଉ ମହୋତ୍ସବରେ ଓଡ଼ିଶାର ବହୁ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ।

ଦ୍ୱିତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଟିଭିର ମେଗା ଓଡ଼ିଆ ଧାରାବାହିକ ସିନ୍ଦୁର ଖେଳର ସମସ୍ତ କଳାକାର ଯୋଗଦେଇ ଦର୍ଶକମାନଙ୍କୁ ନିଜ କଳାନୈପୁଣ୍ୟରେ ବିମୋହିତ କରିଥିଲେ। ସେହିପରି ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ, ହାସ୍ୟ ଅଭିନେତା ଗୁଡୁ, ଉଦୀୟମାନ କଳା ନିକେତନର ନୃତ୍ୟାୟନ, ଗୋପୀନାଥପୁର ସାଇ ସରସ୍ୱତୀ ଶିଶୁ ମନ୍ଦିରର କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ କଟକ ଜିଲ୍ଲା ସମେତ ବାହାର ଜିଲ୍ଲାରୁ ବହୁ ଦର୍ଶକ ଆସି ଉପଭୋଗ କରିଥିଲେ। ସେହିପରି ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ହେଉଥିବା ବିଷ୍ଣୁ ମହାଯଜ୍ଞରେ ଭକ୍ତମାନେ ସାମିଲ ହୋଇଥିଲେ। ସମାଜସେବୀ ଦିଲ୍ଲୀପ ଦାଶ, ବିଜୟ ଦାଶ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାଶ, ଜଗମୋହନ ଦାଶ, ହେମନ୍ତ କୁମାର, ବବ୍ରୁବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ସଞ୍ଜିତ ଦାଶ, ଚଗଲା ଭୋଇ, ଦୁର୍ଯ୍ୟୋଧନ ବେହେରା, ଆଲୋକ ସାମଲଙ୍କ ସମେତ ପାଟପୁର ଓ ଆଖପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଜଟଣୀ ବିଜୟୀ

**ଖଣ୍ଡପଡ଼ା,୨୫।୨/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଅନୁଷ୍ଠିତ ଶେଷ ଲିଗ ମ୍ୟାଚରେ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ୧-୦ ଗୋଲରେ ରକି ସ୍ପୋର୍ଟିଙ୍ଗ ବୌଦ୍ଧକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ରାଜୁ ମହାନ୍ତି ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରସନ୍ନ ନାୟକ ଓ ସଗିର ଅହମ୍ମଦ। ଚତୁର୍ଥ ରେଫରୀ ଭାବେ କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ଦାୟୀତ୍ୱ ତୁଲାଇଥିଲେ। ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଭାପୁର ତହସିଲଦାର ଲୋପାମୁଦ୍ରା ରଥ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଦନମୋହନ ପ୍ରଧାନ, ସାଂସଦଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର କଟକ ବିଡାନାସୀ ଫୁଟବଲ ଏକାଡେମୀ ଓ ବାପୁଜୀ କ୍ଲବ୍ କଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତ ସୂଚନା ଦେଇଛନ୍ତି।

## ରିଭର୍ ବ୍ୟାଙ୍କ ଇଣ୍ଟର୍ ନ୍ୟାସ୍‌ନାଲ୍ ସ୍କୁଲ୍‌ର ବାର୍ଷିକୋତ୍ସବ



**ଟାରିଛକ,୨୫।୨/ଏନ୍‌ଏନ୍‌ଏସ୍:** ନିମାପଡା ଏନଏସି ଅନ୍ତର୍ଗତ ଅମଲାପଡାସ୍ଥିତ ବଚପନ ପ୍ଲେ ସ୍କୁଲ ଓ ରିଭର ବ୍ୟାଙ୍କ ଇଂଟର ନ୍ୟାସନାଲ ସ୍କୁଲର ନିମାପଡାର ୬ଷ୍ଠ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ପୂର୍ଣ୍ଣେଶ୍ୱରୀ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ଶିକ୍ଷାବିତ୍ ତାପସ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ଶିକ୍ଷାବିତ୍ ସୁଦର୍ଶନ ଭୋଇ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା କ୍ରୀଡାବିତ୍ ନିର୍ମଳ କୁମାର ମିଶ୍ର,ସମ୍ମାନୀତ ଅତିଥିଭାବେ ଏବିଇଓ ପୁଷ୍ପମିତ୍ରା ମିଶ୍ର, ସିଆରସିସି ଲକ୍ଷ୍ମୀଧର ସେଠୀ,ପ୍ରଶାସନିକ ଅଧିକାରୀ ସୁମିତ୍ରା ବେହୁରା, ଉପଦେଷ୍ଟା ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଯୋଗଦେଇ ଶିକ୍ଷା ବିକାଶର ଚାବିକାଠୀ, ଶିକ୍ଷାବିନା ପ୍ରଗତୀ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମୟା ନୁବର୍ତ୍ତୀ ହୋଇ ବିଦ୍ୟାଳୟକୁ ଆସୁଥିବା କୁନି କୁନି କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ସ୍କୁଲର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଭା ଆଶୁତୋଷ ପ୍ରଧାନ, ତୀର୍ଥରାଜ ସାହୁ, ଆରିୟାଦ୍ୱୀପ ଚାଣକ୍ୟ, ଅନୁସ୍ମିତା ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲ କାଉନସିଲର ସ୍ୱର୍ଣ୍ଣଲତା ସାହୁ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ, ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ପରିଚାଳକ ଅର୍ନ୍ତଯାମୀ ମୁଦୁଲିଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଯୋଗଦେଇଥିଲେ।

## ବ୍ଲକ୍ କଂଗ୍ରେସ ନୂତନ ସଭାପତି ଚୟନ



**ବୋଲଗଡ଼,୨୫।୨/ଏନ୍‌ଏନ୍‌ଏସ୍:** ରାଜ୍ୟ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ଦଳକୁ ବ୍ଲକ ସ୍ତରରେ ନୂତନ ପୁର୍ନ ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ସୁପାରିଶକ୍ରମେ ବୋଲଗଡ଼ ବ୍ଲକର ନୂତନ ସଭାପତି ଭାବେ ଯୁବ ଚେହେରା ରମାକାନ୍ତ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଯୁବ ନେତା ଶ୍ରୀ ପଟ୍ଟନାୟକ ପୂର୍ବରୁ ଛାତ୍ର କଂଗ୍ରେସ ସଂଗଠନ ଓ ଯୁବ କଂଗ୍ରେସ ସଙ୍ଗଠନରେ ବିଶେଷ ଭୂମିକା ନିଭାଇ ଆସିଛନ୍ତି।ବିଶେଷ ଭାବେ ବ୍ଲକ ଅଞ୍ଚଳରେ କଂଗ୍ରେସ ସଙ୍ଗଠନ କରିବାରେ ତାଙ୍କର ଭୂମିକା ଅତିବ ଚମତ୍କାର ଭାବେ ଜଣାଶୁଣା, ଯେହେତୁ ଶ୍ରୀ ପଟ୍ଟନାୟକ ପୁରୁଖା କଂଗ୍ରେସ ପରିବାରର ଅନ୍ତର୍ଭୁକ୍ତ ଓ କଂଗ୍ରେସ ପ୍ରତି ତାଙ୍କର ବିଶେଷ ଆନ୍ତରିକତା ରହି ଆସିଛନ୍ତି। ବୋଲଗଡ଼ ବ୍ଲକ ଅଞ୍ଚଳ ପୂର୍ବରୁ କଂଗ୍ରେସର ଦୁର୍ଗ ଭାବେ ରହି ଥିବାରୁ ସେ କଂଗ୍ରେସର ବ୍ଲକ ଦାୟୀତ୍ୱ ସୁଚାରୁ ରୁପେ ତୁଲାଇ ଦଳକୁ ମଜବୁତ କରିବାକୁ ଦୃଢୋକ୍ତି ପ୍ରକାଶ କରିଛନ୍ତି ଓ ଆଗାମୀ ଦିନରେ ଅଂଚଳର ସମସ୍ତ ପୁରୁଖା କଂଗ୍ରେସ କର୍ମୀଙ୍କୁ ଏକଜୁଟ କରିବା ନିମନ୍ତେ ପ୍ରୟାସ ଜାରି ରଖିବେ ବୋଲି ଆହ୍ୱାନ ଦେଇଛନ୍ତି। ସେ ରାଜ୍ୟ ସଭାପତି ଶ୍ରୀ ଦାସ, ଜିଲ୍ଲା ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ କଂଗ୍ରେସ ବିଧାୟକ ପ୍ରାର୍ଥୀ ପୃଥୀବଲ୍ଲଭ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ତାରାପ୍ରସାଦ ପଟ୍ଟନାୟକ, କଂଗ୍ରେସ ନେତା ସଦାଶିବ ମହାପାତ୍ର, ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରମୁଖ ଓ କଂଗ୍ରେସ କର୍ମୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରକାରୀ ବିଦେଶୀ ମଦଦୋକାନରେ ତାଲା ପକାଇଲେ ଘର ମାଲିକ

**ମାହାଙ୍ଗା,୨୫।୨(ଏନ୍‌ଏନ୍‌ଏସ୍):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧିନ ସମସରପୁର ଭୋଳିଦାସପୁର ଠାରେ ଭଡା ଘରେ ଚାଲୁଥିବା ସରକାରୀ ବିଦେଶୀ ମଦ ଦୋକାନରେ ଆଜି ଘର ମାଲିକ ତାଲା ପକାଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଆଜି ଅପରାହ୍ନରେ ଘର ମାଲିକ ଓ ଦୋକାନ କର୍ମଚାରୀଙ୍କୁ ଘରଭଡା ବାବଦ ଚୁକ୍ତିପତ୍ର ଦେଖାଇବା ପାଇଁ କହିଥିଲେ। ଏ ନେଇ ଦୋକାନ କର୍ମଚାରୀ ଓ ଘର ମାଲିକ ଗିରିଶ କୁମାର ସାହୁଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏପରିକି ଏହି ଘର ଭଡା ଚୁକ୍ତିପତ୍ରରେ ଟଙ୍କକତା କରାଯାଇଥିବା ଅଭିଯୋଗ କରି ମଦ ଦୋକାନକୁ ତାଲା ପକାଇଥିଲେ। ଯାହାକୁ ନେଇ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧିକାରୀ ରାଜକିଶୋର ନାୟକଙ୍କୁ ପଚାରିବାରୁ ଏହି ମଦ ଦୋକାନର କାଗଜପତ୍ର ଠିକ୍ ଅଛି। ତଦନ୍ତ ପରେ ଘଟଣା ଜଣାପଡିବ ବୋଲି କହିଥିଲେ।

## ବନାଗ୍ନୀ ନିରାକରଣ ସଚେତନତା ରାଲି



**ଓଡ଼ଗାଁ,୨୫।୨/ଏନ୍‌ଏନ୍‌ଏସ୍:** ଓଡଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଗ୍ରାମରେ ବନ୍ୟାଗ୍ନୀ ନିରାକରଣ ସଚେତନତା ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ, ରୋହିବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ ଓ ବିଦ୍ୟାଳୟର ଶିକ୍ଷକ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ରାଲିରେ ଯୋଗଦେଇଥିଲେ। ଅନ୍ୟ ଅତିଥିଭାବେ ଓଡଗାଁ ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଂଜନ ଦଳେଇ, ଦିପ୍ତିମୟୀ ରାଉତ, ଉଦ୍ଧବ ପ୍ରଧାନ, ମାନସ ରଞ୍ଜନ ମିଶ୍ର, ଦିଲ୍ଲୀପ କୁମାର ପ୍ରଧାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ ନାହାକ, ସୂର୍ଯ୍ୟମଣୀ ନାୟକ, ଖଗେଶ୍ୱର ବେହେରା, ଶିକ୍ଷୟିତ୍ରୀ ଅବନ୍ତୀ ବେହେରା ଓ ପଦ୍ମିନୀ କୁମାରୀ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ରାଲି ରୋହିବାଙ୍କ ବିଦ୍ୟାଳୟରୁ ବାହାରି ରୋହିବାଙ୍କ ଗ୍ରାମ ପରିକ୍ରମା କରିଥିଲା। ଡାକବାଜି ଯନ୍ତ୍ର ସାହାଯ୍ୟରେ ମିଳିତ ସ୍ଲୋଗାନ 'ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ସୁସ୍ଥ ଜଳବାୟୁ ଆମେ ପାଇବା,ପାହାଡର ଡାକ ଶୁଣହେ ଭାଇ ଜଙ୍ଗଲରେ ନିଆଁ ଲଗାଅ ନାହିଁ' ଦିଆଯାଇଥିଲା। ଏହାପରେ ବିଦ୍ୟାଳୟରେ ଏକ ସଚେତନତା ସଭା କରାଯାଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଏକ ଶପଥପାଠ କରାଯାଇଥିଲା। ନିଆଁ ଏକ ମନୁଷ୍ୟ କୃତ ହୋଇଥିବାରୁ ବିଡି, ସିଗାରେଟ ନିଆଁ, କିମ୍ବା ଜଙ୍ଗଲୀ ଜୀବଜନ୍ତୁଙ୍କ ମାଂସ ପାଇଁ ମଣିଷ ନିଆଁ ଲଗାଇଦେଉଛି। ଫଳରେ ବାୟୁ ମଣ୍ଡଳର ତାପମାତ୍ରା ବଢିବା ସହିତ ଜଙ୍ଗଲୀ ଜୀବଜନ୍ତୁ ଆହାର ନପାଇ ଗାଁ ଓ ସହର ଅଭିମୁଖୀ ହେଉଛନ୍ତି। ଫଳରେ କେତେବେଳେ ମଣିଷର ମୃତ୍ୟୁହେବା ସହିତ କେତେବେଳେ ନିରୀହ ଜଙ୍ଗଲୀ ପ୍ରାଣୀର ମୃତ୍ୟୁ ହେଉଛି। ତେଣୁ ଓଡଗାଁ ଜଙ୍ଗଲ ବିଭାଗ ଦ୍ୱାରା ଏ ବିଷୟରେ ତଥ୍ୟ ପ୍ରଦାନ କରିବା ପାଇଁ ୩ ଟି ଯୋଗାଯୋଗ ନମ୍ବର ୦୬୭୫୩୨୯୬୫୨୦, ୯୧୭୮୫୧୫୧୫୪, ୯୬୬୮୧୦୮୭୯୨କୁ ସର୍ବସାଧାରଣରେ ପ୍ରଦାନ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଦଳେଇ ଏବଂ ଶିକ୍ଷକ ଶ୍ରୀ ସାହୁ ପରିଚାଳନା କରିଥିବା ଜଣାପଡ଼ିଛି।

## ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ସମ୍ବର୍ଦ୍ଧିତ



**ଫୁଲନଖରା,୨୫।୨/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା(ବିସିଟି)କୁ ରକ୍ତଦାନ ମହା ସେବା, ସମାଜସେବା, ପରିବେଶ ସୁରକ୍ଷା,ଆଶ୍ରମ ସେବା,ଖାଦ୍ୟ ବଣ୍ଟନ,ଚିକିତ୍ସାଳୟରେ ସଫେଇ କାର୍ଯ୍ୟ, ପୂଜ୍ୟପୂଜା, ଶିଶୁ କର୍କଟ ରୋଗୀଙ୍କ ସେବା ଶୁଶ୍ରୁଷା କାର୍ଯ୍ୟ ଆଦି ବହୁବିଧ ଅତି ମାନବୀୟ ଜନ ହିତକର କାର୍ଯ୍ୟ ନେଇ ସମ୍ବାଦ ଓ ସଂସ୍କାର ମୂଳକ ଓଡ଼ିଶାର ଅଗ୍ରଣୀ ଆଧାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ପାଳିତ ଅବସରରେ ଦିବ୍ୟାଲୋକ ସନ୍ଧାନେ ସାମାଜିକ ସେବା ରତ୍ନ ସମ୍ମାନ - ୨୦୨୬ ମର୍ଯ୍ୟାଦା ଜନକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଟ୍ରଷ୍ଟ ଅଧକ୍ଷ ମହାନ୍ ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ, ସମ୍ପାଦକ ସମାଜସେବୀ ପ୍ରିନ୍ସ ନନ୍ଦ ଉପସ୍ଥିତ ରହି ଗ୍ରହଣ କରିଥିଲେ। ସଭାରେ ପତ୍ରିକାର ମୁଖ୍ୟ ସମ୍ପାଦକ ଡ଼.ଶରତ କୁମାର ରଥ,ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ,ସ୍ୱାମୀ ଅଦ୍ୱୈତା ନନ୍ଦ, ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ଦାସ ମହାରାଜ, ସାହିତ୍ୟିକ ରଞ୍ଜନ କୁମାର ଦାସ, ଡକ୍ଟର ଶରତ କୁମାର ବିଶ୍ୱାଳ, ଡାକ୍ତର ଶଙ୍କର ରାମଚନ୍ଦାନି, ଇଂ. ବିପ୍ଳବ ଦାସ, ଇଂ. ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆହତ ଯୁବକଙ୍କୁ ଉଦ୍ଧାର କଲା ପୁଲିସ୍

**ବୟାଳିଶମୌଜା,୨୫।୨/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ସ୍ଥିତ ମିରିଜେଇପୁର - ଅଥଙ୍ଗା ସେତୁ ଉପରେ ଗତକାଲି ରାତି ପ୍ରାୟ ୯ ଘଟିକା ସମୟରେ ଏକ ଅଜଣା ଯୁବକ ବାଇକ୍‌ରେ ଆସୁଥିବା ବେଳେ ଦୁର୍ଘଟଣା ହୋଇ ଖସି ପଡିଥିଲେ। ଏହା ଦେଖି ମିରିଜେଇପୁର ଗ୍ରାମବାସୀମାନେ, କନ୍ଦରପୁର ଥାନା ପୋଲିସ ଓ ୪୨ମୌଜା ଥାନା ପୋଲିସ ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ସାହାଯ୍ୟ ରେ କଟକ ମେଡିକାଲ୍‌କୁ ପଠାଇଥିଲେ। ମିରିଜେଇପୁର- ଅଥଙ୍ଗା ସେତୁ ର ସୀମାନ୍ତ ରେଖା ଭିତରେ ହୋଇଥିବାରୁ ଦୁଇ ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମେଡିକାଲ୍‌କୁ ସ୍ଥାନାନ୍ତରିତ ହୋଇଥିବା ଯୁବକଙ୍କ ବୟସ ହାରାହାରି ପ୍ରାୟ ୨୦ରୁ ୨୪ ହୋଇଥିବା ବେଳେ ତାଙ୍କ ଘର କନ୍ଦରପୁର ପଞ୍ଚାୟତରରେ ବୋଲି ଉଭୟ ପୁଲିସ ପକ୍ଷରୁ ଜଣାପଡିଛି।

**ନିତି ଭାରତୀ**

ଅଭିଜ୍ଞତା ହେଉଛି ଆମମାନଙ୍କ ନିକଟରେ ଥିବା ଏକମାତ୍ର ଶିକ୍ଷକ । ଜୀବନ କାଳରେ ଆମେ ଅନେକ କଥା କହିପାରୁ । କିନ୍ତୁ ସତ୍ୟ କ'ଣ ତାହା ନିଜେ ଅଙ୍ଗେ ନ ନିଭାଇବା ପର୍ଯ୍ୟନ୍ତ ଆମେ ବୁଝି ପାରିବା ନାହିଁ । - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN

ଗୁରୁବାର, ୨୬ ଫେବୃଆରୀ ୨୦୨୬

# ଓଡ଼ିଶାରେ କୃଷି ଅଭିବୃଦ୍ଧି ଓ କୃଷକ କଲ୍ୟାଣ



ବିଦ୍ୟାଧର ମହାରଣା

କୃଷି ବିକାଶ ପାଇଁ ଓଡ଼ିଶାରେ ଉପଯୁକ୍ତ ମୃତ୍ତିକା, ଜଳବାୟୁ, ଶସ୍ତା ଶ୍ରମିକ, ପ୍ରଚୁର ଜଳ ସମ୍ପଦ ଥାଇ ମଧ୍ୟ କୃଷକମାନଙ୍କର ନିମ୍ନ ଆୟ ଚିନ୍ତାର ବିଷୟ । ଅବଶ୍ୟ କୃଷି ଅଭିବୃଦ୍ଧି ହାର ରାଜ୍ୟରେ ୩.୩ ପ୍ରତିଶତ, ଯାହାକି ଜାତୀୟ ଅଭିବୃଦ୍ଧି ହାରଠାରୁ ଅଧିକ । ଏହା ସତ୍ତ୍ୱେ କୃଷକମାନଙ୍କ ଜୀବନର ମାନଦଣ୍ଡ ସେତେଟା ଉନ୍ନତ ନୁହେଁ । ନିମ୍ନ ଆୟର ମୁଖ୍ୟ କାରଣଗୁଡ଼ିକ ହେଲା, ପର୍ଯ୍ୟାବରଣ ସମସ୍ୟା, ଭିତ୍ତିଭୂମିର ଅଭାବ, କ୍ଷୁଦ୍ର ଓ ଖଣ୍ଡ ବିଖଣ୍ଡିତ ଚାଷ ଜମି, ଫସଲର ନିମ୍ନ ଅମଳ ହାର, ପ୍ରଯୁକ୍ତିବିଦ୍ୟାର ସ୍ୱଳ୍ପ ପ୍ରୟୋଗ, କୃଷିଋଣ ଅଭାବ, ବିପଣନ ସମସ୍ୟା ଓ ଅର୍ଥନୈତିକ ବୈଷମ୍ୟ ।

ଆଧୁନିକ କୃଷିରେ ଜଳସେଚନ, ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ବିକାଶ, ବିପର୍ଯ୍ୟୟ ପରିଚାଳନା, କୃଷି ସମ୍ପ୍ରସାରଣ, ପୁଞ୍ଜିନିବେଶ ଓ ବିପଣନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ କୃଷି ବିକାଶ ଗୋଟିଏ ବିଭାଗର ଏକଚାଟିଆ ଦାୟିତ୍ୱ ନୁହେଁ । କୃଷି ପାଇଁ ଆବଶ୍ୟକ ଜଳସେଚନ ଯୋଗାଇ ଦେବା ଜଳ ସମ୍ପଦ ବିଭାଗର ଦାୟିତ୍ୱ । ପ୍ରଯୁକ୍ତିବିଦ୍ୟା ପରୀକ୍ଷା କରି ଅନୁମୋଦନ କରିବା କୃଷି ବିଶ୍ୱବିଦ୍ୟାଳୟ ଓ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକର ଦାୟିତ୍ୱ । କୃଷି ବିକାଶ ପାଇଁ ଭିତ୍ତିଭୂମି ବିକାଶ ଦାୟିତ୍ୱ ଶକ୍ତି ବିଭାଗ, ପଞ୍ଚାୟତିରାଜ ବିଭାଗ ଓ ସମବାୟ ବିଭାଗ ଉପରେ ନ୍ୟସ୍ତ । ଭୂସଂସ୍କାର ଓ ବିପର୍ଯ୍ୟୟ ପରିଚାଳନା ଦାୟିତ୍ୱ  ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜଳବାୟୁ ନିୟନ୍ତ୍ରଣ ଜଙ୍ଗଲ ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଉପରେ ଦିଆଯାଇଛି । କୃଷି ବିପଣନ ଓ ଫସଲ ବୀମା ଦାୟିତ୍ୱ ପାଇଁ ସମବାୟ ବିଭାଗ ଓ ରାଜ୍ୟ ଯୋଗାଣ ବିଭାଗ ଦାୟୀ । କୃଷି ଋଣ ବଣ୍ଟନ ଦାୟିତ୍ୱ ସମବାୟ ବିଭାଗ, ନାବାର୍ଡ ଓ ବିଭିନ୍ନ ବ୍ୟାଙ୍କଗୁଡ଼ିକର । ଏତଦ୍ ବ୍ୟତୀତ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ଗୋଷ୍ଠୀ ତଥା ବେସରକାରୀ ସଂଗଠନ ଏ ବାବଦରେ ସହାୟତା କରନ୍ତି । କୃଷି ବିଭାଗର ମୁଖ୍ୟ ଦାୟିତ୍ୱ ହେଉଛି, କୃଷି ସମ୍ପ୍ରସାରଣ, କୃଷି ପରାମର୍ଶ, କେନ୍ଦ୍ରୀୟ ଓ ରାଜ୍ୟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା । କୃଷି ସହିତ କେତେକ ଆନୁଷଙ୍ଗିକ ବିଭାଗ ହେଉଛି, ମତ୍ସ୍ୟ ବିଭାଗ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ । ଏଠାରେ କହିବା କଥା ହେଉଛି, ଏହିସବୁ ବିଭାଗ ମଧ୍ୟରେ ସମନ୍ୱୟ ନ ରହିଲେ ରାଜ୍ୟର କୃଷି ବିକାଶ ଓ କୃଷକ ଆୟ ବୃଦ୍ଧି ଆଶାନୁରୂପକ ହୋଇ ନପାରେ ।

ରାଜ୍ୟର ପ୍ରାୟ ୬୦ ପ୍ରତିଶତ ଚାଷଜମି ଇନ୍ଦ୍ର ଦେବଙ୍କ କରୁଣା ଉପରେ ନିର୍ଭରଶୀଳ । କଥାରେ ଅଛି- 'ମେଘ ବରଷଇ ରଇତ ଚଷଇ ।' ବୃଷ୍ଟିପାତର ଅନିୟମିତତା, ସ୍ୱଳ୍ପତା କିମ୍ବା ବହୁଳତା କୃଷି ଉତ୍ପାଦନ ହ୍ରାସ ପାଇଁ ଦାୟୀ । ଏହା ଛଡ଼ା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଓଡ଼ିଶା ଏକ ସୁଭେଦ୍ୟ ରାଜ୍ୟ । ବଢ଼ି, ମରୁଡ଼ି ଓ ବାତ୍ୟା ଯେପରି ଓଡ଼ିଶାର ଚିର ସହଚର । ହାରାହାରି ପ୍ରତି ତିନି ବର୍ଷରେ ଥରେ ରାଜ୍ୟରେ ମରୁଡ଼ି ଦେଖାଯାଏ । ସ୍ୱାଧୀନତା ପୂର୍ବରୁ ରାଜ୍ୟରେ ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଉଛି । ସରକାରୀ ତଥ୍ୟ ଅନୁସାରେ, ରାଜ୍ୟରେ ସମ୍ଭାବ୍ୟ ଜଳସେଚନ ୧୯୭୫-୭୬ରେ ୧୩.୭୮ ଲକ୍ଷ ହେକ୍ଟର ଥିବା ବେଳେ ୨୦୧୯-୨୦ ବେଳକୁ ଏହା ୬୧.୮୫ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ରାଜ୍ୟରେ ୫୪% ଚାଷଜମି ଜଳସେଚିତ ବୋଲି ପ୍ରକାଶ କରାଯାଇଛି । ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ସହିତ ରାଜ୍ୟରେ ଜଳନିଧି ଯୋଜନାରେ କ୍ୟାପ୍ଟିଭ୍ ଜଳସେଚନ ଉତ୍ସ ସୃଷ୍ଟି କରାଯାଇଛି । ଅଣୁ ଜଳସେଚନ ହିସାବରେ ବୁନ୍ଦା ଓ ଫୁଆରା ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଇଛି । କିନ୍ତୁ କେନାଲଗୁଡ଼ିକରେ ସେଚନ ଜଳର କାର୍ଯ୍ୟ ଦକ୍ଷତା ୩୫-୪୦ ପ୍ରତିଶତ ମଧ୍ୟରେ ସୀମିତ । କମାଣ୍ଡ ଏରିଆ ଜଳ ପରିଚାଳନା ମନ୍ଥର ଗତିରେ ଚାଲିଛି । ରାଜ୍ୟର ସମସ୍ତ ବ୍ଲକ୍‌ରେ ୩୫% ଜଳସେଚନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରା ଯାଇଥିଲେ ମଧ୍ୟ ଏହା ସଫଳ ହୋଇନାହିଁ । ଲକ୍ଷ୍ୟ ରଖା ଯାଇଥିବା ୧୯୮ ବ୍ଲକ୍ ମଧ୍ୟରୁ ପ୍ରାୟ ୯୮ ବ୍ଲକ୍‌ରେ ଏହା ସଫଳ ହୋଇ ପାରିନାହିଁ । କେବଳ ଉଠା ଜଳସେଚନ ଅଞ୍ଚଳକୁ ଛାଡ଼ି ଅନ୍ୟ ସେଚାଞ୍ଚଳରେ ପାଣି ପଞ୍ଚାୟତଗୁଡ଼ିକର କାର୍ଯ୍ୟ ସନ୍ତୋଷଜନକ ନଥିବା ଦିବାଲୋକ ପରି ସ୍ପଷ୍ଟ । ରାଜ୍ୟରେ ୨୦୦୦୦ ବିଭାଜିକା ମଧ୍ୟରୁ ମାତ୍ର ୬୦୦୦ର ଏଯାଏଁ ଉପଚାର କରାଯାଇଛି । ଅବଶିଷ୍ଟ ୧୪୦୦୦ ଜଳ ବିଭାଜିକା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ରାଜ୍ୟ ଯୋଜନା ମାଧ୍ୟମରେ ପର୍ଯ୍ୟାୟକ୍ରମେ ଉପଚାର କରିବା ଆବଶ୍ୟକ ।

କୃଷିକୁ ପରିଚାଳନା କରିବା ପାଇଁ ଏକ ସର୍ବନିମ୍ନ ଜମିର ଆବଶ୍ୟକତା ଅଛି । କିନ୍ତୁ ଓଡ଼ିଶାରେ ଚାଷୀ ପରିବାର ପିଛା ଚାଷଜମି କ୍ରମଶଃ କମିବାରେ ଲାଗିଛି ଓ ଟୁକୁଡ଼ା ଟୁକୁଡ଼ା ଜମି ଯାନ୍ତ୍ରିକୀକରଣ ପାଇଁ ଅସୁବିଧାଜନକ ହେଉଛି । ଓଡ଼ିଶାରେ ମୋଟ ଚାଷୀ ପରିବାର ସଂଖ୍ୟା ୪୮,୬୫,୮୫୦ ଓ ମୋଟ ଜମି ପରିମାଣ ୪୬,୧୯,୨୮୯ ହେକ୍ଟର । ଅତଏବ, ହାରାହାରି ପରିବାର ପ୍ରତି ୦.୯୫ ହେକ୍ଟର ଜମି ରହିଛି । ଅନ୍ୟ ଏକ ଉଦ୍‌ବେଗର ବିଷୟ ହେଉଛି, ରାଜ୍ୟରେ ନାମମାତ୍ର ଚାଷୀ ୩୬,୩୬ ୬୫୮ ଓ କ୍ଷୁଦ୍ରଚାଷୀ ୮,୮୭,୨୭୨ ଏବଂ ଏମାନଙ୍କ ପରିବାରର ହାରାହାରି ଜମିର ପରିମାଣ ମାତ୍ର ୦.୭୬ ହେକ୍ଟର । ଗୋଟିଏ ପରିବାର ଚଳିବା ପାଇଁ ଅନ୍ୟୂନ ଏକ ହେକ୍ଟର ଜମି ଆବଶ୍ୟକ ସ୍ଥଳେ ଏମାନଙ୍କ ପାଖରେ ଏହାର ୭୬% ଜମି ରହିଛି । ରାଜ୍ୟର ମଧ୍ୟମ ଓ ବଡ଼ ଚାଷୀଙ୍କ ପାଖରେ ହାରାହାରି ପରିବାର ପ୍ରତି ୩. ୩୮ ହେକ୍ଟର ଜମି ରହିଛି । କିନ୍ତୁ ଏମାନେ ଅଧିକ ଉତ୍ପାଦନକ୍ଷମ ଚାଷ କରିପାରୁ ନାହାନ୍ତି । ରାଜ୍ୟରେ ଏପରି ବିଷମ ଚାଷଜମି ବଣ୍ଟନ କୃଷିଉତ୍ପାଦନ ହ୍ରାସର ଅନ୍ୟଏକ କାରଣ । ଆଜି ଯଦି ପଞ୍ଜାବ ଓ ହରିୟାଣା ରାଜ୍ୟ କୃଷି କ୍ଷେତ୍ରରେ ଅଧିକ ବିକାଶ କରିଛନ୍ତି, ଏହାର ମୁଖ୍ୟ କାରଣ ହେଉଛି ଜମିର ଚକବନ୍ଦୀ, ଜଳସେଚନ ଓ କୃଷି ଯାନ୍ତ୍ରିକୀକରଣ । ସୁତରାଂ, ଆମ ରାଜ୍ୟରେ ଯେଉଁ ଦିନ ପର୍ଯ୍ୟନ୍ତ ଏପରି ବିଷମ ଜମି ବଣ୍ଟନ ଓ ଖଣ୍ଡ ବିଖଣ୍ଡିତ ଚାଷଜମି ଥିବ, ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଓ କୃଷି ଯାନ୍ତ୍ରିକୀକରଣ ସେତେ ଅସଫଳ ହେଉଥିବ । ଏହା ଛଡ଼ା ରାଜ୍ୟରେ ଭାଗଚାଷୀ ଆଇନ୍ ତୁରନ୍ତ ଚୂଡ଼ାନ୍ତ କରି କାର୍ଯ୍ୟାରମ୍ଭ କରିବା ଆବଶ୍ୟକ ।

କୃଷି କାର୍ଯ୍ୟରେ ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସ୍ଥାପନ କରାଯିବା ମଧ୍ୟ ଜରୁରୀ । ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ହ୍ରାସ କରିବାକୁ ହେଲେ ଅଧିକ ସଂଖ୍ୟକ ଭଣ୍ଡାର ଓ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ଆବଶ୍ୟକ । ଗ୍ରାମୀଣ ଭଣ୍ଡାର ଯୋଜନା ଥାଇ ମଧ୍ୟ ଗ୍ରାମାଞ୍ଚଳରେ ସାଇତା ଶସ୍ୟକୋଠି ବିଶେଷ ନିର୍ମାଣ ହୋଇପାରି ନାହିଁ । ଏପରିକି ଗ୍ରାମ୍ୟ ଶସ୍ୟ ବ୍ୟାଙ୍କ ବ୍ୟବସ୍ଥା ନଥିବାରୁ ଚାଷୀମାନେ ବିହନ ପାଇବାରେ ଅସୁବିଧା ଅନୁଭବ କରୁଛନ୍ତି । ରାଜ୍ୟରେ ଆଳୁ ଓ ପନିପରିବା ସାଇତି ରଖିବା ପାଇଁ ମାତ୍ର ୨୬ ଗୋଟି କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ରହିଛି । ସରକାର ୫୮ ସବଡିଭିଜନରେ ୫୮ ଗୋଟି ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଲେ ମଧ୍ୟ ଏହା ରାଜ୍ୟ ପାଇଁ ଯଥେଷ୍ଟ ହେବ ନାହିଁ । ରାଜ୍ୟର ଅଧିକ ଉତ୍ପାଦନ ହେଉଥିବା ଅଞ୍ଚଳରେ ବହୁମୁଖୀ ଉତ୍ପାଦ ପାଇଁ ସ୍ୱତନ୍ତ୍ର ଶୀତଳ ଭଣ୍ଡାର ସହିତ ଶୀତଳ ପରିବହନ ପାଇଁ ରିଫର ଭ୍ୟାନ ଯୋଗାଇ ଦେବା ମଧ୍ୟ ଆବଶ୍ୟକ । ପ୍ରତି ପ୍ରାଥମିକ ସେବା ସମବାୟ କେନ୍ଦ୍ରରେ ଛୋଟ ଛୋଟ ଶୀତଳ ଭଣ୍ଡାର ସ୍ଥାପନ କରାଗଲେ ଚାଷୀମାନେ ଉପକୃତ ହୋଇ ପାରିବେ ।

କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ସରକାର ମୁଖ୍ୟ ଫସଲ ଧାନ ସହିତ କିଛି ମାଣ୍ଡିଆ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରି ଖାଦ୍ୟ ନିରାପତ୍ତା ଯୋଜନାରେ ବଣ୍ଟନ କରୁଛନ୍ତି । ବାର୍ଷିକ ୬୦-୯୦ ଲକ୍ଷ ଟନ୍ ଧାନ ଚାଷୀଙ୍କଠାରୁ କିଣାଯାଇ ଚାଉଳ ପାଇଁ ମିଲରମାନଙ୍କୁ ଯୋଗାଇ ଦିଆଯାଉଛି । ଏହି ବର୍ଷ ସରକାର ୯୨ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟରେ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ସବ୍‌ସିଡି ଦେଉଛନ୍ତି । ଏହା ଯୋଗୁ ଚାଷୀମାନେ ଅଧିକ ଧାନଚାଷ ପାଇଁ ମନ ବଳାଉଛନ୍ତି । ଧାନ ଚାଷ ଅଧିକ କଲେ ଜଳ ସମ୍ପଦ ଶୀଘ୍ର ଶେଷ ହେବ ଓ ମୃତ୍ତିକା ସ୍ୱାସ୍ଥ୍ୟ ବିଗିଡ଼ି ଯିବ । ଏଣୁ ଧାନ ଚାଷ ସୀମିତ କରି ଅନ୍ୟାନ୍ୟ ଫସଲ ହିସାବରେ ପୁଷ୍ଟି ଶସ୍ୟ, ଡାଲି, ତୈଳବୀଜ ଓ ଅର୍ଥକରୀ ଫସଲ ଅଧିକ ଚାଷ କରିବା ଉଭୟ ଚାଷୀ ଓ ରାଜ୍ୟବାସୀଙ୍କ ପାଇଁ ମଙ୍ଗଳକାରକ ହେବ । ରାଜ୍ୟର ଖରିଫ ଋତୁରେ ଧାନ ଉତ୍ପାଦନ ରାଜ୍ୟର ଆବଶ୍ୟକତା ପୂରଣ କରୁଥିବାରୁ ଡାଲୁଅ ଧାନ ପାଇଁ ଜଳ ଯୋଗାଇବା ଅନାବଶ୍ୟକ । ଯେତେ ଦିନ ପର୍ଯ୍ୟନ୍ତ କୃଷକମାନେ ଫସଲ ବିବିଧିକରଣ ନକରି ଧାନ ଚାଷରେ ମାତିଥିବେ ସେତେ



ଦିନ ପର୍ଯ୍ୟନ୍ତ ସେମାନଙ୍କର ଆୟ ବୃଦ୍ଧି ଆଶା କ୍ଷୀଣ । ରାଜ୍ୟରେ ଅର୍ଥକରୀ ଓ ବ୍ୟବସାୟିକ ଫସଲ ହିସାବରେ ୭ ଲକ୍ଷ ହେକ୍ଟର ପନିପରିବା, ୬ ଲକ୍ଷ ହେକ୍ଟର ଫଳ, ୨୦୦୦୦ ହେକ୍ଟର ଫୁଲ, ୧୦୦୦୦ ହେକ୍ଟର ପାନ, ୫୦୦୦୦ ହେକ୍ଟର ଆଖୁ, ୨ ଲକ୍ଷ ହେକ୍ଟର କପା, ୩୦୦୦୦ ହେକ୍ଟର ଝୋଟ, ୧୦୦୦୦ ହେକ୍ଟର ଔଷଧୀୟ ବୃକ୍ଷ, ୨୦୦୦୦ ହେକ୍ଟର ଅଦା, ୩୦୦୦୦ ହେକ୍ଟର ହଳଦୀ, ଅଏଲ୍ ପାମ୍, ଷ୍ଟ୍ରବେରୀ,ଡ୍ରାଗନ ଫ୍ରୁଟ, ହାଇବ୍ରିଡ ତେନ୍ତୁଳି ଇତ୍ୟାଦି ଚାଷ ହୋଇ ପାରିବ । ପୁଷ୍କରିଣୀ ଚାରି ପାଖରେ ସମନ୍ୱିତ କୃଷି ପଦ୍ଧତି ହିସାବରେ ଧାନ, ମାଛ ଫଳ, ପନିପରିବା ଓ କୁକୁଡ଼ା ପାଳନ କରାଯାଇ ପାରିବ । ଫସଲ ବିବିଧିକରଣ କଲେ  ବର୍ଷସାରା କର୍ମନିଯୁକ୍ତି ଓ ରୋଜଗାର ବୃଦ୍ଧି ସହିତ ପରିବେଶ ସୁରକ୍ଷିତ ରହିବ । ଏହାଦ୍ୱାରା କୃଷକ କଲ୍ୟାଣ ସାଧିତ ହୋଇ ପାରିବ । ଏଥି ପାଇଁ କୃଷି ବିଭାଗ ଆବଶ୍ୟକ ବିହନ, ସାର, ଜୈବ ସାର, ଜୈବ କୀଟନାଶକ ଇତ୍ୟାଦି ଠିକ୍ ସମୟରେ ଯୋଗାଇ ଦେବା ଆବଶ୍ୟକ । କୃଷି ଋଣର ସଠିକ୍ ବିନିଯୋଗ ପାଇଁ ଉଭୟ କୃଷି ସାମଗ୍ରୀ ଓ ନଗଦ ଆକାରରେ ବ୍ୟାଙ୍କ ଓ ସମବାୟ ସମିତି ଯୋଗାଇବା ଏକ ଉପଯୁକ୍ତ ପଦକ୍ଷେପ । ରାଜ୍ୟରେ ଅଚଳ ହୋଇଥିଲା ସୂତା କଳ, ଚିନି କଳ ଓ ଝୋଟ କଳଗୁଡ଼ିକର ପୁନରୁଦ୍ଧାର ଆବଶ୍ୟକ ।

ରାଜ୍ୟରେ କାର୍ଯ୍ୟରତ ରାଜ୍ୟ ବିହନ ନିଗମ, କୃଷି ଶିଳ୍ପ ନିଗମ, ଆପିକଲ ଓ ମାର୍କଫେଡ ଦକ୍ଷତାର ସହ କାର୍ଯ୍ୟ କରିବା ବିଧେୟ । ଆମ ରାଜ୍ୟରେ ଅଧିକାଂଶ ଫସଲରେ ଅମଳ ହାର ଜାତୀୟ ଅମଳ ହାର ଓ ପଡ଼ୋଶୀ ରାଜ୍ୟ ତୁଳନାରେ କମ୍ ଅଛି । ଏହାର କାରଣ ହେଲା ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ଅବହେଳା ଓ କୃଷି ସାମଗ୍ରୀ ଅଭାବ ତଥା ପ୍ରତିକୂଳ ଜଳବାୟୁ । ନୂତନ ପ୍ରଯୁକ୍ତିବିଦ୍ୟା ଓ ଅତ୍ୟାଧୁନିକ ପରିଶୁଦ୍ଧ କୃଷି, ସଂରକ୍ଷଣ କୃଷି, ଜଳବାୟୁ ସହନଶୀଳ କୃଷି, ଜୈବିକ ଓ ପ୍ରାକୃତିକ କୃଷି ପ୍ରୟୋଗ ପାଇଁ କୃଷକମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ସହିତ ଅଧିକ ସଂଖ୍ୟକ କୃଷକ କ୍ଷେତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିବା ଆବଶ୍ୟକ । କୃଷି ବିଭାଗ ନିକଟରେ ଆବଶ୍ୟକ ସଂଖ୍ୟକ ପଞ୍ଚାୟତସ୍ତରୀୟ କୃଷି କର୍ମୀ ନଥିବାରୁ ଏହା ହୋଇପାରୁ ନାହିଁ । ରାଜ୍ୟରେ ଗବେଷଣା, ଉନ୍ନୟନ ଓ ସମ୍ପ୍ରସାରଣ ପାଇଁ ଅଧିକ ବ୍ୟୟ ବରାଦ ଆବଶ୍ୟକ । ରାଜ୍ୟର ମରୁଡ଼ି ପ୍ରବଣ ବ୍ଲକ୍‌ଗୁଡ଼ିକର କେତେକ ଗ୍ରାମରେ ପରୀକ୍ଷାମୂଳକ ଭାବରେ ଜଳବାୟୁ ତତ୍ପର କୃଷି କୌଶଳ ଅନୁସରଣ କରାଯିବା ଉଚିତ । ସ୍ଥାନୀୟ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସହଭାଗୀ ପ୍ରଯୁକ୍ତିବିଦ୍ୟା ବିକାଶ ଓ ସହଭାଗୀ ବିହନ ନିର୍ବାଚନ ସରକାରୀ, ବେସରକାରୀ ଓ ଚାଷୀଙ୍କ ସହଭାଗିତାରେ ହୋଇ ପାରିବ ।

ଓଡ଼ିଶା ସରକାର ମିଲେଟ ମିଶନ, ମକା ମିଶନ୍ ଓ ପଣସ ମିଶନ ଆରମ୍ଭ କରିଛନ୍ତି । ଏହା ସହିତ ଅନୁକୂଳ ସୁଯୋଗ ଥିବା ଅଞ୍ଚଳରେ ଏକ ଟପ୍ (ଟମାଟୋ, ଆଳୁ ,ପିଆଜ) ମିଶନ ମଧ୍ୟ କାର୍ଯ୍ୟକାରୀ ହେବା ଆବଶ୍ୟକ । ଏହା ସହିତ ଯୁବ ଗୋଷ୍ଠୀଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ କୃଷି ଉଦ୍ୟୋଗୀକରଣ ପାଇଁ ଅଧିକ ସଚେତନତାର ଆବଶ୍ୟକତା ରହିଛି । ଆଜିକାଲି କେତେକ ମହିଳା କୃଷକ ଆଗକୁ ଆସିଲେଣି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ଭୋକେସନାଲ ଟ୍ରେନିଂ, ସହାୟତା ଓ କୃଷକ ଉତ୍ପାଦନ ସଂଗଠନ ପାଇଁ ବେସରକାରୀ ସଂଗଠନଗୁଡ଼ିକର ସହାୟତା ନିଆଯାଇ ପାରେ । ଏପରି ମହିଳାଙ୍କ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅଧିକ ସବ୍‌ସିଡି ବ୍ୟବସ୍ଥା କରାଯାଇଛି । ଆମେ କ୍ଷେତ୍ର ଅନୁଧ୍ୟାନ ସମୟରେ ଏପରି ସଫଳ ମହିଳା କୃଷକ ଡାଏରୀ ଫାର୍ମ , କୁକୁଡ଼ା ଫାର୍ମ ଓ କୃଷି ସେବା କେନ୍ଦ୍ର ସ୍ଥାପନ କରି ଆତ୍ମନିର୍ଭରଶୀଳ ହୋଇ ପାରିବା ଲକ୍ଷ୍ୟ କରିଛୁ ।

ପରିଶେଷରେ ଏତିକି କୁହାଯାଇପାରେ କି ୧୯୯୬ ମସିହାରେ ପ୍ରଥମ କୃଷି ନୀତି ପ୍ରଣୟନ କଲା ପରେ ଏହାକୁ ୨୦୦୮, ୨୦୧୩ ଓ ୨୦୨୦ ରେ ସଂଶୋଧନ କରାଯାଇଛି । ଏହି କୃଷି ନୀତିଗୁଡ଼ିକ ନିଷ୍ଠାର ସହିତ ପାଳନ କରାଯାଉ । ଗ୍ରାମ ସ୍ତରରୁ କୃଷି ଯୋଜନା ପ୍ରସ୍ତୁତ କରି ରାଜ୍ୟ କୃଷି ଯୋଜନା ପ୍ରସ୍ତୁତ କରାଯାଉ ଓ ଅନ୍ତଃବିଭାଗୀୟ କାର୍ଯ୍ୟକାରୀ ଗୋଷ୍ଠୀ (ଆଇଡିଡବ୍ଲ୍ୟୁଜି) ଦ୍ୱାରା ଚୂଡ଼ାନ୍ତ କରାଯାଇ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଉ । ଏହା ହିଁ ହେବ ରାଜ୍ୟର କୃଷି ବିକାଶ ଓ କୃଷି ଅଭିବୃଦ୍ଧି ପାଇଁ ଯଥାର୍ଥ ମାର୍ଗ ।●

କଳିଙ୍ଗନଗର, ୭/୪୫୨
ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦
bidyadhar.m@gmail.com

# ଏସ୍‌ଆଇଆର୍: ବିଶ୍ୱାସ ପ୍ରସଙ୍ଗ

ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶାନୁସାରେ ବାର ଗୋଟି ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ସଂଶୋଧନ ଏବଂ ଦାବି ପ୍ରକ୍ରିୟା ଶେଷ ଅବସ୍ଥାରେ ପହଞ୍ଚିଛି । କେବଳ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶକୁ ବାଦ୍ ଦେଲେ ଅନ୍ୟ ସବୁ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି ; ଉପରୋକ୍ତ ଦୁଇ ରାଜ୍ୟରେ ମଧ୍ୟ ଏହି ତାଲିକା ଖୁବ୍ ଶୀଘ୍ର ପ୍ରକାଶ ପାଇବା ଆଶା କରାଯାଉଛି । ପ୍ରାକ୍-ଏସ୍‌ଆଇଆର୍ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରମାନଙ୍କ ଶତକଡ଼ା ହାର (ନୂଆ ଭୋଟରଙ୍କ ନାମ ଯୋଗ ସହିତ) କେତେକ ରାଜ୍ୟରେ ବେଶ୍ ଅଧିକ ରହିଛି, ଯଥା ତାମିଲନାଡୁରେ ହାରାହାରି ୧୧.୫ ପ୍ରତିଶତ ହୋଇଥିବା ବେଳେ ଗୁଜରାଟରେ ୧୩.୪ ପ୍ରତିଶତ ଏବଂ ଛତିଶଗଡ଼ରେ ୧୧.୮ ପ୍ରତିଶତ । ପଶ୍ଚିମବଙ୍ଗ ସରକାରଙ୍କର ଏହି ପ୍ରକ୍ରିୟାକୁ ନେଇ ରହିଥିବା ଆପତ୍ତି ଉପରେ ଏବେ ସୁପ୍ରିମ୍‌କୋର୍ଟରେ ଶୁଣାଣି ଚାଲିଛି ଯେଉଁଥିରେ ଗତ ଶୁକ୍ରବାର ଦିନ କୋର୍ଟରେ ଏହି ରାଜ୍ୟର ସରକାରଙ୍କ ତରଫରୁ ଦିଆ ଯାଇଥିବା ଓକିଲ ଏବଂ ଇସିଆଇଙ୍କ ଓକିଲଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଆପତ୍ତି, ଅଭିଯୋଗ ଏବଂ ପ୍ରତି-ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ଦେଶର ସର୍ବୋଚ୍ଚ ଅଦାଲତ ଏକ ଶାଣିତ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହା ଉଲ୍ଲେଖ କରିଥିଲେ ଯେ ଏହି 'ଆରୋପ-ପ୍ରତ୍ୟାରୋପର ଖେଳ' ଦୁଇ ଗୋଟି ସାମ୍ବିଧାନିକ ସଂସ୍ଥା: ପଶ୍ଚିମବଙ୍ଗ ସରକାର ଏବଂ ନିର୍ବାଚନ କମିଶନଙ୍କ ମଧ୍ୟରେ ବିଶ୍ୱାସ ହାନି ଘଟିବାର ଏକ ଜ୍ୱଳନ୍ତ ଉଦାହରଣ । ଦୁଇ ସଂସ୍ଥା ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଫାଟ ଦୁର୍ଭାଗ୍ୟଜନକ, କିନ୍ତୁ ଅନେକ କିଛି ବର୍ଣ୍ଣନା କରିବା ଭଳି । ଅନେକ ସଂଖ୍ୟକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ଶେଷ ହୋଇ ସାରିଛି: କିନ୍ତୁ ପଶ୍ଚିମବଙ୍ଗରେ ଦୁଇ ସାମ୍ବିଧାନିକ ସଂସ୍ଥାଙ୍କ ମଧ୍ୟରେ ଶତ୍ରୁତା ଅନ୍ୟତ୍ର ଅଧିକାଂଶ ପରିମାଣରେ ଅନୁପସ୍ଥିତ ।

ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ଅଭିଯୋଗ ଉଠାଇଛନ୍ତି ଯେ ଇସି ଏକ ଲକ୍ଷ୍ୟ କରିହେବା ଭଳି ଭୋଟରମାନଙ୍କ ନାମକୁ ତାଲିକାରୁ ବାଦ୍ ଦେବାକୁ ରୁଚି ଦେଖାଇଛନ୍ତି: ଇସି ଏହି ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ ପଶ୍ଚିମବଙ୍ଗର ଶାସନ କ୍ଷମତାରେ ରହିଥିବା ସରକାରଙ୍କ ଉପରେ ଭୋଟର ତାଲିକା ସଂଶୋଧନରେ ସାମିଲ ଥିବା କର୍ମଚାରୀମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବାର ପାଲଟା ଅଭିଯୋଗ ଉଠାଇଛନ୍ତି । ଏସ୍‌ଆଇଆର୍ କାର୍ଯ୍ୟ ସମ୍ପାଦନ ହେଉଥିବା ସମୟରେ ଇସି ଅମଲାତାନ୍ତ୍ରିକ, ଅସମ୍ବେଦନଶୀଳ, ଏମିତିକି ଦାମ୍ଭିକତାପୂର୍ଣ୍ଣ ହୋଇଥିବା କଥାକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରାଯାଇ ପାରିବ ନାହିଁ । ବିଭିନ୍ନ ନିର୍ବାଚନୀ ବାଧବାଧକତାର ପରିଣତି ସ୍ୱରୂପ ରାଜନୀତିକ ପକ୍ଷପାତିତା ଆନୁଷ୍ଠାନିକ ସହଯୋଗକୁ ପଦ ଦଳିତ କରିଥିବା ଆପାତତଃ ମନେହୁଏ । ଆନୁଷ୍ଠାନିକ ବିଶ୍ୱାସ କ୍ଷେତ୍ରରେ ଏପରି ଅଭାବ ଆଦୌ ସ୍ପୃହଣୀୟ ନୁହେଁ: ଏହା ଗଣତନ୍ତ୍ର ଓ ଏହାର ଲୋକମାନଙ୍କ ସ୍ୱାର୍ଥ ନିମନ୍ତେ ହାନିକାରକ । ଏଭଳି ଏକ ବଡ଼ ଧରଣର ବିଭାଜନକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ଅଦାଲତ ଇସିଙ୍କ ଦ୍ୱାରା ଦର୍ଶା ଯାଇଥିବା 'ତର୍କସଙ୍ଗତ ବିସଙ୍ଗତିଗୁଡ଼ିକ'ରୁ ସୃଷ୍ଟ ପ୍ରସଙ୍ଗଗୁଡ଼ିକର ସମାଧାନ କରିବା ନିମନ୍ତେ ପ୍ରାକ୍ତନ ଏବଂ ବର୍ତ୍ତମାନର ସେବାରତ ନ୍ୟାୟିକ ପ୍ରତିନିଧିମାନଙ୍କୁ ମୁତୟନ କରିବାକୁ ସ୍ଥିର କରିଥିଲେ ।

କୋର୍ଟଙ୍କର ଏପରି ଏକ ମଧ୍ୟବର୍ତ୍ତୀ ପଥ ବାହାର କରିବାର ଉଦ୍ୟମ ପ୍ରତି କିନ୍ତୁ ପଶ୍ଚିମବଙ୍ଗର ରାଜନୀତିକ ଦଳଗୁଡ଼ିକ କ୍ୱଚିତ୍ କୌଣସି ଗୁରୁତ୍ୱ ଦେଇଥିଲେ । ପରିବର୍ତ୍ତେ କୋର୍ଟଙ୍କର ନିର୍ଦ୍ଦେଶନାମାରୁ ରାଜନୀତିକ ଫାଇଦା ଉଠାଇବା ପାଇଁ ଟିଏମ୍‌ସି ଏବଂ ବିଜେପି ସେମାନଙ୍କୁ ସୁହାଇବା ଭଳି ଭିନ୍ନ ଭିନ୍ନ ଅର୍ଥ ବାହାର କରିବାରେ ଲାଗି ପଡ଼ିଛନ୍ତି । ନ୍ୟାୟିକ ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ଭଳି କୋର୍ଟଙ୍କ ପଦକ୍ଷେପକୁ ବିଜେପି ଏହାର ଶତ୍ରୁ ପ୍ରତି ଏକ ଶକ୍ତ ଧକ୍କା ଭାବରେ ପ୍ରଦର୍ଶିତ କରିବାର ଉଦ୍ୟମ ଚଳାଇଛି । ତେବେ ମମତା ବାନାର୍ଜୀଙ୍କ ଦଳ ଏହା ଦୃଢ଼ ଭାବରେ ଧରି ନେଇଛି ଯେ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଇସିଙ୍କ ମୁହଁରେ କଳା ବୋଳିବା ସଦୃଶ ହୋଇଛି । ଏସବୁ ଭିତରେ ନ୍ୟାୟିକ ହସ୍ତକ୍ଷେପର ଏକ ନିଜସ୍ୱ ସୁବିଧା ରହିଛି । କୌଣସି ପ୍ରସଙ୍ଗର ସମାଧାନ ନିମନ୍ତେ ନ୍ୟାୟିକ ହସ୍ତକ୍ଷେପ ଆବଶ୍ୟକ ପଡ଼ିବା ଭଳି କଥା ପ୍ରଥମତଃ ଏକ କେନ୍ଦ୍ରୀୟ ଅନୁଷ୍ଠାନ ଏବଂ ଏକ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗର ସଂସ୍କୃତି ସମ୍ପର୍କରେ ଅତି ଦୁର୍ବଳ ବର୍ଣ୍ଣନା କରୁଛି । ଦୋଷ ତ୍ରୁଟି ରହିଥିବା ସତ୍ତ୍ୱେ କୋର୍ଟ ଇସିଆଇଙ୍କ ଦାବି ଯେ ନାମ ବାଦ୍ ଦିଆଯାଇଥିବା ସମ୍ପର୍କିତ ଚିନ୍ତାଗୁଡ଼ିକର ସମାଧାନ କରାଯାଇ ସାରିଛି ଉପରେ କୋର୍ଟ ଭରସା କରି ଏସ୍‌ଆଇଆର୍‌କୁ ଆଗେଇ ନେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । କିନ୍ତୁ ତଥ୍ୟ ହେଉଛି, ରାଜନୀତିକ ଦଳମାନେ ପ୍ରତିଯୋଗିତାର ଏକ ଶୂନ୍ୟ ଫଳ ଖେଳରେ ଅବତୀର୍ଣ୍ଣ ହୋଇଛନ୍ତି, ଯାହା ସେମାନଙ୍କୁ ସଜାଗ କରିଦେବା ଉଚିତ ଯେ ତାଲିକାର ଏକ ଅଂଶ ହେବା ନିମନ୍ତେ ସବୁ ଯୋଗ୍ୟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବା କ୍ଷେତ୍ରରେ ସହାୟତା କରିବା ନିମନ୍ତେ ସେମାନଙ୍କ ନିକଟରେ ସେପରି କୌଣସି ସଂସ୍ଥା ନାହିଁ । ଏହି କ୍ଷେତ୍ରରେ କୋର୍ଟ ସାର୍ବଜନୀନ ସାବାଳକ ମତଦାନ ଅଧିକାରର ପ୍ରକ୍ରିୟାକୁ ସହାୟତା ପ୍ରଦାନ କରିବା ଅପେକ୍ଷା ମତଭେଦକୁ ଦୂର କରିବା ପାଇଁ କାର୍ଯ୍ୟ କରୁଛନ୍ତି । ସେ ଯାହାହେଉ, ନିଶ୍ଚିତ ଭାବରେ ପଶ୍ଚିମବଙ୍ଗ ସରକାର ଏବଂ ଇସିଙ୍କ ମଧ୍ୟରେ ରହିଥିବା ତିକ୍ତତାପୂର୍ଣ୍ଣ ସମ୍ପର୍କ ଦେଶରେ ସଂଘୀୟବାଦର ଭାବନାକୁ କଳୁଷିତ କରି ପାରିବ ନାହିଁ । ଆଉ ଯେତେଦୂର ଏସ୍‌ଆଇଆର୍‌ର କଥା ଉଠେ, ବିଜେପି ଏବଂ ଟିଏମ୍‌ସି ମଧ୍ୟରେ ପରସ୍ପର ବିରୋଧୀ ଦାବିଗୁଡ଼ିକ ନିର୍ବିଶେଷରେ ଏହାର ବାସ୍ତବ ମୂଲ୍ୟାୟନ ଲୋକମାନଙ୍କ ଦରବାରରେ ନିର୍ବାଚନୀ ଫଳାଫଳରେ ପ୍ରକାଶ ପାଇବ ।●

# ସାଧାରଣରେ ଅସାଧାରଣର ସନ୍ଧାନ



ଯସ୍ମିନ୍ ମେହେର

ସୃଜନଶୀଳତା ହେଉଛି ଏକ ରହସ୍ୟମୟ ଶକ୍ତି, ଯାହା ମାନବ ସଭ୍ୟତାର ପ୍ରଗତି, କଳାତ୍ମକ ଅଭିବ୍ୟକ୍ତି ଏବଂ ନୂତନ ଉଦ୍ଭାବନର ମୂଳଦୁଆ ଅଟେ । ଅନେକ ସମୟରେ ଆମେ ମନେକରୁ ଯେ ସୃଜନଶୀଳ ପ୍ରେରଣା କୌଣସି ଏକ ଦୈବୀଶକ୍ତି ବା କୌଣସି ଜଟିଳ ପରିସ୍ଥିତିରୁ ଆସିଥାଏ । କିନ୍ତୁ ପ୍ରକୃତରେ ଏହି ଅପୂର୍ବ ଶକ୍ତିର ଉତ୍ସ ଆମ ଚାରି ପାଖରେ ଥିବା ଅତି ସାଧାରଣ ଏବଂ ନିତିଦିନିଆ ଘଟଣାବଳୀ ମଧ୍ୟରେ ହିଁ ଲୁଚି ରହିଥାଏ । ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ଥରେ କହିଥିଲେ, 'ପ୍ରକୃତିକୁ ଗଭୀର ଭାବେ ନିରୀକ୍ଷଣ କର, ତେବେ ଯାଇଁ ତୁମେ ସବୁକିଛି ଭଲ ଭାବେ ବୁଝି ପାରିବ ।' ତାଙ୍କର ଏହି ଉକ୍ତି ସୃଜନଶୀଳତାର ସେହି ମୌଳିକ ସତ୍ୟକୁ ଦର୍ଶାଏ, ଯେଉଁଠାରେ ଜଣେ ବ୍ୟକ୍ତି ସାଧାରଣ ଭିତରେ ଅସାଧାରଣର ସନ୍ଧାନ କରେ । ଯେତେବେଳେ ଆମେ 'ମୁଣ୍ଡେନ୍' ବା ସାଧାରଣ ଜୀବନ ବିଷୟରେ ଚିନ୍ତା କରୁ, ଏହାର ଅର୍ଥ ହେଉଛି, ଆମର ଦୈନନ୍ଦିନ ରୁଟିନ୍, ଚାରି ପାଖର ସାଧାରଣ ବସ୍ତୁ ଏବଂ ଅତି ପରିଚିତ ଅନୁଭୂତି, ଯାହାକୁ ଆମେ ପ୍ରାୟତଃ ଅଣଦେଖା କରିଥାଉ । ମାତ୍ର ଏହି ଅନାକର୍ଷଣୀୟ ମନେ ହେଉଥିବା ଜୀବନଶୈଳୀ ହିଁ କଳ୍ପନାଶୀଳ ବ୍ୟକ୍ତିଙ୍କ ପାଇଁ ଏକ ଅସୀମ କ୍ୟାନ୍‌ଭାସ୍ ସଦୃଶ ହୋଇଥାଏ ।

ଇତିହାସକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ବଡ଼ ବଡ଼ କଳାକାରମାନେ ସାଧାରଣ ଜୀବନରୁ ହିଁ ପ୍ରେରଣା ପାଇଛନ୍ତି । ଚିତ୍ରଶିଳ୍ପୀ ଜୋହାନ୍ସ ଭର୍ମିଅରଙ୍କ କଥା ବିଚାରକୁ ନିଆଯାଉ । ତାଙ୍କର କାଳଜୟୀ କୃତୀ 'ଗାର୍ଲ ୱିଥ୍ ଏ ପର୍ଲ ଇୟରିଂ'ରେ ଜଣେ ସାଧାରଣ ମହିଳାଙ୍କ ଦୈନନ୍ଦିନ ରୂପକୁ ହିଁ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି । ସେହିପରି ସାହିତ୍ୟ ଜଗତରେ ପ୍ରକୃତି କବି ୱିଲିୟମ୍ ୱର୍ଡସ୍‌ୱର୍ଥ ମଧ୍ୟ ଗ୍ରାମୀଣ ଜୀବନ ଏବଂ ସାଧାରଣ ପ୍ରାକୃତିକ ଦୃଶ୍ୟକୁ ନେଇ ଅନେକ ପ୍ରେରଣାଦାୟୀ କବିତା ରଚନା କରିଛନ୍ତି । ଭାରତୀୟ ସାହିତ୍ୟରେ କଥାସମ୍ରାଟ ମୁନ୍‌ସୀ ପ୍ରେମଚନ୍ଦ ନିଜ ଲେଖନୀ ମାଧ୍ୟମରେ ଗ୍ରାମୀଣ ଭାରତର ସାଧାରଣ ମଣିଷଙ୍କ ସଂଘର୍ଷକୁ ଅତି ନିଖୁଣ ଭାବେ ଉପସ୍ଥାପନ କରିଛନ୍ତି । ସେହିପରି ବିଶ୍ୱବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟ ସାଧାରଣ ଗାଉଁଲି ପରିବେଶରୁ 'ପଥେର ପାଞ୍ଚାଲୀ' ଭଳି ଏକ ମହାନ କୃତୀ ସୃଷ୍ଟି କରି ପାରିଥିଲେ ।

କେବଳ କଳା କିମ୍ବା ସାହିତ୍ୟ ନୁହେଁ, ବିଜ୍ଞାନ କ୍ଷେତ୍ରରେ ମଧ୍ୟ ସାଧାରଣ ଘଟଣାର ଗୁରୁତ୍ୱ ଅପରିସୀମ । ସାର୍ ଆଇଜାକ୍ ନ୍ୟୁଟନ୍ ଗଛରୁ ସେଓଟିଏ ପଡ଼ିବାର ଏକ ଅତି ସାଧାରଣ ଦୃଶ୍ୟରୁ ମାଧ୍ୟାକର୍ଷଣ ଶକ୍ତିର ରହସ୍ୟ ଉନ୍ମୋଚନ କରିଥିଲେ । ସେହିପରି ଆଇନଷ୍ଟାଇନ ଏକ ଟ୍ରେନ୍‌ରେ ବସି ଯାତ୍ରା କରୁଥିବା ସମୟରେ ତାଙ୍କର ଆପେକ୍ଷିକତା ତତ୍ତ୍ୱର ମୂଳଦୁଆ ପକାଇ ଥିଲେ । ଆଧୁନିକ ବ୍ୟବସାୟିକ ଦୁନିଆରେ 'ଉବେର' (Uber)ର ସଫଳତା କେବଳ ଏକ ସାଧାରଣ ଟ୍ୟାକ୍ସି ସେବାକୁ ଟେକ୍ନୋଲୋଜି ସହ ଯୋଡ଼ିବାର ସୃଜନଶୀଳ ଚିନ୍ତନର ପରିଣାମ । ଶିକ୍ଷା କ୍ଷେତ୍ରରେ ମଧ୍ୟ ଗ୍ୟାମିଫିକେସନ ଜରିଆରେ ପାଠପଢ଼ା ଭଳି ଏକ ସାଧାରଣ ପ୍ରକ୍ରିୟାକୁ ରୋମାଞ୍ଚକର କରାଯାଇଛି ।

ସାଧାରଣ ଅନୁଭୂତିଗୁଡ଼ିକର ମାଧୁର୍ଯ୍ୟ ମନୁଷ୍ୟର ଭାବନା ଏବଂ ସମ୍ପର୍କ ସହିତ ମଧ୍ୟ ଗଭୀର ଭାବେ ଜଡ଼ିତ । ଜେକେ ରାଉଲିଙ୍ଗଙ୍କ 'ହ୍ୟାରି ପଟର' ସିରିଜକୁ ଦେଖିଲେ ଜଣାଯାଏ ଯେ ସେ ଏକ ସାଧାରଣ ସ୍କୁଲ ଜୀବନକୁ ଯାଦୁକରୀ ଶକ୍ତି ସହ ମିଶାଇ ଏକ ବିରାଟ ଦୁନିଆ ସୃଷ୍ଟି କରିଛନ୍ତି । ଏହି ସୃଜନଶୀଳ ଦୃଷ୍ଟିକୋଣ ଆମକୁ ଅଧିକ ସଚେତନ ବା ମାଇଣ୍ଡଫୁଲ୍ ହେବାକୁ ଶିଖାଏ । ଯେଉଁ ବ୍ୟକ୍ତି ନିଜ ଚାରି ପାଖର ସାଧାରଣ ଜିନିଷକୁ ପ୍ରଶଂସା କରିପାରେ, ତା'ର ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ଅଧିକ ଥାଏ । ପାବ୍ଲୋ ପିକାସୋ କହିଥିଲେ, 'ପ୍ରେରଣା ଅଛି, କିନ୍ତୁ ତାହା ତୁମକୁ କାମ କରୁଥିବା ଅବସ୍ଥାରେ ହିଁ ପାଇବା ଉଚିତ ।' ଅର୍ଥାତ୍ ଆମେ ଯେତେବେଳେ କୌଣସି କାର୍ଯ୍ୟରେ ନିମଗ୍ନ ଥାଉ ଏବଂ ଆମର ଚାରି ପାଖକୁ ଖୋଲା ଆଖିରେ ଦେଖୁ, ସେତେବେଳେ ପ୍ରେରଣା ଆମ ପାଖକୁ ଆପେ ଆପେ ଚାଲିଆସେ । ସାଧାରଣ ଦୁନିଆ ହିଁ ଅସାଧାରଣ ସମ୍ଭାବନାରେ ପରିପୂର୍ଣ୍ଣ ।●

ଭୁବନେଶ୍ୱର
ମୋ: ୯୪୩୯୯୦୫୬୨୮

# ଏଆଇର ଆହ୍ୱାନ



ଗୟାଧର ପାଣିଗ୍ରାହୀ

ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାର ଏକ ସମ୍ମିଳନୀ, ଯାହା ଏଆଇ ଇମ୍ପାକ୍ଟ ସମ୍ମିଟ ନାମରେ ଜଣା ଏବେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଶ୍ୱର ୧୧୮ଟି ଦେଶ, ବହୁ ଖ୍ୟାତନାମା ବୈଜ୍ଞାନିକ ଓ ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟମାନେ ଅଂଶଗ୍ରହଣ କରିଛନ୍ତି । ଏହା ଆୟୋଜନ କରି ପ୍ରଧାନମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି ଯେ ଆମେ ମଧ୍ୟ ଏଆଇ କ୍ଷେତ୍ରରେ କାମ କରୁଛୁ; କାହାରି ପଛରେ ନାହୁଁ ଓ ଆମେ ଏ କ୍ଷେତ୍ରରେ ନେତୃତ୍ୱ ନେବାକୁ ଚାହୁଁଛୁ । କୃତ୍ରିମ ବୁଦ୍ଧିମତ୍ତା ଉପରେ ବହୁ ସନ୍ଦର୍ଭ ଖବରକାଗଜରେ ପ୍ରକାଶିତ ହୋଇ ଆସୁଅଛି । ମୋର ଏ ସନ୍ଦର୍ଭଟି କେତେଦୂର ଗ୍ରହଣୀୟ ହେବ, ତାହା ସମୟ କହିବ ।

ଏକବିଂଶ ଶତାବ୍ଦୀର ବିସ୍ମୟ, ସାଫଲ୍ୟ ଓ ଆହ୍ୱାନ କୃତ୍ରିମ ବୁଦ୍ଧିମତ୍ତା । ସରକାର, କମ୍ପାନୀ ଓ ଉଦ୍ୟୋଗପତି ମାନେ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ଉତ୍ପାଦନ ବୃଦ୍ଧି ସହ ଜୀବନକୁ ସହଜ ଓ ସୁନ୍ଦର କରିବାରେ ଏହାର ପ୍ରଭାବ ଅତୁଳନୀୟ ବୋଲି ଦାବି କରୁଛନ୍ତି । କିନ୍ତୁ ଏହି ସଫଳତା ଭିତରେ ଏକ ଉଦ୍‌ବେଗ ଲୁଚି ରହିଛି । କୃତ୍ରିମ ବୁଦ୍ଧିମତ୍ତା କ୍ରମଶଃ ନିଯୁକ୍ତି ସୁଯୋଗକୁ ସଙ୍କୁଚିତ କରୁଛି, ମଣିଷର ବୁଦ୍ଧିମତ୍ତାକୁ ଦୁର୍ବଳ କରୁଛି, ଅର୍ଥନୈତିକ ଓ ସାମାଜିକ ଅସ୍ଥିରତା ସୃଷ୍ଟି କରିବାରେ ଲାଗିଛି । ଏହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉତ୍କର୍ଷ ସାଧନ କଲେ ମଧ୍ୟ ଏହାର ବେହିସାବ ବୃଦ୍ଧି ସମାଜର ଗୁରୁତର କ୍ଷତି କରିବାର ସମ୍ଭାବନା ଶତକଡ଼ା ଶହେ ।

ନିର୍ମାଣ କ୍ଷେତ୍ର, ବ୍ୟାଙ୍କିଙ୍ଗ, ଖୁଚୁରା ଓ ଥୋକ ବ୍ୟବସାୟ, ଗ୍ରାହକ ସେବା ଆଦି କ୍ଷେତ୍ରରେ ଅଟୋମେସନର ପ୍ରୟୋଗ ଯୋଗୁଁ ଏସବୁ କାର୍ଯ୍ୟକୁ ନିର୍ଭୁଲ ଓ ଶୀଘ୍ର କରାଯାଇ ପାରୁଛି । ଶିଳ୍ପ ବିପ୍ଳବରେ ଯନ୍ତ୍ରର ପ୍ରୟୋଗ ବହୁ ଶ୍ରମିକଙ୍କୁ ସେମାନଙ୍କ ଜୀବିକା ହରାଇବା ପାଇଁ ବାଧ୍ୟ କରିଥିଲା । ମାତ୍ର ଏବେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଫଳରେ ସବୁ ବର୍ଗର କାର୍ଯ୍ୟ ଯଥା: ଡାକ୍ତରୀ, ଇଞ୍ଜିନିୟରିଂ, ଶିକ୍ଷକତା, ବ୍ୟାଙ୍କିଙ୍ଗ, ସଫ୍ଟୱେର ଇଞ୍ଜିନିୟରିଂ, ଚାର୍ଟାର୍ଡ ଆକାଉଣ୍ଟିଂ, ଡ୍ରାଇଭିଂ, ଅନୁବାଦ, ଏପରିକି ଘରେ ଘରଣୀମାନଙ୍କୁ ସହାୟତା କରୁଥିବା ବାଇ ମାନଙ୍କର କାର୍ଯ୍ୟ ପ୍ରଭାବିତ ହେଉଛି । ଆମେରିକାରେ ଘର ସଫେଇ କାର୍ଯ୍ୟ ରୋବୋଟ କରୁଥିବାର ଦେଖିଲି । ଏବେ ଆମ ଦେଶରେ ମଧ୍ୟ ଏହି କାର୍ଯ୍ୟ ରୋବୋଟ କରୁଛି । ଯେତେବେଳେ ଘରୋଇ କାର୍ଯ୍ୟ କରୁଥିବା ବାଇଟିର ସେବାର ଚାହିଦା ରହିବ ନାହିଁ, ସେ




ବିଚାରୀଟି ଚଳିବ କିପରି ? ଆଉ ଗୋଟେ ଉଦାହରଣ: ଆମାଜନ୍ କମ୍ପାନୀକୁ ନେବା । ଏହାର ବିରାଟ ବିରାଟ ଗୋଦାମମାନଙ୍କରେ ଲକ୍ଷ ଲକ୍ଷ ଶ୍ରମିକ କାର୍ଯ୍ୟ କରୁଥିଲେ । ଏବେ ରୋବୋଟମାନଙ୍କ ଯୋଗୁଁ ଏମାନଙ୍କ ମଧ୍ୟରୁ ବହୁ ଶ୍ରମିକଙ୍କୁ ଜୀବିକା ହରାଇବାକୁ ପଡ଼ିଛି । ଆଉ ଏକ ଉଦାହରଣ: ଆମେରିକାରେ ଚାଳକବିହୀନ କାର୍ ଦେଖିଲି । ଏଲନ ମସ୍କଙ୍କ ଟେସ୍ଲା କାର୍ ଏଥିରେ ଅଗ୍ରଣୀ । ଏବେ ସେଠାରେ ଆମର ଏଠାକାର ଓଲା ପରି ୱେମୋ କମ୍ପାନୀ ଚାଳକବିହୀନ କାର୍ ବୁକ୍ କଲେ ପଠାଉଛି, ଯାହା ଆପଣଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବ ।

ଏଆଇର ଆଉ ଏକ ମାରାତ୍ମକ ପ୍ରଭାବ ହେଲା, ମଣିଷର ଧିଶକ୍ତି ଓ ବିଚାର କୁଶଳତା ଉପରେ । କୃତ୍ରିମ ବୁଦ୍ଧିମତ୍ତା ଲେଖିବା, ତଥ୍ୟ ଅନୁଶୀଳନ ଓ ଏହାର ସମାଧାନ ଆଦି କାର୍ଯ୍ୟ କରୁଥିବାରୁ ଓ ଆମମାନଙ୍କର ଏହା ଉପରେ ଅତ୍ୟଧିକ ନିର୍ଭରଶୀଳତା ପାଇଁ ମଣିଷ ସମାଜ ନିଜର ସର୍ଜନଶୀଳତା ହରାଇବ । କାଲ୍‌କୁଲେଟର ବାହାରିବା ପରେ ସାଧାରଣ ହିସାବ କରିବାର ଦକ୍ଷତା ମଣିଷ ହରାଇଛି ।

ଉନ୍ନତ ଦେଶମାନେ ଏଆଇର ମାଲିକ, ପୃଷ୍ଠପୋଷକ, ଗ୍ରାହକ ମଧ୍ୟ । ଏହି ଶକ୍ତିର ପ୍ରୟୋଗ ଫଳରେ ଧନୀ ଓ ଗରିବ ଭିତରେ ଥିବା ଦୂରତା ବଢ଼ିଯିବ । ଛୋଟ ଛୋଟ ବ୍ୟବସାୟ ବନ୍ଦ ହୋଇଯିବ । ଫଳରେ ଜୀବିକା ହରାଇ ଥିବା ଏକ ଶ୍ରେଣୀର ଅଭ୍ୟୁଦୟ ହେବ । କୃତ୍ରିମ ବୁଦ୍ଧିମତ୍ତା ମନୁଷ୍ୟ ସୃଷ୍ଟ । ତେଣୁ ଏଥିରେ ଭୁଲ୍ ରହିବା ସ୍ୱାଭାବିକ । ଏହି ଭୁଲ୍ ସମାଜ ପାଇଁ ଧ୍ୱଂସକାରକ ହେବ ।

କୃତ୍ରିମ ବୁଦ୍ଧିମତ୍ତାର ଉପକାରକୁ ଅସ୍ୱୀକାର କରିହେବ ନାହିଁ । କିନ୍ତୁ ଯେଉଁ ବେଗରେ ନିରଙ୍କୁଶ ଭାବରେ ଏହା ବ୍ୟାପୁଛି, ତା' ଉପରେ ଅଙ୍କୁଶ ଲାଗିବା ଉଚିତ୍ । କେଉଁ କେଉଁ କ୍ଷେତ୍ରରେ ଏହା ପ୍ରୟୋଗ ହେବ, ଏହା ନିର୍ଦ୍ଦିଷ୍ଟ ହେବା ଉଚିତ୍ । ଏହା ନହେଲେ ସମାଜର କଲ୍ୟାଣ କରିବା ପରିବର୍ତ୍ତେ ଏହା ସମାଜକୁ ଏକ ଭୀତତ୍ରସ୍ତ ବାତାବରଣ ଭିତରକୁ ଠେଲିଦେବ । ବିଶ୍ୱର ସବୁ ରାଷ୍ଟ୍ରନାୟକମାନେ ଏକାଠି ହୋଇ ଏ ଗମ୍ଭୀର ସମସ୍ୟା ଉପରେ ଆଲୋଚନା କରି ପଦକ୍ଷେପ ନେବା ଜରୁରୀ । ନୂଆଦିଲ୍ଲୀରେ ଏଆଇ ସମ୍ମିଟରେ ଏ ବିଷୟରେ ସୀମିତ ଆଲୋଚନା ହେବା ଚିନ୍ତାର ବିଷୟ ।●

୪୫୨୪, ଶକ୍ତିବିହାର
ଭୁବନେଶ୍ୱର, ମୋ: ୯୪୩୮୧୩୩୦୩୨

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ରାସ୍ତା କାମ ନହୋଇ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ




**କାମାକ୍ଷାନଗର,୨୫।୨/ଏନ୍ଏନ୍ଏସ୍:** କାମାକ୍ଷାନଗର ବ୍ଲକ୍ ବୁଢିବିଲି ପଞ୍ଚାୟତରେ କାମ ନହୋଇ ମଷ୍ଟର ରୋଲ ବାହାର କରି ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କିଛି ସରକାରୀ ଅଧିକାରୀଙ୍କ ସମ୍ପୃକ୍ତିରେ ସରକାରୀ ଟଙ୍କା ହରିଲୁଟ୍ ହୋଇଥିବା ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟବାସିନ୍ଦା। ପ୍ରକାଶ, ବୁଢିବିଲି ପଞ୍ଚାୟତରେ ପୂର୍ବବର୍ଷ ମନରେଗା କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଗଣ ମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଯାହା ଫଳରେ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ ପର୍ଯ୍ୟନ୍ତ ପଞ୍ଚାୟତର ସମସ୍ତ କାମ ବନ୍ଦ ହୋଇ ରହିଥିଲା। ତେବେ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କିଛି ସରକାରୀ ଅଧିକାରୀ ସେହି ବନ୍ଦଥିବା କାମ ଗୁଡିକରେ କୌଣସି ନୂଆ କାମ ନକରି ମଷ୍ଟର ରୋଲ ବାହାର କରି ଟଙ୍କା ହଡପ କରିଛନ୍ତି। ମଷ୍ଟର ରୋଲରେ ସାଧାରଣ ବର୍ଗର ଲୋକଙ୍କୁ ଏସ୍‌ସି / ଏସ୍‌ଟି ଦର୍ଶାଯାଇଥିବା ବେଳେ କମ୍ପାନୀରେ କାମ କରୁଥିବା ଲୋକ, ସ୍କୁଲରେ ପାଚିକା ଭାବେ କାମ କରୁଥିବା ଲୋକଙ୍କ ନାଁ ମଷ୍ଟର ରୋଲରେ ରହିଥିବା ଦେଖାଯାଇଛି। ସ୍ଥାନୀୟ ଶ୍ରମିକ ଶ୍ରେଣୀର ଲୋକଥିବା ବେଳେ କୌଣସି ସ୍ଥାନୀୟ ଲୋକଙ୍କ ନାଁ ନଥାଇ ଅନ୍ୟ ଲୋକଙ୍କ ନାଁ ରେ ଟଙ୍କା ଉଠାଯାଇ ହରିଲୁଟ୍ ହୋଇଛି ଲକ୍ଷାଧିକ ଟଙ୍କା। ସେହିପରି କଣ୍ଡାଝରିଆ ଓ ଧାନଘରରଗଡି ଗ୍ରାମ ଜଙ୍ଗଲରେ ଟ୍ରେଞ୍ଚ ଖୋଳାକୁ ନେଇ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଗୋଟିଏ ସ୍ଥାନରେ ଟ୍ରେଞ୍ଚ ଖୋଳାଯାଉଥିବା ବେଳେ କାମ ହେଉଥିବା ସ୍ଥାନ ଠାରୁ ଦୁଇ କିଲୋମିଟର ଦୂରରେ କିଛି ଲୋକଙ୍କୁ ଡାକି ଜିଓଟ୍ୟାଗ କରାଯାଇ ଟଙ୍କା ହଡପ ହେଉଥିବା ଅଭିଯୋଗ ହୋଇଛି। ଦୁଇଟି ଟ୍ରେଞ୍ଚ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ପ୍ରତ୍ୟେକ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା ବେଳେ ଜରିଗେଞ୍ଜା ସାହି ଠାରୁ ରେଙ୍ଗାଳି କେନାଲ ହୁଡ଼ା ପର୍ଯ୍ୟନ୍ତ ତିରିଶ ମିଟର ରାସ୍ତା ପାଇଁ ୫ ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ନେଇ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ବିଷୟରେ ଶୁଣିବା ପରେ ଏହାର ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ କହିଛନ୍ତି।

# ମା' ବାରଦେଇଙ୍କ ପୀଠରେ ଧନୁଯାତ୍ରା ଉଦ୍‌ଯାପିତ



**ନାଉଗାଁ,୨୫।୨/ଏନ୍ଏନ୍ଏସ୍:** ନାଉଗାଁ ବ୍ଲକ୍ ଅନ୍ତର୍ଗତ ତେଣ୍ଟୋଇ ସ୍ଥିତ ମା' ବାରଦେଇଙ୍କ ପୀଠରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ଧନୁଯାତ୍ରାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାର ପଞ୍ଚମ ତଥା ଶେଷଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସମାଜସେବୀ ନିରଞ୍ଜନ ନାୟକ ଯୋଗଦାନ କରିଥିବା ବେଳେ ଏହି ଉଦ୍‌ଯାପିତ ସନ୍ଧ୍ୟାରେ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରିକରି ଅବସର ଗ୍ରହଣ କରିଥିବା ବହୁ ମାନ୍ୟଗନ୍ୟ ବ୍ୟକ୍ତିଙ୍କୁ ଦରବାରରେ ମହାରାଜ କଂସଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେପରେ କଂସଙ୍କ ଦରବାର ଆରମ୍ଭ ହୋଇ ଅକ୍ରୁର ଗୋପପୁରରେ ପ୍ରବେଶ ଓ କୃଷ୍ଣ ବଳରାମଙ୍କୁ ଧରି ମଥୁରା ଗମନ, ଗୋପୀମାନଙ୍କ ମଥୁରାରେ ଦହିବିକା, ଶିବଧନୁଭଗ୍ନ ସହ କଂସ ବଧ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହାକୁ ଦେଖିବା ପାଇଁ ଏଠାରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ସାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନାଉଗାଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବକୁ ଧନୁଯାତ୍ରା ଆୟୋଜକ କମିଟିର ସଭାପତି ଗୌତମ କୁମାର ସାହୁ, ସମ୍ପାଦକ ପର୍ଶୁରାମ ବିଶ୍ୱାଳ, ରବିନ୍ଦ୍ର କୁମାର ଲେଙ୍କା, ରୋହିତ କୁମାର ବିଶ୍ୱାଳ ସରୋଜ କୁମାର ଲେଙ୍କା, ଅନନ୍ତ ଚରଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦିଲୀପ ପଟ୍ଟନାୟକ, ବିଶ୍ୱଜିତ ବିଶ୍ୱାଳ, ବେଣୁଧର ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, ରଞ୍ଜନ କୁମାର ବିଶ୍ୱାଳ, ନିରଞ୍ଜନ ସାହୁ, ପ୍ରକାଶ କୁମାର ବିଶ୍ୱାଳ ଓ ବିଜୟ କୁମାର ବିଶ୍ୱାଳ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଏହି ଧନୁଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିଥିଲେ।

## ଗହୀରମଥାରୁ ଟ୍ରଲର୍ ଜବତ, ୮ ଗିରଫ



**ରାଜନଗର,୨୫।୨/ଏନ୍ଏନ୍ଏସ୍:** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଅଭ୍ୟୁକ୍ତ ନାମକ ଟ୍ରଲର୍‌କୁ ଜବତ କରିଥିଲା। ସେଥିରୁ ଗୋଟିଏ ଜିପିଏସ୍, ତିନୋଟି ଭିଏଚ୍‌ଏଫ୍, ଗୋଟିଏ ଫିସ୍‌ଫାଇଣ୍ଡର, ୯ଟି ଜାଲ, ୮କ୍ୟୁଣ୍ଟାଲ ୫୦କେଜି ମାଛ ଜବତ କରିବା ସହ ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲେ। ଗିରଫ ମତ୍ସ୍ୟଜୀବୀମାନେ ହେଲେ ରାଷ୍ଟୁ ସାମନ୍ତ, ରବିନ୍ଦ୍ର ସେଠ, ଗଣେଷ ସିଂ, ଆନନ୍ଦ ଖିଲାର, ମୋହନ ସିଂ, ପ୍ରଦୀପ ମାଝୀ, ରାଜୁ ସିଂ, ଅଜୟ ମାଝୀ। ଗିରଫ ମତ୍ସ୍ୟଜୀବୀମାନେ ବାଲେଶ୍ୱର ଜିଲ୍ଲାର ବୋଲି ଜଣାପଡ଼ିଛି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରହସ୍ୟ ଘେରରେ ତାରିଣୀଗଡ଼ା ଯୁବତୀ ମୃତ୍ୟୁ ଘଟଣା

# ଖୁବ୍‌ଶୀଘ୍ର ଘଟଣାର ସତ୍ୟାସତ୍ୟ ପର୍ଦ୍ଦାଫାଶ ହେବ: ଏସ୍‌ପି



**ପାରାଦୀପ,୨୫।୨/ଏନ୍ଏନ୍ଏସ୍:** ପାରାଦୀପରେ ଚାଞ୍ଚଲ୍ୟ ଖେଳାଇଥିବା ତାରିଣିଗଡ଼ା ଛାତରୁ ପଡି ଯୁବତୀଙ୍କ ମୃତ୍ୟୁ ଘଟଣାର ବଡ଼ ଖୁଲାସା କରିଛି ପୁଲିସ। ଦୁଷ୍କର୍ମ ପରେ ଛାତ ଉପରୁ ଠେଲି ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିବା ବେଳେ ଏ ନେଇ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା। ସୋମବାର ତାରିଣିଗଡାର ଖୁଣ୍ଟିଆ ନିବାସରେ ଛାତରୁ ପଡି ଉଲଗ୍ନ ଅବସ୍ଥାରେ ଅଜଣା ମହିଳାଙ୍କ ମୃତଦେହ ପଡ଼ିଥିବା ଘଟଣାକୁ ବେଶ ଗୁରୁତର ସହିତ ତଦନ୍ତ କରି ଅଭିଯୁକ୍ତକୁ ଅଟକ ରଖିବା ସହିତ ଉକ୍ତ ବିଲଡିଂରୁ ମହିଳାଙ୍କ ମୋବାଇଲ୍ ଜବତ କରିବା ପରେ ମୃତ ଯୁବତୀ ତିର୍ତ୍ତୋଲ ଥାନା ଅଞ୍ଚଳର ବୋଲି ପୁଲିସ ସ୍ପଷ୍ଟ କରିବା ପରେ ଆଜି ପରିବାର ଲୋକେ ପାରାଦୀପ ପୋର୍ଟ ମେଡିକାଲ୍‌ରେ ଯୁବତୀଙ୍କ ଶବ ଚିହ୍ନଟ କରିଛନ୍ତି। ରହସ୍ୟମୟ ଭାବରେ ଯୁବତୀ ଜଣକ ଶନିବାର ଦିନ ଶାରଳା ମନ୍ଦିର ଯିବାକହି ଘରୁ ଆସିବା ଏବଂ ନିଖୋଜ ହେବା ଘଟଣାକୁ ନେଇ ପରିବାର ଲୋକେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ତିର୍ତ୍ତୋଲରୁ ପାରାଦୀପ ତାରିଣୀଗଡା ଖୁଣ୍ଟିଆ ନିବାସରେ ମୃତଦେହ ମିଳିବା ଘଟଣାକୁ ପୁଲିସ ଗୁରୁତର ସହିତ ତଦନ୍ତ କରି ଘଟଣାର ଅଡୁଆ ସୁତାର ଖିଅ ବାହାର କରିବାରେ ସଫଳ ହୋଇଛି। ପରିବାର ଲୋକ ଶବ ଚିହ୍ନଟ କରିବା ପରେ ମେଡିକାଲ୍ ରିପୋର୍ଟକୁ ଅପେକ୍ଷା କରିଛି ପୁଲିସ। ସୋମବାର ଦିନ ଯୁବତୀଙ୍କ ମୃତଦେହ ଜବତ କରିବା ପରେ ସନ୍ଦେହରେ ଏହି ବିଲଡିଂରେ ରହୁଥିବା ଏକ ଘରୋଇ କମ୍ପାନୀର ୭ ଜଣ ଅଣଓଡ଼ିଆ କର୍ମଚାରୀମାନଙ୍କୁ ଥାନାକୁ ଆଣି ପୁଲିସ ଜେରା ପରେ ଧୀରେ ଧୀରେ ଘଟଣାର ସତ୍ୟାସତ୍ୟ ପୁଲିସ ହାତରେ ଲାଗିବା ସହିତ ଅଭିଯୁକ୍ତକୁ ଅଟକ ରଖିଛି ଆଦର୍ଶ ଥାନା ପୁଲିସ। ଏହି ୭ ଜଣଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ସହିତ ତିନିଜଣଙ୍କୁ ପୁଲିସ ଅଟକ ରଖି ତଦନ୍ତ କ୍ରିୟାଶୀଳ କରିଛି। ଏସ୍‌ପିଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯୁବତୀ ଜଣକ ଶନିବାର ଦିନ ଶାରଳା ମନ୍ଦିର ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ଯାହାକୁ ନେଇ ପରିବାର ତରଫରୁ ତିର୍ତ୍ତୋଲ ଥାନାରେ ନିଖୋଜ ମାମଲା ରୁଜୁ କରାଯାଇଥିଲା। ତେବେ ପୁଲିସ ତଦନ୍ତ ରିପୋର୍ଟ ଅନୁଯାୟୀ ଯୁବତୀ ଜଣକ ଘରୁ ନିଜର ପୁରୁଷବନ୍ଧୁ ପାଖକୁ ଯାଇଥିଲେ। ପୁରୁଷ ବନ୍ଧୁ ସହିତ ଝଗଡା ହେବା କାରଣରୁ ତିର୍ତ୍ତୋଲ ଠାରୁ ରାହାମା ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ଯୁବକକୁ ଲିଫ୍ଟ ମାଗି ପାରାଦୀପ ଯାଇଥିଲେ। ସୋମବାର ସକାଳୁ ସନ୍ଦେହ ଜନକ ଭାବରେ ଯୁବତୀଙ୍କ ମୃତଦେହ ମିଳିଥିଲା। ଏ ନେଇ ପୁଲିସ ତରଫରୁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ରିପୋର୍ଟ ସହିତ ଅନ୍ୟାନ୍ୟ ସମସ୍ତ ରିପୋର୍ଟ ହସ୍ତଗତ ହେବାପରେ ଘଟଣାର ସତ୍ୟାସତ୍ୟ ପର୍ଦ୍ଦାଫାଶ କରାଯିବ ବୋଲି କହିଛନ୍ତି ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା। ବାହାର ରାଜ୍ୟରୁ ଆସି ଯେଉଁଭଳି ଭାବରେ ତିର୍ତ୍ତୋଲରୁ ଯୁବତୀକୁ ଆଣି ପାରାଦୀପରେ ଦୁଷ୍କର୍ମ କରିବା ସହିତ ହତ୍ୟା କରିଥିବା ଏହି ଅଭିଯୁକ୍ତ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତା ଯୁବତୀର ପରିବାର ଲୋକ ଦାବି କରିଛନ୍ତି।

# ପାଇପ୍ ମରାମତି କେବେ ?



**କାମାକ୍ଷାନଗର,୨୫।୨/ଏନ୍ଏନ୍ଏସ୍:** କାମାକ୍ଷାନଗର ସହର ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାନୀୟଜଳ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଲୋକମାନେ ଠିକ୍‌ରେ ପାଣି ମୁନ୍ଦିଏ ପାଇ ପାରୁନାହାଁନ୍ତି। ଗତ କିଛି ଦିନ ତଳେ ତହସିଲ ଅଫିସ୍ ସାମ୍ନାରେ ପାଇପ୍ ଫାଟି ରାସ୍ତାରେ ପାଣି ମାଡୁଥିଲା। ସେଇ ପାଣି ଉପରେ ଲୋକମାନେ ଯିବା ଆସିବା କରିବା ଫଳରେ ଅନେକ ସମସ୍ୟା ଦେଖା ଦେଇଥିଲା। ପରେ ଏହି ପାଇପ୍‌ର ମରାମତି ହୋଇଥିଲା। ସହର ମଧ୍ୟକୁ ଯାଇଥିବା ପାନୀୟଜଳ ବିଭାଗ ତରଫରୁ ଦିନକୁ ଥରେ, ତାହୁଣି ୩୦ରୁ ୩୫ ମି. ଯୋଗାଇ ଦିଆଯାଉଛି। ଯେଉଁ ସ୍ଥାନମାନଙ୍କରେ ପାଇପ୍ ଫାଟୁଛି ସେଠିକାର ଲୋକମାନେ ଠିକ୍‌ରେ ପାଣି ପାଇ ପାରୁ ନାହାଁନ୍ତି। ସେହିଭଳି ୭ନଂ ୱାର୍ଡରେ ଆଜିକୁ ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ପାଇପ୍ ଫାଟି ରାସ୍ତା ଉପରେ ପାଣି ମାଡୁଛି। ଏ ବାବଦରେ ୭ନଂ ୱାର୍ଡରେ କାଉନସିଲର ଅଭିମନ୍ୟୁ ପରିଡ଼ା ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହାର ମରାମତି ହୋଇ ପାରିନାହିଁ। ସେଇ ରାସ୍ତା ଦେଇ ସ୍କୁଲ୍, କଲେଜ୍‌ର ଅନେକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ସଧାରଣ ଲୋକ ଯିବା ଆସିବା କରିବାରେ ଅନେକ ସମସ୍ୟା ଦେଖାଦେଉଛି। ତଥାପି ଜନସ୍ୱାସ୍ଥ୍ୟ ବିଭାଗର ଆଜି ପର୍ଯ୍ୟନ୍ତ ନିଦ ଭାଙ୍ଗୁନି। ଦେଖାଯାଉ ପାଇପ୍‌ର ମରାମତି କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ଆଉ କେତେଦିନ ଲାଗିବ।

# ଘୋଡ଼ାଶାଳ-ଫାଷ୍ଟ୍‌ଗେଟ୍ ରାସ୍ତା ପ୍ରଶସ୍ତିକରଣ କେବେ ?



**ତାଳଚେର,୨୫।୨/ଏନ୍ଏନ୍ଏସ୍:** ବହୁ ପୁରାତନ ତାଳଚେର ଟାଉନ୍ ଘୋଡ଼ାଶାଳ ଗେଟ୍ ଠାରୁ ଆରମ୍ଭକରି ବଡ଼ବଜାର ଦେଇ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ତାଳଚେରର ପେଣ୍ଠସ୍ଥଳୀ ବା ମୁଖ୍ୟ ବଜାର ବୋଲି କୁହାଯାଉଥିଲା। ତାଳଚେର ଅଞ୍ଚଳବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଏହି ବଜାର ଉପରେ ନିର୍ଭର କରୁଥିଲେ। ରାଜାରାଜୁଡ଼ା ଅମଳରୁ ଏହି ବଜାରକୁ ପ୍ରଥମେ ବସ୍ ଘୋଡ଼ାଶାଳ ନିକଟସ୍ଥ ଯୁବରାଜ ହାଇସ୍କୁଲ୍ ଠାରୁ ବାହାରି ବଡ଼ବଜାର, ନୂଆବଜାର ଓ ଫାଷ୍ଟଗେଟ୍ ଦେଇ ଗନ୍ତବ୍ୟ ପଥକୁ ଯାଉଥିଲା। ଏହା ଫଳରେ ସହରର ଚର୍ତୁପାର୍ଶ୍ୱରେ ରହୁଥିବା ଗ୍ରାମ ଗୁଡ଼ିକର ଲୋକମାନେ ସେଠାରେ ବସ୍‌କୁ ଅପେକ୍ଷା କରିବା ସହିତ ଅତି ସୁବିଧାରେ ନିଜ ନିଜ ସ୍ଥାନକୁ ଯାଉଥିଲେ। ଦୂରଦୂରାନ୍ତକୁ ଯାତାୟତରେ ସୁବିଧା ମଧ୍ୟ ହେଉଥିଲା। କିଛି କୁଚକ୍ରି ଗୋଷ୍ଠୀ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ କରି ଦୋକାନବାଡ଼ି ନିର୍ମାଣ କରି ବେଶ ଭଲ ଦିପଇସା ରୋଜଗାର କଲେ। ଯାହା ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ବସ୍ ଚଳାଚଳକୁ ବନ୍ଦ କରିଦିଆଗଲା। ଏହି ସହର ମଧ୍ୟରେ ଘୋଡ଼ାଶାଳ ଠାରେ ମୁଖ୍ୟଡ଼ାକଘର, ରାଜବାଟୀ ନିକଟରେ ପୁରୁଣା କଚେରୀ, ତାଳଚେର ମହାବିଦ୍ୟାଳୟ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ସମାଜ କାର୍ଯ୍ୟାଳୟ, ଆରଟିଓ କାର୍ଯ୍ୟାଳୟ ଇତ୍ୟାଦି ରହିଥିଲା। ଏହା ଫଳରେ ତାଳଚେର ସହର ଜନଗହଳି ରହିବା ସହ ବଜାରର ଗୁରୁତ୍ୱ ମଧ୍ୟ ରହିଥିଲା। ପରବର୍ତ୍ତି ସମୟରେ ଜମି ମାଫିଆମାନେ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ କରିଥିବାରୁ ବଜାରର ଗୁରୁତ୍ୱ କମିବାରେ ଲାଗିଲା। ରାତି ୮ଟା ପରେ ବଜାର ସତେ ଯେପରି ଖାଁ ଖାଁ ଦେଖାଦେଇଥାଏ ଓ ମୁଖ୍ୟରାସ୍ତାଟି ସଂକୀର୍ଣ୍ଣ ହେବାସହ ଜନସାଧାରଣ ରାସ୍ତା ଉପରେ ଗାଡ଼ି, ମଟର, ସାଇକେଲ ଇତ୍ୟାଦି ରଖୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଳଚେର ଉପଜିଲ୍ଲାପାଳ ସମୀର ଜେନା ଘୋଡ଼ାଶାଳ ଗେଟ୍ ଠାରୁ ଆରମ୍ଭକରି ଫାଷ୍ଟଗେଟ୍ ପର୍ଯ୍ୟନ୍ତ ରାସ୍ତାର ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତିକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଯୁବକଙ୍କୁ ଚାପିଦେଲା ଟ୍ରକ୍

**ମାର୍ଶାଘାଇ,୨୫।୨/ଏନ୍ଏନ୍ଏସ୍:** ଚଣ୍ଡିଖୋଲ-ପାରାଦୀପ ୫୩ ନଂ ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅନ୍ତର୍ଗତ ମଙ୍ଗଳାଛକ ଲୁଣାବ୍ରିଜ୍ ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ସ୍ଥାନୀୟ ଆଠବାଟିଆ ଗ୍ରାମର ଦିଲ୍ଲୀପ ସୁତାର ବୋଲି ଜଣାପଡ଼ିଛି। ବୁଧବାର ମଧ୍ୟାହ୍ନସମୟରେ ଦିଲ୍ଲୀପ ଲୁଣା ବ୍ରିଜ୍ ଉପରେ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ଟ୍ରକ ଚାପିଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ମାର୍ଶାଘାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି। ତେବେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦିଲ୍ଲୀପଙ୍କ ପରିବାରଙ୍କୁ ସହାୟତା ପ୍ରଦାନ କରାଯିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି।

# ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ମରାମତି କାର୍ଯ୍ୟ



**ନାଉଗାଁ,୨୫।୨/ଏନ୍ଏନ୍ଏସ୍:** ରାସ୍ତା ମରାମତି କାର୍ଯ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସାମ୍ନାକୁ ଆସିଲା ବ୍ୟାପକ ଦୁର୍ନୀତି। ତରବରିଆ ଭାବେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ରାସ୍ତାର ମରାମତି କାର୍ଯ୍ୟ। ପ୍ରକାଶ, ଜଗତସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚନ୍ଦ୍ରପୁରରୁ ଅଲଣା-୨ ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ କରିବା ପାଇଁ ଟେଣ୍ଡର ପକ୍ରିୟା ମାଧ୍ୟମରେ ଲକ୍ଷାଧିକ ଟଙ୍କା ବିନିମୟରେ ଠିକାଦାର ନିଯୁକ୍ତି କରାଯାଇ ଥିବାବେଳେ, କିନ୍ତୁ ଏବେ ଏହି ମରାମତି କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷ୍ୟ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ମନମୁଖୀ ଭାବେ ପିଚୁକୁ ରାସ୍ତାରେ ପକାଇବା ପୂର୍ବରୁ ରାସ୍ତାକୁ ଠିକ ଭାବରେ ସଫା କରା ନଯାଇ ଅତି ନିମ୍ନମାନର କାର୍ଯ୍ୟ କରାଯାଉ ଥିବା ଯାହା ଏବେ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ତେବେ ଏହି ନିମ୍ନମାନର ରାସ୍ତାର ନିର୍ମାଣ କାର୍ଯ୍ୟକୁ ସଠିକ ଭାବରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ସ୍ଥାନୀୟବାସିନ୍ଦା।

# ଜାରକାରେ ଖୋଲିଲା ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ୍



**ଧର୍ମଶାଳା,୨୫।୨/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଗୋପବନ୍ଧୁ ଛକ ନିକଟରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍ ଓଡ଼ିଶାର ୩୫୯ ତମ ଶାଖା ଆଜି ଉଦ୍‌ଘାଟିତ ହୋଇଯାଇଛି। ଶାଖା ପରିଚାଳକ ଦେବଯାନୀ ମିଶ୍ରଙ୍କ ପୌରହିତ୍ୟରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବ ଉଦ୍‌ଘାଟନ କରିଥିଲେ। ଏହି ବ୍ୟାଙ୍କ୍ ୧୩୨ବର୍ଷ ହେବ ଲୋକମାନଙ୍କ ସେବା କରୁଛି। ଯାହାକୁ ଲାଲ ଲଜପତ ରାୟ ପ୍ରତିଷ୍ଠା କରିଥିଲେ। ଲୋକମାନଙ୍କୁ ସ୍ୱାବଲମ୍ବୀ କରିବାକୁ ବ୍ୟାଙ୍କର ଆବଶ୍ୟକତା ରହିଛି। ବ୍ୟାଙ୍କର ଋଣ ଓ ପ୍ରୋତ୍ସାହନ ଦ୍ୱାରା ଆମେ ସ୍ୱାବଲମ୍ବୀ ହୋଇପାରିବା। ଜନସାଧାରଣଙ୍କ ସ୍ୱାର୍ଥ ସାଧନ କରୁ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର ଅଞ୍ଚଳ ପ୍ରବନ୍ଧକ ଭୂଷଣ ଶର୍ମା, ଭୁବନେଶ୍ୱର ଉପଅଞ୍ଚଳ ପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, ବାଲେଶ୍ୱର ମଣ୍ଡଳ ପ୍ରମୁଖ ବିଶ୍ୱଜିତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା ସରକାରୀ ଅନୁବନ୍ଧିତ ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଗ୍ରାହକଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ମିଳିବ ବୋଲି ମତପ୍ରକାଶ କରିଥିଲେ। ଅଲ୍ ଓଡିଶା ପିଏନ୍‌ବି ବ୍ୟାଙ୍କ୍ ସଙ୍ଘ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମାନସିଂ, ଆକାଶ ଦାସ, ଦର୍ପଣ ପିଏନ୍‌ବି ବ୍ୟାଙ୍କ ପ୍ରବନ୍ଧକ ତ୍ରୈଲୋକନାଥ ମିଶ୍ର, ବାଲେଶ୍ୱର ପିଏନ୍‌ବି ବ୍ୟାଙ୍କ୍ ପ୍ରବନ୍ଧକ ଜ୍ୟୋତି ପ୍ରକାଶ, ଚଣ୍ଡିଖୋଲ ପିଏନ୍‌ବି ପ୍ରବନ୍ଧକ ସୁଜିତ ବେହେରା, ଗୌତମ ଲେଙ୍କା, ଗୋଲକ ବେହେରା ସମେତ ଜିଲ୍ଲାର ଅନ୍ୟ ବ୍ୟାଙ୍କ ଶାଖାର ଅଧିକାରୀମାନେ ଉପସ୍ଥିତ ରହି ସେବା ଓ ବ୍ୟବହାର ଆମର ପରିଚୟ ବୋଲି କହିଥିଲେ। ଶେଷରେ ଜାରକା ଶାଖା ପରିଚାଳକ ଶ୍ରୀମତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନରେ ଶତାଧିକ ବ୍ୟାଙ୍କ ଆକାଉଣ୍ଟ୍ ଖୋଲିଥିବା ଜଣାପଡିଛି।

# ରବି ଲାବଣ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



**ଧର୍ମଶାଳା,୨୫।୨/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ମିର୍ଜାପୁର ସ୍ଥିତ ଦନାମଠ ଖେଳ ପଡ଼ିଆରେ ତୃତୀୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ମଙ୍ଗଳବାର ଆରମ୍ଭ ହୋଇଛି। 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟ୍‌କୁ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା କ୍ରିକେଟ୍ ତାରକା ବସନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ସଭାପତି ଅଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବସନ୍ତ ମହାନ୍ତି ଯୋଗଦେଇ ଗ୍ରାମାଞ୍ଚଳ କ୍ରିକେଟ୍ ପ୍ରତିଯୋଗୀତା ପ୍ରତିଭା ବିକାଶର ଉପଯୁକ୍ତ ସ୍ଥାନ ଅଟେ ବୋଲି କହିଥିଲେ। ପୂର୍ବତନ ବିଧାୟକ ସ୍ୱର୍ଗତଃ ରବି ଲାବଣ୍ୟ ଜଣେ କ୍ରିକେଟ୍ ପ୍ରେମୀ ଥିଲେ ବୋଲି କହିବା ସହିତ କ୍ରିକେଟ୍‌ର ମାନ ବୃଦ୍ଧି ପାଇଁ ସେ ଉପସ୍ଥିତ ଖେଳାଳୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବ୍ରଜକିଶୋର ମହାନ୍ତି, ସମାଜସେବୀ ଅଭିମନ୍ୟୁ ଧଳ, ମ୍ୟାଚ୍ ପରିଚାଳକ ଦୟାନିଧି ଦାଶ, ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ, ଯୋଜନା ଦଳପତି ମନୋରଞ୍ଜନ ସେଠୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପୂର୍ବତନ ବିଧାୟକ ସ୍ୱର୍ଗତଃ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ଉଦ୍‌ଘାଟନ ପୂର୍ବରୁ ମୁଖ୍ୟ ଅତିଥିଙ୍କୁ ମିର୍ଜାପୁର ମାଉଣ୍ଡ ନିକଟରୁ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ଖେଳ ପଡ଼ିଆ ପର୍ଯ୍ୟନ୍ତ ନିଆ ଯାଇଥିଲା। ଉଦ୍‌ଘାଟନ ଅବସରରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ନେତାଜୀ ସ୍ପୋର୍ଟିଂ କ୍ଲବ୍, କାଏମା ଏବଂ ଜିତୁ ଇଲେଭେନ୍, ଜାରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିତୁ ଇଲେଭେନ୍ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ହରାଇ ୨୬୫ ରନ୍ ସଂଗ୍ରହ କରିବା ସହିତ ଦଳ ପକ୍ଷରୁ ପୁପୁନ୍ ସାମଲ ୨୭ ବଲରେ ସର୍ବାଧିକ ୬୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ କାଏମା ଦଳ ୧୫ ଓଭରରେ ୭ ୱିକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଛତିଆ ଓ ଏସ.ଜି. କ୍ଲବ୍, ଆଦମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ୱିକେଟ୍ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା। ଅନ୍ୟପକ୍ଷରେ ଛତିଆ ଦଳ ୮ ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର୍ ଭାବେ ତିଲକ୍ ଜେନା, ଲିପୁ ବରାଳ ଓ ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିଲେ। ବିଶ୍ୱନାଥ ବିଶ୍ୱାଳ, ତାପସ ନାଏକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ ନାଗାର୍ଜୁନ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। ନରୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ବିଶ୍ୱାଳ, ଗଣେଶ୍ୱର ସେଠୀ, ଗୁଗୁଲ୍ ସାହୁ ପ୍ରମୁଖ ପ୍ରତିଯୋଗୀତା ଆୟୋଜନରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ୧୧୬୮ ପଞ୍ଜିକୃତ

**କେନ୍ଦ୍ରାପଡ଼ା,୨୫।୨/ଏନ୍ଏନ୍ଏସ୍:** ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ନିଯୁକ୍ତି ମେଳାରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲାପାଳ ରଘୁରାମ ଆର ଆୟର, ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରିଣୀ ଇନ୍ଦିରା ମଲ୍ଲୀକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ନିଯୁକ୍ତିମେଳାର ଆଭିମୁଖ୍ୟ କହିଥିଲେ। ଏହି ନିଯୁକ୍ତି ମେଳାରେ ୫୩ଟି ଘରୋଇ ସଂସ୍ଥା, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା ଯୋଗ ଦେଇଥିଲେ। କେତେକ ସଂସ୍ଥା ସିଧାସଳଖ ନିଯୁକ୍ତିର ସୁବିଧା ଥିବାବେଳେ କେତେକ ସଂସ୍ଥା ନିଯୁକ୍ତିଭିତ୍ତିକ ତାଲିମ ପରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ଚାକିରି ଏନ୍ୱେଷଣରେ ଥିବା ୫ମ, +୩ ପାସ କରିଥିବା ଯୋଗ୍ୟତାଧାରୀ ୧୮ ରୁ ୩୫ ବର୍ଷ ବୟସ ସୀମା ଅନ୍ତର୍ଭୁକ୍ତ ୧୧୬୮ ଜଣ ନିଯୁକ୍ତି ଆଶାୟୀ ମେଳାରେ ଯୋଗଦେଇଥିଲେ। ଦକ୍ଷତାବିକାଶ କାର୍ଯ୍ୟାଳୟର କୃଷ୍ଣଚନ୍ଦ୍ର ସାହୁ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



## ପୁଲିସର ସୁରକ୍ଷା ବଳୟରେ ରହିବେ ବରିଷ୍ଠ ନାଗରିକ:ହାଇକୋର୍ଟ

**କଟକ, ୨୫।୨/ଏନ୍‌ଏନ୍‌ଏସ୍:** ପିତାମାତାଙ୍କୁ ଅବହେଳା ପ୍ରସଙ୍ଗରେ ହାଇକୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଶେଷ କରି ବୃଦ୍ଧ ପିତାମାତାଙ୍କୁ ଅବହେଳା ପ୍ରସଙ୍ଗକୁ ନେଇ ଆଗତ ଏକ ମାମଲାର ବିଚାରକରି ବରିଷ୍ଠ ନାଗରିକ ପୁଲିସ୍ ସୁରକ୍ଷାରେ ରହିବେ ବୋଲି ଆଦେଶ ଦେଇଛନ୍ତି । ରାଉରକେଲା ଥାନା ଅଂଚଳର ଦୁଇ ଜଣ ବରିଷ୍ଠ ନାଗରିକଙ୍କ ତରଫରୁ ଦାୟର ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି । ପୁଅ ଏବଂ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବରିଷ୍ଠ ନାଗରିକଙ୍କ ପ୍ରତି ପୁଲିସର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ଶୁଣାଣିବେଳେ ଅଦାଲତ ଦର୍ଶାଇଛନ୍ତି ଯେ ମାତା-ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଓ ରାଜ୍ୟରେ ପ୍ରଣୟନ ହୋଇଥିବା ଏ ସଂପର୍କିତ ୨୦୦୯ର ନିୟମାବଳୀ ଅନୁସାରେ ନିଜ କାର୍ଯ୍ୟ ପରିସର ଅଂଚଳର ସମସ୍ତ ବରିଷ୍ଠ ନାଗରିକଙ୍କ ମଙ୍ଗଳ ସୁନିଶ୍ଚିତ କରିବା ଜିଲ୍ଲା ଏସ୍‌ପିଙ୍କ ଦାୟିତ୍ୱ। ବିଶେଷ କରି ବରିଷ୍ଠ ନାଗରିକଙ୍କ ଭରଣପୋଷଣ ପାଇଁ ବି ପୋଲିସ ଦାୟିତ୍ୱବାନ ରହିବା ଉଚିତ୍ ବୋଲି ଅଦାଲତ ଦର୍ଶାଇଛନ୍ତି । ପୁଅ ବୋହୂ ଦ୍ୱାରା ନିର୍ଯ୍ୟାତିତ ଆବେଦନାକରୀ ପିତା ମାତା ୨୦୦୭ର ଅଧିନିୟମ ତଥା ୨୦୦୯ର ନିୟମାବଳୀ ଅନୁଯାୟୀ ସେମାନଙ୍କୁ ନିଜ ଘରୁ ଉଚ୍ଛେଦ ପାଇଁ ପଦକ୍ଷେପ ନେଇପାରିବେ ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ମହୋତ୍ସବ 'ବୀରୋଦୟ ୨୦୨୬'

# ଯୋଗଦେଲେ ୨୩ ବିଶ୍ୱବିଦ୍ୟାଳୟର ୧୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ

**କଟକ, ୨୫।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ 'ବୀରୋଦୟ ୨୦୨୬'ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ତଥା ରାଜ୍ୟ ବାହାରର ସମୁଦାୟ ୨୩ଟି ବିଶ୍ୱବିଦ୍ୟାଳୟର ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ କ୍ରିକେଟ, ଫୁଟବଲ, ଭଲିବଲ୍ କବାଡ଼ି ଏବଂ ବ୍ୟାଡମିଣ୍ଟନ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଭଲିବଲ୍ କବାଡ଼ି ଓ ବ୍ୟାଡମିଣ୍ଟନ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କ୍ରିକେଟରେ ଆୟୋଜକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବା ବେଳେ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲଜି ଆଣ୍ଡ୍ ମ୍ୟାନେଜମେଣ୍ଟ ରନର୍ସ ଅପ୍ ହୋଇଥିଲା। ସେହିପରି ପୁରୁଷ ଭଲିବଲ୍ ଫାଇନାଲରେ ଆୟୋଜକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ହରାଇ ସି. ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ଚାମ୍ପିଅନ୍ ହୋଇଥିଲା । ମହିଳା ଭଲିବଲରେ ନ୍ୟାସନାଲ ଲ' ୟୁନିଭର୍ସିଟିକୁ ହରାଇ ଉତ୍କଳ ୟୁନିଭର୍ସିଟି ଚାମ୍ପିଅନ୍ ହୋଇଥିଲା । ପୁରୁଷ କବାଡ଼ିରେ ସି. ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟିକୁ ହରାଇ ସୋଆ ୟୁନିଭର୍ସିଟି ଏବଂ ଫୁଟବଲରେ ଶ୍ରୀ




ଶ୍ରୀ ବିଶ୍ୱବିଦ୍ୟାଳୟକୁ ହରାଇ ରାଞ୍ଚିର ସରଳା ବିର୍ଲା ୟୁନିଭର୍ସିଟି ଚାମ୍ପିଅନ୍ ହୋଇଥିଲେ । ପୁରୁଷ ସିଙ୍ଗଲ୍ସ ବ୍ୟାଡମିଣ୍ଟନରେ କିଟ୍ ୟୁନିଭର୍ସିଟିର ଅର୍ସିସ୍ମାନ୍ ରାଜଖୋଓ୍ୱା ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ଆର୍ଯ୍ୟ ରଥଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ । ସେହିପରି ଡବଲ୍ସରେ ସେଞ୍ଚୁରିଅନ୍ ୟୁନିଭର୍ସିଟିର ଅଭିଜିତ୍ ମହାରଣା ଏବଂ ସ୍ମୃତିରଞ୍ଜନ ରାଉତ ଯୋଡ଼ି ସି. ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ । ମିକ୍ସଡ୍ ଡବଲ୍ସରେ ଉତ୍କଳ ୟୁନିଭର୍ସିଟିକୁ ହରାଇ କିଟ୍ ୟୁନିଭର୍ସିଟି ଚାମ୍ପିଅନ୍ ହୋଇଥିଲା । ଏହି ପାଞ୍ଚ ଦିନିଆ ମେଗା ଇଭେଣ୍ଟର ଉଦଯାପନୀ ସନ୍ଧ୍ୟାରେ ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶାର ଉପସଭାପତି ମହମ୍ମଦ ସାହିଦ ଜାଫର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦ୍ୟାର୍ଥୀଙ୍କ କ୍ୟାରିଅର ଗଠନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର (ଡ.) ଜୟପ୍ରକାଶ ଭଞ୍ଜ ପ୍ରମୁଖ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଶ୍ରୀରାମ ରାଉତରାୟଙ୍କ ତତ୍ତ୍ୱାବଧାନରେ କିଛି ମ୍ୟାଚର ଲାଇଭ୍ ଷ୍ଟ୍ରିମିଂ କରାଯାଇଥିବା ବେଳେ ତାହା ଲକ୍ଷାଧିକ ଭିୟୁଜ୍ ପାଇଥିଲା । କମିଟିର ଅନ୍ୟତମ ଯୁଗ୍ମ ସମ୍ପାଦକ ଡ. ରଜତ ବଳିଆର ସିଂହ ବିବରଣୀ ପାଠ କରିଥିବା ବେଳେ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅଂଶଗ୍ରହଣ କରିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ପ୍ରାୟୋଜକ, ଅଫିସିଆଲ୍ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ବୀରୋଦୟ-୨୦୨୬ର ସଫଳତା ନିମନ୍ତେ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ ।

# ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ

**କଟକ, ୨୫।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଆଇସିଏଆର-ସିଆରଆରଆଇ) ଓ ଧାନ ଗବେଷଣା




କର୍ମଚାରୀ ସଂଘ (ଏଆରଆରଡବ୍ଲ୍ୟୁ) ରୁ ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବିଦ୍ୟାଧରପୁର ସ୍ଥିତ ଏହାର ପ୍ରତିଷ୍ଠାନ ପରିସରରେ "ଜାତୀୟ ଧାନ କୌଶଳ ଶିଳ୍ପ ନବ ସୃଜନ ସମ୍ମିଳନୀ" (ଆରଟିଆଇଆଇଏସ-୨୦୨୬) ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସଂପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ ଡ ନିରୁଭୂଷଣ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡା.ଜି.ଏ.କେ କୁମାର ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ଉଦବୋଧନରେ କୃଷକମାନଙ୍କ ପାଇଁ ନବ ସୃଜନକୁ ବ୍ୟବହାରିକ ସମାଧାନରେ ପରିଣତ କରିବା ପାଇଁ ଗବେଷଣା ପ୍ରତିଷ୍ଠାନ ଓ ଶିଳ୍ପ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ରାଜ୍ୟର କୃଷି ଅଭିବୃଦ୍ଧିରେ ସିଆରଆରଆଇର ଭୂମିକା ଉପରେ ମଧ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ଷ୍ଟାର୍ଟଅପ ଏବଂ ଉଦ୍ୟୋଗୀମାନଙ୍କୁ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟା ଗ୍ରହଣ କରିବାକୁ ଏବଂ ଧାନ କ୍ଷେତ୍ରରେ ସ୍ଥାୟୀ, କୃଷକ ଅନୁକୂଳ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଡ.ନିରୁଭୂଷଣ ତାଙ୍କ ଅଭିଭାଷଣରେ ବୈଜ୍ଞାନିକ ଉଦଭାବନକୁ ବଜାର ପ୍ରସ୍ତୁତ, ଚାଷୀ କୈନ୍ଦ୍ରିକ ସମାଧାନରେ ପରିବର୍ତ୍ତନ କରିବା ପାଇଁ ବୌଦ୍ଧିକ ସଂପତି ପରିଚାଳନା ଓ ଦୃଢ଼ ଶିଳ୍ପ -ଗବେଷଣା ସଂଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ୪ଟି କୃଷିଭିତ୍ତିକ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହାଛଡ଼ା ବୁଝାମଣାପତ୍ର ସ୍ୱାକ୍ଷର ଏବଂ ଶିଳ୍ପ ଅଭିବୃଦ୍ଧି ସହିତ ଗବେଷଣାକୁ ସମନ୍ୱିତ କରିବା ପାଇଁ ଭବିଷ୍ୟତ ରୋଡ଼ ମ୍ୟାପ ଉପରେ ଆଲୋଚନା କରାଯାଇଥିଲା । ପ୍ରତିଷ୍ଠାନ ପରିସରରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ .ବିଶ୍ୱଜିତ ମଣ୍ଡଳ, ଡ. ଅରୂପ ମୁଖାର୍ଜୀ, ଡ.ସୁତପା ସରକାର, ଡ. ଆରଏଲ ବର୍ମା, ଡ .ଆନ୍ନା ମଲାଇଏମ ଓ ଚିନ୍ମୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଡିଏଲ୍‌ଏସ୍‌ଏ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶିବିର

**କଟକ, ୨୫।୨/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ପକ୍ଷରୁ ଏକ ଆଇନ ଓ ସଡକ ସୁରକ୍ଷା ସଚେତନତା ଶିବିର ଜଗତପୁର ଗୋଲେଇ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଅପରାହ୍ନରେ ପିଏଲ ଏ- ପି ୟୁଏସ ବିପିନ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥ୍ୟ ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଜଗଦିଶ ଚନ୍ଦ୍ର ଜେନା ଏବଂ ସମ୍ମାନୀତ ଅତିଥି ଭାବେ ଆସିଷ୍ଟାଣ୍ଟ ଏମଭିଆଇ ନିତ୍ୟାନନ୍ଦ ମିଶ୍ର, ପିଏଲଭି ଲୋକନାଥ ଶତପଥି ଓ ଜଗତପୁର ଟ୍ରକ ମାଲିକ ସଂଘ ସଭାପତି ଦିଲ୍ଲୀପ କୁମାର ଜେନା ଯୋଗଦେଇଥିଲେ । ଆଇନ ଜାଲରେ ଛନ୍ଦି ହୋଇ ହନ୍ତସନ୍ତ ହେବା ପରିବର୍ତ୍ତେ ଆଇନର ସରଳୀକରଣ ଦ୍ୱାରା କିପରି ସହଜରେ ଆଇନର ସହାୟତା ମିଳିପାରିବ ସେ ସମ୍ପର୍କରେ ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଆଇନ ମାଧ୍ୟମରେ ଜନସାଧାରଣ କିପରି ସରକାରଙ୍କର ବିଭିନ୍ନ ସହାୟତା ପାଇପାରିବେ ଏବଂ ସଡକ ସୁରକ୍ଷା ଓ ସେ ସମ୍ପର୍କିତ ଉପୁଜୁଥିବା ସମସ୍ୟାର ନିରାକରଣ ଦିଗରେ ଆଇନ କିପରି ସହାୟକ ହୋଇପାରିବ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ।




ପୂର୍ବତନ କର୍ପୋରେଟର ନବକିଶୋର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ତେବେ ୧୮ ବର୍ଷ ବୟସ ପୂର୍ବରୁ ପିଲାମାନଙ୍କୁ ଗାଡି ଚଲେଇବାକୁ ନଦେବା, ମଦ ପିଇ ଗାଡ଼ି ନଚଲେଇବା, ଗାଡି ଚଲେଇବା ସମୟରେ ହେଲମେଟ ବ୍ୟବହାର କରିବା, ଗାଡ଼ିରେ ଆବଶ୍ୟକତା ଠାରୁ ଅଧିକ ଲୋଡ ନ କ ରି ବା, ଗାଡି ଚଲେଇବା ସମୟରେ ମୋବାଇଲ ବ୍ୟବହାର ନକରିବା, ସଡକ ନିୟମ କଡାକଡି ପାଳନ କରିବା ଏବଂ ଗାଡି ଚଲେଇବା ନିମନ୍ତେ ବୈଧ ଲାଇସେନ୍ସ ରହିବା ଆଦି ଅନେକ ବିଷୟରେ ଶିବିରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ମାନସ ପରିଡା, ତୀର୍ଥାନନ୍ଦ ପଣ୍ଡା, ନିତ୍ୟାନନ୍ଦ ସ୍ୱାଇଁ, କିଶୋର ନାୟକ, ସୌମିତ ସାମଲ, ପ୍ରଶାନ୍ତ କୁମାର ସ୍ୱାଇଁ, ଅଶୋକ କୁମାର ମହାନ୍ତି, କରୁଣାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## ମାର୍ଚ୍ଚ ୫ରେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି

**କଟକ, ୨୫।୨/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁରର ବିଶିଷ୍ଟ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଅଭିଯୁକ୍ତ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ବିକ୍ରମ ପଣ୍ଡା ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ ହେବ ବୋଲି ଆଦେଶ ଦେଇଛନ୍ତି। ଆବେଦନକାରୀ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଅତି ନିର୍ମମ ଭାବେ ଗତ ୨୦୨୫ ମସିହା ଅକ୍ଟୋବର ୬ ତାରିଖରେ ହତ୍ୟା କରାଯାଇଥିଲା । ଶ୍ରୀ ପଣ୍ଡା ତାଙ୍କ ବାସଭବନକୁ ଫେରୁଥିବା ବେଳେ ରାତି ୧୦ ଟା ସମୟରେ ତାଙ୍କ ବାସ ଭବନର ନିକଟରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଘଟଣାରେ ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଏକାଧିକ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ବ୍ରହ୍ମପୁରର ପୂର୍ବତନ ବିଜୁ ଜନତା ଦଳ ବିଧାୟକ ବିକ୍ରମ ପଣ୍ଡା ମଧ୍ୟ ଅଭିଯୁକ୍ତ ଥିଲେ। ଗିରଫ ପରେ ବିକ୍ରମ ତାଙ୍କ ଶରୀର ଅସୁସ୍ଥ ଥିବା ଦର୍ଶାଇ ଉନ୍ନତ ମାନର ଚିକିତ୍ସା ନିମନ୍ତେ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ପୂର୍ବରୁ ଏହି ମାମଲାରେ ଦୁଇ ସପ୍ତାହ ମଧ୍ୟରେ କେଶ୍ ଡାଏରୀ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ସୁବୀର୍ ପାଲିତ ପରିଚାଳନା କରୁଛନ୍ତି।

## ଗୋଲକ ମହାପାତ୍ରଙ୍କ ବିରୋଧରେ ଭିଜିଲାନ୍ସ ମାମଲା ଖାରଜ

**କଟକ, ୨୫।୨/ଏନ୍‌ଏନ୍‌ଏସ୍:** ଗୋଲକ ମହାପାତ୍ରଙ୍କ ବିରୋଧରେ ଆଗତ ଭିଜିଲାନସ୍ ମାମଲାରେ ହୋଇଥିବା ଅପରାଧିକ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଶ୍ରୀ ମହାପାତ୍ରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଏହି ଆଦେଶ ଦେଇଛନ୍ତି।

ଶ୍ରୀ ମହାପାତ୍ର ଓଡିଶା କଞ୍ଜ୍ୟୁମର୍ସ କୋ ଅପରେଟିଭ୍ ଫେଡେରେସନ୍ ଲିମିଟେଡ୍‌ର ସଭାପତି ଥିବାବେଳେ ଗତ ୨୦୧୦ ମସିହାରେ ତାଙ୍କ ବିରୋଧରେ ଭିଜିଲାନସ୍ ପକ୍ଷରୁ ଏକ ଏତଲା ରୁଜୁ କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ ୨୦୦୮-୦୯ ଏବଂ ୨୦୦୯-୧୦ରେ ଓଡିଶା ଓଡିଶା କଞ୍ଜ୍ୟୁମର୍ସ କୋ ଅପରେଟିଭ୍ ଫେଡେରେସନ୍ ଲିମିଟେଡ୍ ପକ୍ଷରୁ କୋଇଲା ବଣ୍ଟନରେ ଅନିୟମିତତା ହୋଇଥିଲା। ଏଥି ପାଇଁ ସଂସ୍ଥାରେ ୩୦ ଲକ୍ଷରୁ ଅଧିକ ଟଙ୍କାର କ୍ଷତି ହୋଇଥିଲା । ଉକ୍ତ ଏତଲା ଆଧାରରେ ଶ୍ରୀ ମହାପାତ୍ରଙ୍କ ବିରୋଧରେ ଭିଜିଲାନସ୍ ପକ୍ଷରୁ ଭୁବନେଶ୍ୱର ତୃତୀୟ ଅତିରିକ୍ତ ସେସନ୍ କୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ଏଥିରେ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ ଆକ୍ଟ ୧୯୮୮ର୧୩(୨)/୧୩(୧) ଡି ଏବଂ ଆଇପସିର ୪୨୦/୪୬୮/୪୭୧/୧୨୦-ବି ଦଫାରେ ଏହି ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଭିଜିଲାନସ୍ ପକ୍ଷରୁ୨୦୧୩ ମସିହାରେ ତାଙ୍କ ବିରୋଧରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା।

ତେବେ ଶ୍ରୀ ମହାପାତ୍ର ଭିଜିଲାନସ୍ ପକ୍ଷରୁ ରୁଜୁ ହୋଇଥିବା ଏତଲାକୁ ଖାରଜ କରିବାକୁ ହାଇକୋର୍ଟରେ ଆବେଦନ କରିଥିଲେ।

# ୧୧ ଦଫା ଦାବି ନେଇ ଭାରତୀୟ ମଜଦୁର ସଂଘର ଧାରଣା




**କଟକ, ୨୫।୨/ଏନ୍‌ଏନ୍‌ଏସ୍:** ଶ୍ରମିକମାନଙ୍କର ସ୍ୱାର୍ଥ ଦୃଷ୍ଟିରେ ରଖି ୧୧ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଏବଂ ଧାରଣା ଦିଆଯାଇଥିଲା। ଭାରତୀୟ ମଜଦୁର ସଂଘ କେନ୍ଦ୍ରର ଆହ୍ୱାନ କ୍ରମେ ଆଜି ଦେଶବ୍ୟାପୀ ଆନ୍ଦୋଳନ କରାଯାଇଛି। କଟକ ଜିଲ୍ଲା ସଂଘ ପକ୍ଷରୁ ଗ୍ରାମାଞ୍ଚଳ ଏସ୍.ପି.କାର୍ଯ୍ୟାଳୟଠାରେ ଧାରଣା ଦିଆଯାଇଥିଲା। ଏଥିସହିତ ୧୧ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀ,କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଜଦୁର ସଂଘର ରାଜ୍ୟ କର୍ମକର୍ତ୍ତା ବସନ୍ତ କୁମାର ସାହୁଙ୍କର ନେତୃତ୍ୱରେ ଶ୍ରମିକମାନେ ଧାରଣା ଦେଇଥିଲେ। ଗତ ଫେବୃୟାରୀ ୬ ତାରିଖ ପୁରୀଠାରେ ଅନୁଷ୍ଠିତ ୨୧ ତମ ଅଧିକ ଭରତୀୟ ଅଧିବେଶନରେ ଆଗତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ଆଜି ଦେଶବ୍ୟାପୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଭାରତୀୟ ମଜଦୁର ସଂଘର କଟକ ଜିଲ୍ଲା ସଭାପତି ରମାକାନ୍ତ ସାହୁ,ସମ୍ପାଦକ ପ୍ରଭୁଦତ୍ତ ମିଶ୍ର, କୋଷାଧକ୍ଷା ସବିତା ସାହୁ,ଗୌରାଙ୍ଗ ଚରଣ ରଥ, ପୁଷ୍ପଲତା ସୁବୁଦ୍ଧି,ପ୍ରମୋଦିନି ଦାସ, ଲକ୍ଷ୍ମଣ କୁମାର ଦାସ,ଏସ ଶ୍ରୀନିବାସ ରାଓ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### 'ଓଡ଼ିଶା ସଂସ୍କୃତିର ମୂଳଦୁଆ ପ୍ରେମ ଓ କରୁଣା'

# ଅଭିଲେଖାଗାରରେ ୯୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଅଭିଲେଖାଗାର ପରିସରରେ ୯୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ତଥା ଶିକ୍ଷାବିତ୍ ଡକ୍ଟର ଗୌରହରି ଦାସ କହିଛନ୍ତି ଯେ, ମାଂସପେଶୀର ଶକ୍ତି ନୁହେଁ, ବରଂ ହୃଦୟର କରୁଣା ଓ ପ୍ରେମ ହିଁ ମନୁଷ୍ୟକୁ ବିଜୟୀ କରିଥାଏ। ଭାରତବର୍ଷରେ ଓଡ଼ିଶା ଏଭଳି ଏକ ଅନନ୍ୟ ରାଜ୍ୟ ଯାହା ହଜାର ହଜାର ବର୍ଷ ଧରି ପ୍ରେମ ଓ କରୁଣାକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଆସିଛି।

ଡକ୍ଟର ଦାସ ତାଙ୍କ ଅଭିଭାଷଣରେ ଚାର୍ଲସ ଡାରଓ୍ୱିନଙ୍କ ବିବର୍ତ୍ତନବାଦ ତତ୍ତ୍ୱର ଉଦାହରଣ ଦେଇ କହିଥିଲେ ଯେ ଡାରଓ୍ୱିନ ପରବର୍ତ୍ତୀ ସମୟରେ ନିଜ ମତ ସଂଶୋଧନ କରି ସ୍ୱୀକାର କରିଥିଲେ ଯେ ପରୋପକାରୀ ଓ ଦୟାର୍ଦ୍ର ବ୍ୟକ୍ତିମାନେ ହିଁ ପ୍ରକୃତରେ ଜୟଯୁକ୍ତ ହୁଅନ୍ତି। ଓଡ଼ିଶାରେ ଜୈନ, ବୌଦ୍ଧ ଓ ଶୈବ ଧର୍ମର ପ୍ରଭାବ ସହ ଶ୍ରୀଜଗନ୍ନାଥ ସଂସ୍କୃତି ମଣିଷକୁ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ଏକ ବିଶ୍ୱମୈତ୍ରୀ ଭାବନାରେ ବାନ୍ଧିଛି। ଲକ୍ଷ୍ମୀ ପୁରାଣ, ସ୍ତୁତି ଚିନ୍ତାମଣି ଓ ଧର୍ମପଦ ପରି ଆଖ୍ୟାୟିକାଗୁଡ଼ିକ ଓଡ଼ିଆ ଜନସାଧାରଣଙ୍କୁ ହିଂସା ଓ ରକ୍ତପାତଠାରୁ ଦୂରରେ ରଖି ଉଦାରବାଦୀ କରି ଗଢ଼ିତୋଳିଛି। ସମ୍ମାନିତ ମୁଖ୍ୟ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗଦେଇ କହିଥିଲେ ଯେ କରୁଣାର ପ୍ରକୃତ ଅର୍ଥ ହେଉଛି ଅନ୍ୟ ସହିତ ରହି ଦୁଃଖ ସହିବା। ଭୀମ ଭୋଇଙ୍କ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ପଦଟି ଓଡ଼ିଆ ସଂସ୍କୃତିର ସର୍ବୋଚ୍ଚ ସମ୍ବେଦନାର ପରିଚୟ। ଏହି ସଂସ୍କୃତିରେ ବିଭାଜନ ନାହିଁ, ଅଛି କେବଳ ସମ୍ବେଦନା ଓ ପ୍ରେମ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ରାଜ୍ୟର ବହୁ ଗବେଷକ, ଐତିହାସିକ, ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**କଟକ, ୨୫।୨/ଏନ୍‌ଏନ୍‌ଏସ୍:** ଚାଉଳିଆଗଞ୍ଜ ପେଟ୍ରୋଲପମ୍ପ ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସକାଳ ପ୍ରାୟ ୯ଘଟିକା ସମୟରେ କଟକରୁ ପାରାଦୀପ ଅଭିମୁଖେ ଯାଉଥିବା ଏକ ଟ୍ରକ ଚାଉଳିଆଗଂଜ ପେଟ୍ରୋଲପମ୍ପ ନିକଟରେ ଏକ ମୋଟର ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ଟ୍ରକକୁ ଅଟକାଇ ଚାଉଳିଆଗଞ୍ଜ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବାଇକ ଆରୋହୀଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲା। ଏହାଛଡ଼ା ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଥାନାକୁ ଆଣିବା ସହିତ ଡ୍ରାଇଭର ଓ ହେଲପରକୁ ପଚରା ଉଚରା ଚଳାଇଛି । ମୃତ ବାଇକ ଆରୋହୀଙ୍କ ଘର ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବାଲିଗୁଡ଼େଇ ଗ୍ରାମର ବୋଲି ପୋଲିସ ସୂଚନା ଦେଇଛି। ଏହି ସ୍ଥାନରେ ବାରମ୍ବାର ଘଟୁଥିବା ଦୁର୍ଘଟଣା ନେଇ ଜିଲ୍ଲା ପ୍ରଶାସନ ଓ ଟ୍ରାଫିକ ପୋଲିସ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୧୫ ଦିନ ପୂର୍ବେ ଉକ୍ତ ଚାଉଳିଆଗଂଜ ପେଟ୍ରୋଲ ପମ୍ପ ସମ୍ମୁଖରେ ଟ୍ରକ ଦୁର୍ଘଟଣାରେ ଆଉ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।

# ବ୍ଲିଙ୍କିଟ୍ ଡେଲିଭରି ବୟଙ୍କ ଧାରଣା




**କଟକ, ୨୫।୨/ଏନ୍‌ଏନ୍‌ଏସ୍:** ସିଡିଏ ସେକ୍ଟର-୬ ସ୍ଥିତ ବ୍ଲିଙ୍କିଟ ଅନଲାଇନ ଗୁଡ଼ସ୍ ସେବା ସଂସ୍ଥାର ଡେଲିଭରି ବୟମାନଙ୍କର ଧାରଣା ଚତୁର୍ଥ ଦିନରେ ପହଞ୍ଚିଛି। ଶତାଧିକ ଡେଲିଭରି ବୟ ସେମାନଙ୍କର ଦାବି ନେଇ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ସର୍ବନିମ୍ନ ଆଠ ଘଣ୍ଟା ମଜୁରୀର ଦେଢଗୁଣା ପାରିଶ୍ରମିକ ଦିଆଯିବାକୁ ଦାବି କରାଯାଇଛି। କାରଣ ଏମାନଙ୍କୁ ଦୈନିକ ୧୨ ଘଣ୍ଟା କିମ୍ବା ତଦୁର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ କାମ କରିବାକୁ ପଡେ। ସବୁ ସମୟରେ ରାସ୍ତାରେ ବାଇକଧରୀ ଦୌଡିବାକୁ ପଡୁଥିବାବେଳେ ଦୁର୍ଘଟଣା ଜନିତ କ୍ଷୟ କ୍ଷତି ପାଇଁ କମ୍ପାନୀ ବୀମା ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ହୋଇଛି। ୧୫ ମିନିଟ ଭିତରେ ଗ୍ରାହକ ଫୋନ ଉଠାଇଲେ କିମ୍ବା ଗୁଡ଼ସ ଗ୍ରହଣ ନ କଲେ ଡେଲିଭରି ପିଲାମାନଙ୍କୁ ଅଡର କ୍ୟାନସେଲ କରିବାର କ୍ଷମତା ଦିଆଯିବା ଆଦି ଦାବି ରହିଛି।

କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ ନ କଲେ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେବା ସହିତ ଏନେଇ ଜିଲ୍ଲା ପାଳଙ୍କୁ ଜଣାଇବେ ବୋଲି ଆନ୍ଦୋଳନକାରିମାନେ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଖଣିବାବୁଙ୍କ ଘରେ ...

ଶ୍ରୀ ମହାନ୍ତି ଚାକିରି ଆରମ୍ଭ କରିଥିଲେ । ତା'ପରେ ବ୍ରହ୍ମପୁର, କଟକ ଓ ଭୁବନେଶ୍ୱର ସ୍ଥିତ ଖଣି ନିର୍ଦ୍ଦେଶାଳୟରେ ବିଭିନ୍ନ ପଦ ପଦବୀରେ କାମ କରିବା ପରେ ୨୦୧୮ରେ ପ୍ରମୋସନ ପାଇ ଆସିଷ୍ଟାଣ୍ଟ ଇଞ୍ଜିନିୟରଭାବେ ସମ୍ବଲପୁରରେ ନିଯୁକ୍ତ ପାଇଥିଲେ । ପରେ ପରେ ୨୦୨୨ରୁ ୨୦୨୫, ୪ ବର୍ଷ ଭିତରେ ଫୁଲବାଣୀ, ବୌଦ୍ଧ ଏବଂ ନୟାଗଡ଼ରେ କାର୍ଯ୍ୟ କରିଥିଲେ । ଗତ ଜାନୁୟାରୀ ୭ରେ ବାବୁଙ୍କ ବଦଳି ହୋଇଯାଇଥିଲା କଟକ ସର୍କଲକୁ । ଯେଉଁଠୁ ଆରମ୍ଭ କରିଥିଲେ କଳାଧନ ଠୁଳ କରିବାର ପ୍ରକ୍ରିୟା । ମାସକ ମଧ୍ୟରେ ଠୁଳ କରିଛନ୍ତି ଏହି ପାହାଡ଼ ଭଳି ଟଙ୍କା । ଏପରିକି ରାତି ଅଧରେ ବ୍ୟାଗ ଭର୍ତ୍ତି ଟଙ୍କା ଧରି ଆସୁଥିଲେ ବି କୌଣସି ଟେର୍ ପାଉନଥିଲେ ଖଣି ବାବୁଙ୍କ ପଡ଼ୋଶୀ । ମାତ୍ର ୮ ହଜାର ଟଙ୍କାର ଦରମାରୁ ଚାକିରି ଆରମ୍ଭ କରିଥିବା ଦେବବ୍ରତ କେମିତି ଏତେ ଟଙ୍କା ଆଣି ନିଜ ବାସଘରେ ରଖିଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭିଜିଲାନ୍ସ ଏସପିଙ୍କ କହିବା କଥା, ୨୦୦୯ରେ ବି ଖଣି ଅଧିକାରୀ ଦେବବ୍ରତଙ୍କ ନାଁରେ ବାରିପଦାରେ ଲାଞ୍ଚ କାରବାର ଅଭିଯୋଗ ନେଇ ଭିଜିଲାନ୍ସ ମାମଲା ରହିଛି । ଏହାପରେ ବି ବାବୁଙ୍କୁ କାହିଁକି ଛାଡ଼ିନଥିଲା ଲାଞ୍ଚ ମୋହ ? ଏସବୁ ଦିଗକୁ ଧରି ତନାଘନା ଚଳାଇଛି ଭିଜିଲାନ୍ସ ।

### ନକ୍ସଲକୁ ହତ୍ୟା କଲା ...

ଯୋଜନା ରହିଥିଲା । କିନ୍ତୁ ତାଙ୍କର ଏହି ପଦକ୍ଷେପକୁ ବିରୋଧ କରିଥିଲେ ସଙ୍ଗଠନର ଅନ୍ୟତମ ଟପ କ୍ୟାଡର ସୁକ୍ରୁ । ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା । ଏତେ ସଂଖ୍ୟାରେ ସାଥୀ ସଙ୍ଗଠନ ଛାଡ଼ିଲେ କନ୍ଧମାଳ ଜିଲ୍ଲାରେ ଲାଲବାହିନୀର ମେରୁଦଣ୍ଡ ଭାଙ୍ଗିଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା । ତେଣୁ ଗତ ଜାନୁଆରୀ ୨୯ ତାରିଖରେ ସୁକ୍ରୁ ଓ ତାଙ୍କ ସହଯୋଗୀମାନେ ଅନ୍ୱେଷଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ପକାରୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଗାତ ଖୋଳି ପୋତି ଦେଇଥିଲେ । ମଙ୍ଗଳବାର ସନ୍ଧ୍ୟାରେ ଦାରିଙ୍ଗବାଡ଼ି ପୁଲିସ ଶବ ଜବତ କରି ଦାରିଙ୍ଗବାଡି ମେଡିକାଲ ଆଣିଥିଲା । ଶବଟି ପଚି ଯାଇଥିବା ଯୋଗୁଁ ଏଠାରେ ବ୍ୟବଚ୍ଛେଦ ହୋଇ ନ ପାରିବାରୁ ବ୍ରହ୍ମପୁର ପଠା ଯାଇଛି । ଘଟଣାକୁ ନେଇ ଦାରିଙ୍ଗବାଡି ଥାନାରେ ୫୮/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସପି ପ୍ରକାଶ କରିଛନ୍ତି ।

### ପରିବାରର ୪ ଜଣଙ୍କୁ ...

ଅସୁବିଧା, ପାରିବାରିକ କଳହ କିମ୍ବା ମାନସିକ ଅସ୍ଥିରତା ତାହା ଜାଣିବାକୁ ପୁଲିସ ପ୍ରତ୍ୟେକ ଦିଗରୁ ତଦନ୍ତ କରୁଛି । ଅଭିଯୁକ୍ତ ମୁଞ୍ଜନକୁ ଗିରଫ କରିବା ପାଇଁ ପୁଲିସ ସ୍ୱତନ୍ତ୍ର ଦଳ ଗଠନ କରିଛି । ପୁଲିସ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି ଏବଂ ଅଭିଯୁକ୍ତଙ୍କ ସମ୍ଭାବ୍ୟ ଆଶ୍ରୟରେ ଚଢାଉ କରୁଛି । ଏହା ସହ ମୋବାଇଲ ଲୋକେସନ୍ ଟ୍ରାକ୍ କରିବାର ମଧ୍ୟ ଚେଷ୍ଟା କରାଯାଉଛି ।

### କିଶୋରୀଙ୍କୁ ସର୍ଭିକାଲ୍ ...

ଜିଲ୍ଲାରେ ଟିକା ପ୍ରଦାନ କରାଯିବ । ଏନେଇ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ୯ରୁ ୧୪ ବର୍ଷ ତଳ ଝିଅଙ୍କୁ ସିଙ୍ଗଲ ଡୋଜ୍ ଦିଆଯିବ । ୧୪ ବର୍ଷରୁ ବାହାର ପର୍ଯ୍ୟନ୍ତ ଦିଆଯିବ ୩ଟି ଡୋଜ୍ । ଟିକାକରଣ ପ୍ରକ୍ରିୟା ସରକାରୀ ଓ ବେସରକାରୀ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ପର୍ଯ୍ୟାୟକ୍ରମେ ଚାଲିବ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି '୨୦୨୬-୨୭ରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ' ଆରମ୍ଭ ହେବ । ଏହା ଅଧୀନରେ ରାଜ୍ୟରେ ସମସ୍ତ ପ୍ରକାର କର୍କଟ ରୋଗ ପ୍ରତିରୋଧ, ସମୟୋପଯୋଗୀ ପରୀକ୍ଷା ଓ ଉଚିତ ଚିକିତ୍ସା ସୁବିଧା ବିସ୍ତାରିତ କରାଯିବ । ପ୍ରାଥମିକ ଅବସ୍ଥାରେ କର୍କଟ ଚିହ୍ନଟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହି ସମଗ୍ର କାର୍ଯ୍ୟକ୍ରମ ପାଇଁ ପ୍ରାୟ ୩୧୧ କୋଟି ଟଙ୍କା ବ୍ୟୟ ହେବ' ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି । କେନ୍ଦ୍ରର ଗାଇଡଲାଇନ ଅନୁସାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଭାବେ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରିଛି । ମେ ୨୮ ଭିତରେ ତିନି ମାସ ଧରି ଚାଲିବ ଟୀକାକରଣ । ଏହି ସମୟ ଭିତରେ ଗଞ୍ଜାମ ଅଭେଇ ଲକ୍ଷ କିଶୋରୀଙ୍କୁ ଟିକାକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଟିକାକାରଣ ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ କିଶୋରୀଙ୍କୁ ଚିହ୍ନଟ ପାଇଁ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମହିଳାଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ସାଜିଥିବା ସର୍ଭିକାଲ୍ କ୍ୟାନସର ବା ଜରାୟୁ କର୍କଟର ମୂଳୋତ୍ପାଟନ ପାଇଁ କମର କସିଛନ୍ତି ସରକାର । ୧୪ବର୍ଷ ବୟସରୁ ମହିଳାଙ୍କ ଗର୍ଭଧାରଣ କ୍ଷମତା ସୃଷ୍ଟି ହେଉଥିବାରୁ ସର୍ଭିକାଲ୍ କ୍ୟାନ୍ସରରୁ ରକ୍ଷା ପାଇଁ ଏଚ୍‌ପିଭି ଟୀକା ଜୀବନ ରକ୍ଷାକାରୀ ହେବ । ପୂର୍ବରୁ ଏହା ଘରୋଇ ହସ୍ପିଟାଲରେ ମିଳୁଥିଲା । ଏବେ ମାଗଣାରେ କୋଲଡ଼ ଚେନ ଥିବା ସରକାରୀ ହସ୍ପିଟାଲରେ ମିଳିବ ।

### ଆହୁରି ବର୍ଷିବ ...

ଗଜପତି, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି । ସେପଟେ ଆଗାମୀ ୩ ଦିନ ପରେ ଓଡ଼ିଶାରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ । ଫଳରେ ଦିନରେ ତାତି ବଢ଼ିବାର ସମ୍ଭାବନା ରହିଛି । ସେହିପରି ଆଗାମୀ ୨ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଗତ ୨୪ଘଣ୍ଟାରେ ୧୨ଟି ସ୍ଥାନରେ ପବନ ସହ ବର୍ଷା ହୋଇଥିବା ବେଳେ ଗଞ୍ଜାମର ପୋଲସରାରେ ସର୍ବାଧିକ ୫୩.୪ ମିମି ବର୍ଷା ରେକର୍ଡ କରାଯାଇଛି । ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୬.୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

### ଇସ୍ରାଏଲ୍ ସହ ଛିଡ଼ା ...

ପରିସ୍ଥିତି ଯାହା ବି ହେଉ ନା କାହିଁକି, ଭାରତ ଇସ୍ରାଏଲ ସହିତ ସର୍ବଦା ଛିଡା ରହିଆସିଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ । ମୋଦୀ କହିଛନ୍ତି ଯେ, ଇସ୍ରାଏଲୀ ସଂସଦରେ ଭାଷଣ ଦେବା ଏକ ସମ୍ମାନ । ଇସ୍ରାଏଲୀ ସଂସଦ ସମ୍ମୁଖରେ ଠିଆ ହୋଇ ସେ ନିଜକୁ ଗୌରବାନ୍ୱିତ ଅନୁଭବ କରୁଛନ୍ତି । ସେ ଏକ ପ୍ରାଚୀନ ସଭ୍ୟତା, ଭାରତକୁ ପ୍ରତିନିଧିତ୍ୱ କରୁଥିବା ବେଳେ ଅନ୍ୟ ଏକ ପ୍ରାଚୀନ ସଭ୍ୟତାକୁ ସମ୍ବୋଧିତ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେ ୧.୪ ବିଲିଅନ ଭାରତୀୟଙ୍କ ପକ୍ଷରୁ ଆପଣଙ୍କ ପାଇଁ ଶୁଭକାମନା, ବନ୍ଧୁତା, ସମ୍ମାନ ଏବଂ ଏକ ଦୃଢ଼ ସହଭାଗୀତାର ବାର୍ତ୍ତା ନେଇ ଆସିଛନ୍ତି । ମୋଦୀ କହିଛନ୍ତି, ଭାରତରେ ଯିହୂଦୀମାନେ ସର୍ବଦା ସୁରକ୍ଷିତ ଅଛନ୍ତି । ଭାରତରେ ଯିହୂଦୀ ସମ୍ପ୍ରଦାୟ ଭୟ, ଭେଦଭାବ କିମ୍ବା ନିର୍ଯାତନା ବିନା ବଞ୍ଚିଛନ୍ତି । ସେମାନେ ସେମାନଙ୍କର ବିଶ୍ୱାସକୁ ବଜାୟ ରଖିଛନ୍ତି ଏବଂ ସମାଜରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିଛନ୍ତି । ସେହିପରି ଭାରତ-ଇସ୍ରାଏଲ ସମ୍ପର୍କ ୨୦୦୦ ବର୍ଷରୁ ଅଧିକ ପୁରୁଣା । ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରାୟ ୪ହଜାର ଭାରତୀୟ ସୈନିକମାନେ ବଳିଦାନ ଦେଇଥିଲେ । ଭାରତ-ଇସ୍ରାଏଲ୍ ସମ୍ପର୍କ ରକ୍ତ ଏବଂ ବଳିଦାନର ମୂଳଦୁଆ ଉପରେ ପର୍ଯ୍ୟବେସିତ । ମୋଦୀ ଆତଙ୍କବାଦ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ । ମୋଦୀ କହିଥିଲେ ଆତଙ୍କବାଦ କେବେବି ଯଥାର୍ଥ ନୁହେଁ । କୌଣସି କାରଣରୁ ସାଧାରଣ ନାଗରିକଙ୍କ ହତ୍ୟାକୁ ଯଥାର୍ଥ କରାଯାଇ ପାରିବ ନାହିଁ । ଭାରତ ମଧ୍ୟ ଆତଙ୍କବାଦର ଯନ୍ତ୍ରଣା ଭୋଗ କରିଛି, ତେଣୁ ଆତଙ୍କବାଦ ବିରୋଧରେ ଭାରତର ନୀତି ସ୍ପଷ୍ଟ ଏବଂ ଦୃଢ଼ । ଏହି ଅବସରରେ ମୋଦୀ ଗାଜା ଶାନ୍ତି ପଦକ୍ଷେପକୁ ମଧ୍ୟ ସମର୍ଥନ ବ୍ୟକ୍ତ କରିଥିଲେ । ମୋଦୀ କହିଥିଲେ ଯେ ଏହି ପଦକ୍ଷେପ ଏହି ଅଞ୍ଚଳରେ ଏକ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତି ଆଣିପାରିବ ବୋଲି ସେ ବିଶ୍ୱାସ କରନ୍ତି । ଭାରତ ଆଲୋଚନା, ଶାନ୍ତି ଏବଂ ସ୍ଥିରତା ପାଇଁ ସର୍ବଦା ଛିଡା ରହିଛି । ଏହି ଅବସରରେ ମୋଦୀ ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ଆଗକୁ ବଢୁଥିବା କଥା ମଧ୍ୟ କହିଛନ୍ତି । ମୋଦୀ କହିଛନ୍ତି, ତାଙ୍କର ଜନ୍ମ ୧୭ ଡିସେମ୍ବର ୧୯୫୦ରେ ହୋଇଥିଲା । ଏହି ଦିନ ହିଁ ଭାରତ ଇସ୍ରାଏଲ୍‌କୁ ଆଧିକାରିକ ରୂପେ ମାନ୍ୟତା ପ୍ରଦାନ କରିଥିଲା । ମୋଦୀ ନେସେଟ୍‌କୁ ସମ୍ବୋଧନ କରିବାରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ସାଜିଛନ୍ତି । ଆଜି ଦିନରେ ମୋଦୀ ନେସେଟ୍‌ରେ ପହଞ୍ଚିବା ପରେ ଇସ୍ରାଏଲ୍‌ର ସମସ୍ତ ସାଂସଦ ଛିଡା ହୋଇ ମୋଦୀଙ୍କୁ ସ୍ୱାଗତ କରିବା ସହ ମୋଦୀ ମୋଦୀ ନାରାବାଜି କରିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଇସ୍ରାଏଲ୍ ସଂସଦ ପକ୍ଷରୁ ସର୍ବୋଚ୍ଚ ସମ୍ମାନ, "ସ୍ପିକର ଅଫ୍ ଦି ନେସେଟ୍ ମେଡାଲ୍"ରେ ସମ୍ମାନିତ କରାଯାଇଥିଲା । ଇସ୍ରାଏଲ୍ ସଂସଦର ବାଚସ୍ପତି ଆମିର ଓହାନା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ସେହିପରି ନେତାନ୍ୟାହୁ ନିଜ ଭାଷଣରେ କହିଥିଲେ, 'ମୋଦୀ ମୋ ପାଇଁ ଭାଇ ପରି; ସେ ମୋ ହୃଦୟରେ ଏକ ବିଶେଷ ସ୍ଥାନ ରଖନ୍ତି । ନେତାନ୍ୟାହୁ ଏହି ଅବସରରେ ମୋଦୀଙ୍କୁ 'ଏସିଆର ସିଂହ' ଏବଂ ବିଶ୍ୱର ଜଣେ ସମ୍ମାନିତ ନେତା ଭାବରେ ବର୍ଣ୍ଣନା କରିଥିଲେ । ନେତାନ୍ୟାହୁ ମଧ୍ୟ ଭାରତ ଏବଂ ଇସ୍ରାଏଲ୍ ମଧ୍ୟରେ ରହିଥିବା ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଭାରତକୁ ଏକ ବିଶ୍ୱସ୍ତ ବନ୍ଧୁ ରାଷ୍ଟ୍ର ଭାବେ ଅଭିହିତ କରିଥିଲେ । ସୂଚନାଯୋଗ୍ୟ ମୋଦୀଙ୍କ ଇସ୍ରାଏଲ୍ ଗସ୍ତ ପରିପ୍ରେକ୍ଷରେ ଭାରତ-ଇସ୍ରାଏଲ ମଧ୍ୟରେ ଅସ୍ତ୍ରଶସ୍ତ୍ର ଚୁକ୍ତି ଆଲୋଚନା ସମ୍ଭାବନା ରହିଛି । ଏହି ଆଲୋଚନାରେ ଡ୍ରୋନ୍ ଏବଂ ଆଣ୍ଟି-ବାଲାଷ୍ଟିକ୍ ମିସାଇଲ୍ ସିଷ୍ଟମ, ଆଇରନ୍ ଡୋମ୍ ପ୍ରତିରକ୍ଷା ପ୍ରଣାଳୀ ଭଳି ଅନେକ ଯୁଦ୍ଧ ସାମଗ୍ରୀ ଆମଦାନୀ-ରପ୍ତାନୀ ପ୍ରସଙ୍ଗ ଅନ୍ତର୍ଭୁକ୍ତ । ସୂଚନାଯୋଗ୍ୟ ଭାରତ ଏବଂ ଇସ୍ରାଏଲ୍ ମଧ୍ୟରେ ସମ୍ପ୍ରତି ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଉପରେ ଆଲୋଚନା ଜାରି ରହିଛି । ଖୁବଶୀଘ୍ର ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଆସନ୍ତା କାଲି ମୋଦୀ ଯିହୂଦୀମାନଙ୍କ ନରସଂହାର ଘଟଣା ସହ ସମ୍ପୃକ୍ତ ସ୍ମାରକୀ ସ୍ଥଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନୟାଗଡ଼ ଜିଲ୍ଲା ଗସ୍ତ ଓ ସମୀକ୍ଷା



**ନୟାଗଡ଼,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ଅବନିକାନ୍ତ ସାହୁଙ୍କ ନୟାଗଡ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ କ୍ଷେତ୍ର ପରିଦର୍ଶନ ସହ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ । ସେ ପ୍ରଥମେ ଫେୟାର ପ୍ରାଇସ ସପ୍ ସେଣ୍ଟର 'ମାଁ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ' କେନ୍ଦ୍ର, ଜିଲା ସଦର ମହକୁମାରେ ଥିବା ଜିଲ୍ଲା ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ ଓପରେ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲୁଥିବା ବାଳିକା ଛାତ୍ରବାସ,ବାଉଁଶିଆପଡାରେ ଚାଲୁଥିବା ଟି. ଏଚ.ଆର. ୟୁନିଟ ନ୍ୟୁଟ୍ରି ଗାର୍ଡେନ ପରିଦର୍ଶନ କରିଥିଲେ ଓ ମଧ୍ୟାହ୍ନରେ ସିନ୍ଦୁରିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିଦର୍ଶନ କରି ମାଧ୍ୟାନ୍ନ ଭୋଜନ ଯାଞ୍ଚ କରିଥିଲେ ଓ ଏହା ପରେ ନିଉ ଟାଉନ ପ୍ରାଥମିକ ବିଦ୍ୟାଳୟ, ମାଛିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମାଧ୍ୟାନ୍ନ ଭୋଜନର ମାନ ଯାଞ୍ଚ କରିଥିଲେ ଓ ପରିଦର୍ଶନ ସମୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତାଙ୍କ ସହିତ ଉପସ୍ଥିତ ଥିଲେ । ଏହା ପରେ ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଶ୍ରୀ ସାହୁ ଓ ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମଓଦ୍ଦାର ଯୋଗ ଦେଇଥିଲେ ଓ ବୈଠକର ପ୍ରାରମ୍ଭରେ ସମସ୍ତ ଅଧିକାରୀମାନଙ୍କର ପରିଚୟ ନେବା ପରେ ସମୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓ ପ୍ରଥମେ ଯୋଗାଣ ଅଧିକାରୀଙ୍କୁ ରାସନ କାର୍ଡ ଉପରେ ବିଷଦ ଆଲୋଚନା କରିଥିଲେ ଏବଂ ବୃଦ୍ଧ ଲୋକମାନଙ୍କର ରାସନ କାର୍ଡକୁ ଘରେ ଘରେ ପହଂଚାଇବା ପାଇଁ ପରାମର୍ଶ ଦେଇଥିଲେ । ପରେ ଜିଲ୍ଲା ଶିକ୍ଷାଧିକାରୀ ବିଭିନ୍ନ ସ୍କୁଲରେ ଡାଇନିଂ ହଲର ବ୍ୟବସ୍ଥା ଓ ଚାଉଳ ଯୋଗାଣ ଉପରେ ଆଲୋଚନା କରିଥିଲେ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ମାନଙ୍କରେ ଥିବା ହଷ୍ଟେଲ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଯେଉଁ ସ୍କୁଲରେ ହଷ୍ଟେଲର ସୁବିଧା ନାହିଁ, ସେ ସବୁ ସ୍ଥାନରେ ହଷ୍ଟେଲ ନିର୍ମାଣ ଉପରେ ଆଲୋଚନା କରିଥିଲେ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଛତୁଆର ମାନ ଏବଂ ପିଲାମାନଙ୍କର ଓଜନ ମାପିବା ପାଇଁ ଓଜନ ମେସିନ ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜିଲ୍ଲାରେ ଟ୍ରାଇ ସାଇକେଲ ଗଛିତ ନଥିବା କଥା ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ , ଜିଲ୍ଲା ଯୋଗାଣ ଅଧିକାରୀ ସି.ଏଚ. ମୁରଲୀକ୍ରିଷ୍ଣା ରାଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

## ବେଆଇନ ଇଟାଭାଟି ଭାଙ୍ଗିଲେ ଗୋପ ତହସିଲଦାର୍



**ନୟାହାଟ,୨୫।୨/ଏନ୍‌ଏନ୍‌ଏସ୍:** ଗୋପ ତହସିଲ୍ ଅନ୍ତର୍ଗତ ନୟାହାଟ ଅଞ୍ଚଳରେ ଗତ କେତେବର୍ଷ ଧରି ବେଆଇନ ଭାବେ ଶତାଧିକ ଇଟାଭାଟି ପୋଡ଼ି ବେବ୍ୟସାୟ କରୁଥିବା ବେଳେ ବାୟୁ ପ୍ରଦୂଷଣ ହେଉଥିଲା । ଗୋପ ତହସିଲଦାର ସୂର୍ଯ୍ୟକାନ୍ତ ମିଶ୍ରଙ୍କ ପାଖରେ ଅଭିଯୋଗ ହେଲାପରେ ବୁଧବାର ଦିନ ପୋଲିସ ଫୋର୍ସ ସହିତ ଗୋପ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ମହାପାତ୍ର ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାସ୍ଥଳେ ପହଞ୍ଚିଥିଲେ । ଦୁଇଟି ଜେସିବି ଗୋଟିଏ ଦମକଳ ଦ୍ୱାରା ଜଳୁଥିବା ଇଟାଭାଟିକୁ ପାଣି ପକାଇ ଲିଭାଇ ଯେସିବି ଦ୍ୱାରା କଞ୍ଚା ଇଟା ଓ ପୋଡ଼ା ଇଟା ଭାଙ୍ଗି ନଷ୍ଟ କରିଥିଲେ । ଧୂମାଳ ଓ ଜଙ୍ଗଲବୋରି ପଞ୍ଚାୟତରେ ୨୦ରୁ ଅଧିକ ଇଟାଭାଟି ଭାଙ୍ଗିଯାଇଥିବା ଗୋପ ତହସିଲଦାର ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ବାକିଥିବା ପଞ୍ଚାୟତ ଗୁଡିକରେ ବେଆଇନ ଇଟାଭାଟି କୁ ଭଙ୍ଗାଯିବ ବୋଲି ତହସିଲଦାର କହିଛନ୍ତି । ଇଟାଭାଟି ହେବା ଫଳରେ ଭାଟିରୁ ବାହାରୁଥିବା କୋଇଲା କାଠ ଧୁଆଁ ବାୟୁ ମଣ୍ଡଳକୁ ଦୂଷିତ କରୁଥିବା ବେଳେ ଜନବସତି ଅଞ୍ଚଳରେ ଇଟାଭାଟି ପୋଡ଼ା ଯାଉଥିବାରୁ ମାନବ ସମାଜ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିବାବୋଲି ଗୋପ ତହସିଲଦାର ଆମ ପ୍ରତିନିଧିଙ୍କୁ କହିଥିବା ବେଳେ ଇଟା ପାଇଁ ଆବ୍ୟସକ ହେଉଥିବା ମାଟି ସରକାରୀ ଜାଗାରୁ ଗୋଚର ଅନାବାଦୀ ନଦିପଠା ରୁ ବ୍ୟବସାଇ ମାନେ ଟ୍ରାକ୍ଟର ଯୋଗେ ନେବା ଫଳରେ ମୃତ୍ତିକା କ୍ଷୟ ଘଟୁଛି । ଇଟାଭାଟି ପୋଡ଼ିବା ପାଇଁ ବେବ୍ୟହର ହେଉଥିବା କାଠ ଗ୍ରାମାଞ୍ଚଳରେ ବଡ ବଡ ପୁରାତନ ଗଛ କରାଯିବା ଫଳରେ ପରିବେଶ ବିଗିଡିବାରେ ଲାଗିଛି ଖରା ଦିନରେ ଇଟାଭାଟି ପୋଡାଜିବା ଫଳରେ ଉତ୍ତାପ ବୃଦ୍ଧି କରି ଗରମକୁ ଦୁଇଗୁଣ କରୁଛି ଯାହା ମଣିଷ ପାଇଁ ଅସହ୍ୟ ହୋଇପଡିଛି । ଏହାକୁ ଆଖିଆଗରେ ରଖି ଗୋପ ତହସିଲଦାର ନେଇଥିବା ପଦକ୍ଷେପକୁ ନୟାହାଟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଓଡ଼ଗାଁ,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଗରବନ୍ଧର ବାର୍ଷିକ ଉତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭକ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କବି ତଥା ଶିକ୍ଷାବିତ୍ ଦିନବନ୍ଧୁ ମହାପାତ୍ର, ଓଡ଼ଗାଁ ସାମ୍ବାଦିକ ସଂଘର ସଭାପତି ରାମକୃଷ୍ଣ ପରିଡ଼ା, ଜିଲ୍ଲା ପ୍ରାଥମିକ ଶିକ୍ଷକସଂଘ ସଭାପତି ଜ୍ୟୋତିରଞ୍ଜନ ଦାଶ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର କୁମାର ପ୍ରଧାନ, ସମିତିସଭ୍ୟ ଭଗବାନ ପ୍ରଧାନ, ପ୍ରକୃତିବନ୍ଧୁ ଶିକ୍ଷକ ରଞ୍ଜନ କୁମାର ଦାଶ ଓ ଆଞ୍ଚଳିକ ସିଆରସିସି ରାଜକୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅତିଥି ମାନଙ୍କୁ ଉତ୍ତରୀୟ ପ୍ରଦାନକରି ସମ୍ମାନିତ କରିବାପରେ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ସଭାପତି ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସଞ୍ଜୟ କୁମାର ପାତ୍ର ବାର୍ଷିକ ବିବରଣୀ ପାଠକରିଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ମହେନ୍ଦ୍ର ପଣ୍ଡା, ଜୟନ୍ତୀ ସାମନ୍ତରାୟ, ସୁଷମା ବେହେରା ଓ ମଞ୍ଜୁ ଦେଈ ସହଯୋଗ କରିଥିଲେ ।

## ପ୍ରାକ୍ତନ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ



**ବୋଲଗଡ଼,୨୫।୨/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ଆରିକମାସ୍ଥ ପଞ୍ଚାୟତ ହାଇସ୍କୁଲ ପ୍ରାକ୍ତନ କ୍ରୀଡା ଶିକ୍ଷକଙ୍କ ସୋମବାର ପରଲୋକ ଘଟିଛି । ସୂଚନାରୁ ଜଣାପଡ଼ିଛି ଯେ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁଧାଂଶୁ ଶେଖର ରଥ(୭୨)ବର୍ଷ ବୟସରେ ଶଙ୍କରପୁରସ୍ଥ ବାସ ଭବନରେ ମୃତ୍ୟୁ ହୋଇଛି ଓ ଦୀର୍ଘ ଦିନ ଧରି ହୃଦଘାତ ଜନିତ ରୋଗରେ ପୀଡିତ ଥାଇ ଅସ୍ତ୍ରୋପଚାର ହୋଇଥିଲେ । ତେବେ ପରେ କୌଣସି ହେତୁ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରି ଆସିଥିଲେ । ପ୍ରାକ୍ତନ ଶିକ୍ଷକ ସ୍ୱଗତ ଶ୍ରୀ ରଥ କ୍ରୀଡା ଶିକ୍ଷକ ଜୀବନ ଆରମ୍ଭରୁ ନିଜ ଗାଁ ସ୍କୁଲ ପଞ୍ଚାୟତ ହାଇସ୍କୁଲରେ କ୍ରୀଡା ଶିକ୍ଷକ ଭାବେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ ।ଜଣେ ଉତ୍ତମ କ୍ରୀଡା ଶିକ୍ଷକ ଭାବେ ତାଙ୍କର ବେଶ ସୁନାମ ରହିଥିଲା । ସର୍ବୋପରି ସେ ଛାତ୍ରବତ୍ସଳ ଓ ପରୋପକାରୀ ଶିକ୍ଷକ ଭାବେ ଜଣାଶୁଣା ଥିଲେ ।

## ଆଇଚର୍ ଧକ୍କାରେ ସ୍କୁଟି ଚଳାଉଥିବା ଯୁବତୀଙ୍କ ମୃତ୍ୟୁ



**ଓଡ଼ଗାଁ,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସୁନାମୁହିଁ ପଞ୍ଚାୟତ ଲୁଣି ଗ୍ରାମର ନାରାୟଣ ମୁଦୁଲିଙ୍କ ଝିଅ ନିଳୀମା ମୁଦୁଲି ଓରଫ ପୁଜା(୧୯), ବୁଧବାର ଅପରାହ୍ନରେ ଓଡ଼ଗାଁ ସିନେମାହଲ ଛକରୁ ସ୍କୁଟି ଗାଡ଼ି ଯୋଗେ ଲକ୍ଷ୍ମୀବଜାର ପାର୍ଶ୍ୱକୁ ଆସୁଥିବାବେଳେ ରାମସାଗର ପାର୍କ ନିକଟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଆଇଚର୍ ଟ୍ରକ୍ ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ନିଳୀମା ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟଲୋକେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡ଼ାକ୍ତର ନିଳୀମାକୁ ମୃତ ଘୋଷଣା କରିଥିଲେ । ତେବେ ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଡ୍ରାଇଭରକୁ ଥାନାରେ ଅଟକରଖି ଘଟଣାର ଅନୁସନ୍ଧାନ ଚଳାଇଥିବା ଆଦର୍ଶ ଥାନା ପକ୍ଷରୁ ସୂଚନା ମିଳିଛି ।

## ଟ୍ରକ୍ ପଛରେ ପିଟିଲା ବାଇକ୍: ୨ ଯୁବକଙ୍କ ମୃତ୍ୟୁ

**ମୁଣ୍ଡମୁହାଣ,୨୫।୨/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଏଗାରଟା ବେଳେ ଇନ୍‌ଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଓଗାଳପଡା ଭୁଆସୁଣୀ ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଟ୍ରକ ପଛରେ ଏକ ମୋଟରସାଇକଲ ଧକ୍କା ଦେବାରୁ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ପରିଚୟ ଜଣାପଡି ନଥିବା ପୁଲିସ ସୂଚନା ଦେଇଛି । ମିଳିଥିବା ସୂଚନା ଅନୁସାରେ ଦୁଇ ଜଣ ବ୍ୟକ୍ତି ଏକ ମୋଟରସାଇକଲ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ । ରାତି ପ୍ରାୟ ସାଢେ ଏଗାରଟା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା, ହଳଦିଆ ନିଜ ଗ୍ରାମକୁ ଫେରୁଥିଲେ । ଜାତୀୟ ରାଜପଥ ଭୁଆସୁଣୀ ମନ୍ଦିର ନିକଟରେ ଏକ ମାଲବାହୀ ଟ୍ରକ୍‌ର ଟାୟାର୍ ଫାଟି ଯାଇଥିବାରୁ ଠିଆ ହୋଇଥିଲା । ଦୁଇ ବ୍ୟକ୍ତି ଏକ ମୋଟରସାଇକଲ ଯୋଗେ ଦ୍ରୁତଗତିରେ ଆସି ଟ୍ରକର ପଛରେ ପିଟି ହୋଇଯାଇଥିଲେ । ଫଳରେ ବାଇକ୍ ଚଳାଉଥିବା ବ୍ୟକ୍ତିଙ୍କ ମୁଣ୍ଡ ଦୁଇ ଫାଳ ହୋଇଯାଇଥିବା ବେଳେ ଅନ୍ୟ ଜଣଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ବଜାରରେ ଥିବା ଲୋକ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ । ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକ ଦୁଇ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

## ବାଇକ୍‌କୁ ଧକ୍କା ଦେଲା କାର୍: ଚାଳକ ମୃତ

**ଟାଙ୍ଗୀ,୨୫।୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ମଙ୍ଗୁଳି ନିକଟରେ ଏକ ବାଇକ୍‌କୁ କାର ଧକ୍କା ଦେବାରୁ ବାଇକ ଚାଳକ ମୃତ୍ୟୁ ହୋଇଥିବାବେଳେ କାର ଚାଳକ ଜଣଙ୍କ ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଉଥିବା ବେଳେ ପୁଲିସ ଗୋଡ଼ାଇ ଗୋଡ଼ାଇ ଭଗତପୁର ନିକଟରେ କାର ଟିକୁ କାବୁ କରିବାରେ ସଫଳ ହୋଇଥିଲା । କାର ଚାଳକ ଜଣଙ୍କ ଫେରାର ହୋଇଯାଇଥିବା ବେଳେ ପୁଲିସ କାର ଟିକୁ ଜବତ କରି ଥାନାକୁ ଆଣିଛି । ତେବେ ମୃତ ଯୁବକ ଜଣଙ୍କ ଢେଙ୍କାନାଳ ଜିଲ୍ଲା ରସୋଳ ଅଞ୍ଚଳର ପ୍ରଦିପ ନାୟକ ବୋଲି ଜଣାପଡ଼ିଛି । ତେବେ ମଙ୍ଗୁଳିରୁ ନିର୍ଗୁଣ୍ଡି ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ପାର୍କି ରହିଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି ।

### ସୌର ଆମଦାନୀ ଉପରେ ...

ରପ୍ତାନିରେ ହ୍ରାସ ଆଣିପାରିବ ନାହିଁ, ବରଂ ସମ୍ପୃକ୍ତ କମ୍ପାନୀଗୁଡ଼ିକର ଷ୍ଟକ୍ ଉପରେ ମଧ୍ୟ ଚାପ ପକାଇପାରେ ବୋଲି କୁହାଯାଉଛି । ଆମେରିକା ଏନେଇ ଦର୍ଶାଇଛି ଯେ, ଭାରତ, ଇଣ୍ଡୋନେସିଆ ଏବଂ ଲାଓସରେ ରାଜ୍ୟ-ସମର୍ଥିତ ପ୍ରୋତ୍ସାହନ ଉତ୍ପାଦକମାନଙ୍କୁ ମଡ୍ୟୁଲଗୁଡ଼ିକର ମୂଲ୍ୟ ଉଚିତ ବଜାର ମୂଲ୍ୟଠାରୁ କମ୍ କରିବାକୁ ସକ୍ଷମ କରିଛି, ଯାହା ଘରୋଇ ସୌର ନିର୍ମାତାମାନଙ୍କୁ କ୍ଷତି ପହଞ୍ଚାଇଛି । ଆମେରିକୀୟ ସୌର ଉତ୍ପାଦନ ଏବଂ ବାଣିଜ୍ୟ ପାଇଁ ଆଲାଏନ୍ସ ଦ୍ୱାରା ସବ୍‌ସିଡି ଅଭ୍ୟାସଗୁଡ଼ିକର ତଦନ୍ତ କରିବାକୁ ୱାଶିଂଟନକୁ ଅନୁରୋଧ କରାଯାଇଥିବା ଏକ ଆବେଦନ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକୀୟ ନିର୍ମାତାମାନେ ଘରୋଇ କ୍ଷମତା ପୁନଃନିର୍ମାଣ ଏବଂ ଭଲ ଦରମା ପ୍ରଦାନକାରୀ ଚାକିରି ସୃଷ୍ଟି କରିବା ପାଇଁ କୋଟି କୋଟି ଡଲାର ନିବେଶ କରୁଛନ୍ତି । କିନ୍ତୁ କିଛି ଦେଶ ଅନୁଚିତ୍ ସବ୍‌ସିଡି ପ୍ରଦାନ କରିବା ଫଳରେ ସେମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ତେବେ ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ବିଶ୍ୱ ସୌର ଯୋଗାଣ ଶୃଙ୍ଖଳା ଉପରେ କଠୋର ନିୟନ୍ତ୍ରଣକୁ ସଙ୍କେତ ଦିଏ ଏବଂ ଆମେରିକୀୟ ଗ୍ରାହକ ଏବଂ ଡେଭଲପରମାନଙ୍କ ପାଇଁ ଖର୍ଚ୍ଚ ବୃଦ୍ଧି କରିପାରେ, ଯଦିଓ ଏହା ଘରୋଇ ଉତ୍ପାଦନକୁ ମଜବୁତ କରିବାକୁ ଚାହୁଁଛି । ଅନ୍ୟପକ୍ଷେ ବାଣିଜ୍ୟ ବିଭାଗ ଜୁଲାଇ ୬ ସୁଦ୍ଧା ସବସିଡି ତଦନ୍ତ ଉପରେ ଏକ ଚୂଡ଼ାନ୍ତ ନିଷ୍ପତ୍ତି ଜାରି କରିବ ବୋଲି ଆଶା କରାଯାଉଛି । ସେହି ସମୟରେ, ଭାରତ, ଇଣ୍ଡୋନେସିଆ ଏବଂ ଲାଓସରୁ ସୌର ସେଲ୍ ଆମଦାନୀ ଉପରେ ଏକ ଆଣ୍ଟି-ଡମ୍ପିଂ ତଦନ୍ତ ଚାଲିଛି, ଯାହା ବାଣିଜ୍ୟ ପ୍ରବାହକୁ ଆହୁରି ପୁନଃଆକାର ଦେଇପାରେ । ତେବେ ବିଶେଷଜ୍ଞମାନଙ୍କ ଅନୁସାରେ, ଆମେରିକା ସରକାର ଏହି ପଦକ୍ଷେପ ଆନ୍ତର୍ଜାତୀୟ ସୌର ଶକ୍ତି ବଜାରରେ ଅସ୍ଥିରତା ବୃଦ୍ଧି କରିପାରେ । ଭାରତୀୟ ରପ୍ତାନିକାରୀମାନଙ୍କୁ ବିକଳ୍ପ ବଜାର ଖୋଜିବାକୁ ମଧ୍ୟ ବାଧ୍ୟ କରିପାରେ । ଏହା ବ୍ୟତୀତ, ଆମେରିକାର ଟାରିଫ୍ ନୀତି ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିବାର ସମ୍ଭାବନା ଅଛି ।

**ସ୍କୁଲ୍‌ରେ ଥିନର ପକାଇ ନିଆଁ ଲଗାଇବା ପ୍ରସଙ୍ଗ**

## ୪୮ ଦିନର ସଂଘର୍ଷ ପରେ ଆଖି ବୁଜିଲେ ବିରେନ୍



**ରାୟଗଡ଼ା,୨୫।୨/ଏନ୍‌ଏନ୍‌ଏସ୍:** ଦୀର୍ଘ ୪୮ ଦିନ କାଳ ମୃତ୍ୟୁ ସହ ଲଢ଼ି ଶେଷରେ ହାରିଗଲେ ସପ୍ତମ ଶ୍ରେଣୀର ଛାତ୍ର ବିରେନ୍ ଟାକ୍ରୀ । ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ପାଇକଡ଼ାକୁଲୁଗୁଡ଼ା ବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଅଗ୍ନିକାଣ୍ଡ ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ବିରେନ୍‌ଙ୍କର ମୃତ୍ୟୁ ହୋଇଛି । ଚିକିତ୍ସାରେ ଅବହେଳା ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପରିବାର ଓ ଗ୍ରାମବାସୀ ଶବକୁ ବିଦ୍ୟାଳୟ ସମ୍ମୁଖରେ ରଖି ପ୍ରତିବାଦ କରିବା ସହ କ୍ଷତିପୂରଣ ଦାବିରେ ଅଡ଼ି ବସିଥିଲେ । ସୂଚନାଯୋଗ୍ୟ, ଗତ ଜାନୁଆରୀ ୫ ତାରିଖରେ ପାଇକଡ଼ାକୁଲୁଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଉପର ମହଲାରେ ଜଣେ ଛାତ୍ର ଅନ୍ୟ ୪ ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ନିଆଁ ଲଗାଇ ଦେଇଥିଲେ । ଏହି ଘଟଣାରେ ୪ ଜଣ ଯାକ ଛାତ୍ର ପୋଡ଼ି ଯାଇଥିବା ବେଳେ ବିରେନ୍ ଗୁରୁତର ହୋଇଥିଲେ । ତାଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଥିଲା । ଗତକାଲି ତାଙ୍କର ମୃତ୍ୟୁ ଖବର ପହଞ୍ଚିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କିଛି ସମୟ ଅଟକ ରଖିଥିଲେ, ଯାହାକୁ ପରେ ପୁଲିସ ପହଞ୍ଚି ସମାଧାନ କରିଥିଲା । ଆଜି ଭୋର୍‌ରୁ ବିରେନ୍‌ଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସ୍ଥିତି ପୁଣି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ଶବକୁ ସ୍କୁଲ ଗେଟ୍ ସାମ୍ନାରେ ରଖି ପରିବାର ଲୋକେ ଧାରଣା ଦେଇଥିଲେ । ଖବର ପାଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ମୁନିଗୁଡ଼ା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ସରକାରୀ ନିୟମ ଅନୁଯାୟୀ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ଏବଂ ପରିବାର ପକ୍ଷରୁ ଶବ ସତ୍କାର କରାଯାଇଥିଲା ।

ପ୍ରେରଣା

# ତାପସୀ ଉପାଧ୍ୟାୟ




**ପାଣିପୁରି ବା ଗୁପ୍‌ଚୁପ୍ କେବଳ ଏକ ବ୍ୟଞ୍ଜନ ନୁହେଁ, ଭାରତୀୟ ଷ୍ଟ୍ରିଟ୍ ଫୁଡ୍ ସଂସ୍କୃତିର ଏକ ଅଭିନ୍ନ ଅଂଶ ଯାହାକୁ ସବୁ ବୟସର ଲୋକମାନେ ଖାଇବାକୁ ପସନ୍ଦ କରନ୍ତି। ପାଣିପୁରିକୁ ଲୋକମାନେ ବିଭିନ୍ନ ନାମରେ ଜାଣନ୍ତି ଯଥା- ଉତ୍ତର ଭାରତରେ ଗୋଲ୍‌ଗପ୍ପା, ପଶ୍ଚିମବଙ୍ଗରେ ପୁଚ୍‌କା, ଓଡ଼ିଶାରେ ଗୁପ୍‌ଚୁପ୍, ବିହାରରେ ପାଣିପୁରି। ଏହି କୁର୍‌କୁରା ଛୋଟ ପୁରି ଆକାରର ଗୁପ୍‌ଚୁପ୍‌କୁ ଅଟା ଓ ସୁଜିରେ ତିଆରି କରାଯାଇ ସେଥିରେ ଆଳୁ, ଚଣାକୁ ବିଭିନ୍ନ ମସଲା ସହିତ ରାଗ-ମିଠା ପାଣି, ଦହି ଆଦି ସହିତ ପରଷାଯାଏ। ମଗଧ କ୍ଷେତ୍ର (ଦକ୍ଷିଣ ବିହାର)ରେ ପାଣିପୁରିର ଉତ୍ପତ୍ତି ହୋଇଥିବା ବିଷୟରେ ଏହାର ଇତିହାସରୁ ଜଣାପଡ଼େ। ପୌରାଣିକ କାହାଣୀଗୁଡ଼ିକରେ ଏହାକୁ ମହାଭାରତ କାଳ ସହିତ ଯୋଡ଼ାଯାଏ। ତେବେ ଆମ ଦେଶର ଏହି ଲୋକପ୍ରିୟ ଷ୍ଟ୍ରିଟ୍ ଫୁଡ୍ ଆଜି ଦେଶ-ବିଦେଶରେ ଖୁବ୍ ଲୋକପ୍ରିୟ ହୋଇସାରିଲାଣି। ଆଜି ଜାଣିବା 'ବି.ଟେକ୍ ପାଣିପୁରି ବାଲୀ' ନାମରେ ପ୍ରସିଦ୍ଧ ମିରଟର ତାପସୀ ଉପାଧ୍ୟାୟଙ୍କ ସମ୍ପର୍କରେ ଯିଏ ନିଜ ପରିଶ୍ରମ ଓ ନିଷ୍ଠା ସହିତ ପାଣିପୁରି ବ୍ୟବସାୟକୁ ଖୁବ୍ ଆଗକୁ ନେବାରେ ସଫଳ ହୋଇଛନ୍ତି। ଏହା ସହିତ ଏହି ଷ୍ଟାର୍ଟଅପ୍‌ରେ ସେ ଶହ ଶହ ଯୁବତୀଙ୍କୁ ରୋଜଗାର ମଧ୍ୟ ଦେଇଛନ୍ତି।**

କରୋନା ସମୟ ପରଠାରୁ ଦେଶରେ ଷ୍ଟାର୍ଟଅପ୍‌ର ଟ୍ରେଣ୍ଡ୍ ବୃଦ୍ଧି ପାଇଛି। ଏ ସମୟରେ ଏମ୍‌ବିଏ ଚା'ବାଲୀ, ଜର୍ଣ୍ଣାଲିଷ୍ଟ କ୍ୟାଫେ, ବି.ଟେକ୍ ସମୋସା ଖୁବ୍ ଚର୍ଚ୍ଚାରେ ଥିବାବେଳେ ଏହି ସୂଚୀରେ ସାମିଲ ହୋଇଛି ବି.ଟେକ୍ ପାଣିପୁରି ବାଲୀ ତାପସୀ ଉପାଧ୍ୟାୟଙ୍କ ନାମ। ଆର୍ ୟୁ ହଙ୍ଗ୍ରି ନାମକ ଏକ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଭାଇରାଲ୍ ହେଉଛି ଏକ ଭିଡିଓ ଯେଉଁଥିରେ ତାପସୀ ଏକ ରୟାଲ୍ ଏନ୍‌ଫିଲ୍ଡ ମୋଟରସାଇକେଲ୍‌ରେ ନିଜର ପାଣିପୁରି ଦୋକାନକୁ ଏକ ଜଞ୍ଜିରରେ ବାନ୍ଧି ସବାରୀ କରିବାର ଦେଖିବାକୁ ମିଳୁଛନ୍ତି। ତାପସୀଙ୍କ ଏହି ଦୋକାନ ବସେ ଦିଲ୍ଲୀର ତିଲକ ନଗରରେ। ଲୋକମାନଙ୍କୁ ସ୍ୱାସ୍ଥ୍ୟକାରୀ ଭାରତୀୟ ଷ୍ଟ୍ରିଟ୍ ଫୁଡ୍ ପରଷିବା ତାପସୀଙ୍କର ଉଦ୍ଦେଶ୍ୟ। ଏୟାର୍ ଫ୍ରାଇଡ୍ ପାଣିପୁରି, ଘରେ ତିଆରି ମସଲାଦାର ପାଣି ଓ ତେନ୍ତୁଳି, ଗୁଡ଼, ଖଜୁରି ମିଶ୍ରିତ ଚଟଣି ଦେଖିବାକୁ ମିଳୁଛି ଏହି ଭିଡିଓରେ। ବି.ଟେକ୍ ଶିକ୍ଷା ପୂରା କରିବା ପରେ ସେ ପାରମ୍ପରିକ ଷ୍ଟ୍ରିଟ୍ ଫୁଡ୍‌କୁ ଏକ ନୂଆ ବ୍ରାଣ୍ଡ୍ ଭାବରେ ସ୍ଥାପିତ କରିଛନ୍ତି। ବୁଲେଟ୍‌ରେ ନିଜର ଷ୍ଟଲ୍ ଲଗାଇ ଏହାକୁ ବିକ୍ରି କରିବା ସହିତ ସେ ଅନେକ ଯୁବତୀଙ୍କୁ ରୋଜଗାର ପ୍ରଦାନ କରିଛନ୍ତି। ଏହା ସହିତ ମିଶନ ହେଲ୍‌ଦି ଭାରତ ଅନ୍ତର୍ଗତ ସେ ଯୁବପିଢ଼ିଙ୍କୁ ଯୋଗ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ କରେଇବା ପାଇଁ ୧୨ରୁ ଅଧିକ ରାଜ୍ୟକୁ ଯାତ୍ରା କରିସାରିଲେଣି।

ତାପସୀ ଏବେ ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଯାତ୍ରା କରି ଯୁବପିଢ଼ିଙ୍କୁ ଆତ୍ମନିର୍ଭର ହେବା ପାଇଁ ପ୍ରେରିତ କରିବାର ଲକ୍ଷ୍ୟ ରଖିଛନ୍ତି। ସଚେତନତା ଅଭିଯାନ ପାଇଁ ତାପସୀ ବୁଲେଟ୍ ଦ୍ୱାରା ଦେଶ ଭ୍ରମଣ କରୁଛନ୍ତି। ଦୁଇ ବର୍ଷ ପୂର୍ବରୁ ସେ ବି.ଟେକ୍ ପାଣିପୁରି ବାଲୀ ନାମରେ ଏକ ଠେଲା ଲଗେଇଥିଲେ। କିନ୍ତୁ ଆଜିର ସମୟରେ ସେ ଅନେକ ଯୁବତୀଙ୍କୁ ରୋଜଗାର ଦେଇ ଆତ୍ମନିର୍ଭର କରିସାରିଲେଣି। ଆଜି ତାଙ୍କର ଲକ୍ଷାଧିକ ଟଙ୍କାର ଟର୍ଣ୍ଣଓଭର୍ ହେଉଛି। ଏବେ ତାପସୀ ପାଣିପୁରିରୁ ବୁଲେଟ୍ ରାଣୀ ନାମରେ ପରିଚିତ ହେଲେଣି। ବି.ଟେକ୍ ପାଣିପୁରି ନାମରେ ପ୍ରସିଦ୍ଧି ପାଇବା ପଛର କାରଣ ହେଉଛି ସେ ବି.ଟେକ୍ କରିବା ସମୟରେ ପାଣିପୁରିର ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ଷ୍ଟ୍ରିଟ୍ ଫୁଡ୍ ଇଣ୍ଡଷ୍ଟ୍ରିରେ ପରିଷ୍କାର-ପରିଚ୍ଛନ୍ନତାର ଉଦାହରଣ ପେଶ୍ କରିବା ପାଇଁ ଏହି ଷ୍ଟାର୍ଟଅପ୍ ଆରମ୍ଭ କରିଥିବା କଥା ତାପସୀ କହନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ତାଙ୍କର ମୋଟିଭେସନାଲ୍ ଫିଗର ଭାବରେ ମାନନ୍ତି। ତାଙ୍କର ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ସେ ପ୍ରଭାବିତ ବୋଲି କହନ୍ତି ତାପସୀ। ତାପସୀଙ୍କ ଅନୁସାରେ ଦେଶରେ ଯେତେବେଳେ ଲୋକମାନେ ବିଭିନ୍ନ ସ୍ଥାନକୁ ଭ୍ରମଣ କରିବା ପାଇଁ ଯାଆନ୍ତି ସେମାନେ ସୁସ୍ଥ ଓ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଖାଦ୍ୟ ଖାଇବାକୁ ଚାହାନ୍ତି। ସେ ନିଜେ ମଧ୍ୟ







ବାହାରକୁ ଯାଇ ଏହିପରି ଖାଦ୍ୟ ଖାଇବାକୁ ଚାହାନ୍ତି ଯାହା ସବୁ ସ୍ଥାନରେ ମିଳେ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ତାପସୀ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ସେ ଲୋକମାନଙ୍କର ସହଯୋଗ ଆଶା କରିବା ସହିତ ଆତ୍ମନିର୍ଭର ହେବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି।

ତାପସୀ ତାଙ୍କର ଐତିହାସିକ ଯାତ୍ରା ଆରମ୍ଭ କରିଥିଲେ ଔଘଡ଼ନାଥ ମନ୍ଦିରରୁ। ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ପ୍ରଦେଶରେ ୪୦,୦୦୦ କି.ମି ଯାତ୍ରା ପୂରା କରିବେ ତାପସୀ। ଏଥିପାଇଁ ସେ ସ୍ଥାନୀୟ ସମୁଦାୟ, ସ୍କୁଲ, କଲେଜ, ସଂସ୍ଥାଗୁଡ଼ିକ ସହିତ ସମ୍ବାଦ କାର୍ଯ୍ୟକ୍ରମ ବି ଆୟୋଜିତ କରିଛନ୍ତି। ସ୍ୱାସ୍ଥ୍ୟ ଶିକ୍ଷାକୁ ତ୍ୱରାନ୍ୱିତ କରିବା, ଜଳବାୟୁ ପରିବର୍ତ୍ତନରେ ପର୍ଯ୍ୟାବରଣ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା, ଜଳବାୟୁକୁ କୌଶଳ ବିକାଶ ମାଧ୍ୟମରେ ସଶକ୍ତ କରିବା, ସରକାରୀ ଯୋଜନାଗୁଡ଼ିକୁ ଜାଣି ସେଗୁଡ଼ିକୁ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚେଇବା ଏବଂ ସମାଜରେ ଏକତା, କରୁଣା ଓ ସହଯୋଗର ଭାବନାକୁ ମଜଭୁତ କରିବା ତାଙ୍କ ଯାତ୍ରାର ଉଦ୍ଦେଶ୍ୟ। ତାଙ୍କର ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସାମିଲ ରହିଛି ସ୍ୱାସ୍ଥ୍ୟ ଏବଂ ୱେଲ୍‌ନେସ୍ କନ୍‌ଷ୍ଟ୍ରକସନ୍, ପର୍ଯ୍ୟାବରଣ ସଚେତନତା କାର୍ଯ୍ୟକ୍ରମ, ବୃକ୍ଷାରୋପଣ, ସ୍ୱଚ୍ଛତା ଅଭିଯାନ, ଯୁବ ସଶକ୍ତିକରଣ ଏବଂ କୌଶଳ ବିକାଶ କାର୍ଯ୍ୟକ୍ରମ ସଚେତନତା ଅଭିଯାନ, ଆଇଆଇଟି, ଆଇଆଇଏମ୍ ସହିତ ୧୦୦୦ ସ୍କୁଲ, କଲେଜ।

ଏହି ବର୍ଷ ମଧ୍ୟ ତାପସୀ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଜାନୁଆରୀ ମାସରେ ସେ ଥାଇଲାଣ୍ଡରେ ଆୟୋଜିତ ୟୁନାଇଟେଡ୍ ୱର୍ଲଡ୍ ସ୍ପୋର୍ଟସ୍ ଆଣ୍ଡ୍ ଫିଟ୍‌ନେସ୍ ଫେଡେରେସନ୍‌ର ୱର୍ଲଡ୍ ଚାମ୍ପିଅନ୍‌ସିପ୍‌ରେ ତାପସୀ ଶାନ୍‌ଦାର ପ୍ରଦର୍ଶନ କରି ମିସ୍ ଫିଟ୍‌ନେସ୍ ମଡେଲ୍ ଇଣ୍ଟରନ୍ୟାସନାଲ୍ ଉପାଧି ପ୍ରାପ୍ତ କରିଛନ୍ତି। ଏହା ସହିତ ବିଶ୍ୱ ଯୋଗ ଚାମ୍ପିଅନ୍‌ସିପ୍‌ରେ ସେ ତୃତୀୟ ସ୍ଥାନ ହାସଲ କରି ଦେଶକୁ ଦୁଇ ଥର ଗୌରବାନ୍ୱିତ କରିଛନ୍ତି। ଏହି ପ୍ରତିଯୋଗିତାରେ ସେ ୩୦-୪୦ଟି ଦେଶର ଆଥ୍‌ଲେଟ୍‌ସର ଅଲଗା ଅଲଗା ବିଭାଗରେ ଭାଗ ନେଇଥିଲେ। ଟିମ୍ ଇଣ୍ଡିଆ ତରଫରୁ ବଡି ବିଲ୍ଡିଂ, ଫିଟ୍‌ନେସ୍ ଓ ଅନ୍ୟ ଖେଳଗୁଡ଼ିକରେ ୧୦୦ରୁ ଅଧିକ ସଦସ୍ୟଙ୍କ ଟିମ୍ ଥାଇଲାଣ୍ଡ ଯାଇଥିଲେ ଯେଉଁଥିରେ ଭାରତୀୟ ଦଳର ପ୍ରଦର୍ଶନ ପ୍ରଶଂସନୀୟ ଥିଲା।

ତାପସୀ ଯୁବପିଢ଼ିଙ୍କୁ ସନ୍ଦେଶ ଦେଇ କହିଛନ୍ତି- ଯୋଗ ଓ ଫିଟନେସ୍‌କୁ ନିଜ ଦିନଚର୍ଯ୍ୟାରେ ସାମିଲ କରନ୍ତୁ। ଏହାଦ୍ୱାରା ଆପଣମାନେ ସୁସ୍ଥ, ଶକ୍ତ ଓ ଆତ୍ମନିର୍ଭର ହୋଇପାରିବେ। ଫିଟ୍‌ନେସ୍ ଓ ଯୋଗ ଦ୍ୱାରା ବିଶ୍ୱ ମଞ୍ଚରେ ମିଳୁଥିବା ସମ୍ମାନ ତାଙ୍କୁ ଏ ଦିଗରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଛି

# ସୁଦଶା ବ୍ରତ



ଓଡ଼ିଆ ଘରର ପରମ୍ପରା ଓ ସଂସ୍କୃତି ଏହାକୁ ଅନ୍ୟ ରାଜ୍ୟମାନଙ୍କ ଠାରୁ ଅଲଗା କରି ରଖିଛି। ଏଠାରେ ବାର ମାସରେ ପାଳନ କରାଯାଏ ତେର ପର୍ବ। ତା'ସହ ରହିଛି ପରମ୍ପରାକୁ ପାଳନ କରିବାର ଭିନ୍ନ ଭିନ୍ନ ନୀତିକାନ୍ତି। ଏହି କ୍ରମରେ ଆଜି ପାଳନ କରାଯାଉଛି ସୁଦଶା ବ୍ରତ। ମା' ଲକ୍ଷ୍ମୀଙ୍କୁ ସମର୍ପିତ ଏହି ଓଷା ସୁଖ, ସମୃଦ୍ଧି ସହିତ ଧନ ବୃଦ୍ଧି କରାଇଥାଏ ବୋଲି ବିଶ୍ୱାସ ରହିଛି। ଓଡ଼ିଆ ଘରର ନାରୀମାନେ ସୁଦଶା ବ୍ରତକୁ ଖୁବ୍ ନିଷ୍ଠାର ସହିତ ପାଳନ କରନ୍ତି। ଶୁକ୍ଳପକ୍ଷ ଦଶମୀ ତିଥି ଯେଉଁ ଗୁରୁବାର ଦିନ ପଡ଼େ ସେହି ଦିନ ଓଡ଼ିଆ ନାରୀମାନେ ସୁଦଶା ବ୍ରତ ପାଳନ କରନ୍ତି। ମା' ଲକ୍ଷ୍ମୀଙ୍କର ଏହା ହେଉଛି ସବୁଠାରୁ ପ୍ରିୟ ବ୍ରତ। ସାତଟି ବାର ମଧ୍ୟରୁ ତାଙ୍କର ପ୍ରିୟ ବାର ହେଉଛି ଗୁରୁବାର। ଏହି ଦିନ ବ୍ରତଧାରୀମାନେ ସକାଳୁ ଉଠି ଘର ପରିଷ୍କାର-ପରିଚ୍ଛନ୍ନ କରି ଦଶ ପାଖୁଡ଼ା ପଦ୍ମ, ଦଶବର୍ଣ୍ଣ ମୁରୁଜ, ଦଶମୁଖୀ ଦୀପ, ଦଶମୁଠି ଚାଉଳ, ଦଶ ମେଞ୍ଚା କଦଳୀ, ଦଶଗୋଟି ମଣ୍ଡା ଆଦି ପୂଜା କର୍ମରେ ଲାଗି କରିଥାନ୍ତି। ସୁମରିତ ଦଶଖିଅ ଧଳାସୂତାର ଏକ ବ୍ରତକୁ ହଳଦୀ ପାଣିରେ ଧୋଇ ମା' ଲକ୍ଷ୍ମୀଙ୍କର ଦଶ ନାମ ଯଥା-ଲକ୍ଷ୍ମୀନାରାୟଣୀ, କମଳିନୀ, ଶ୍ରୀ ହରିପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନସେନୀ, ସିନ୍ଦୂର ଦୁଲଣୀ, ଦୁଃଖନାଶିନୀ, ବିଷ୍ଣୁ ପାଟରାଣୀ ନାମ ଧରି ବ୍ରତରେ ଗଣ୍ଠି ପକାଇ ଥାଆନ୍ତି। ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ନାରୀମାନେ ଏହି ବ୍ରତକୁ ଧାରଣ କରିଥାନ୍ତି। ପୂଜା ସମୟରେ ଛେନା, ନଡ଼ିଆ ପୂର ଦେଇ କରିଥିବା ଦଶଗୋଟି ମଣ୍ଡାପିଠା ମା'ଙ୍କୁ ଅର୍ପଣ କରିବାର ବିଧି ରହିଛି। ପୂଜା ଶେଷରେ ବହି ପଢ଼ି ପୂଜା ସମ୍ପନ୍ନ କରାଯାଏ।

ଫ୍ୟାସନ୍

## ମେହେନ୍ଦୀ ବଡି ଆର୍ଟ

ବିବାହ ସମୟରେ ମେହେନ୍ଦୀର ଖାସ୍ ମହତ୍ତ୍ୱ ଥାଏ। କିନ୍ତୁ ଏବେ ମେହେନ୍ଦୀ ଫ୍ୟାସନ୍‌ର ଏକ ସିମ୍ବଲ୍ ହୋଇସାରିଲାଣି। ଏ ପର୍ଯ୍ୟନ୍ତ ବ୍ରାଇଡାଲ୍ ମେହେନ୍ଦୀର ଅର୍ଥ ହାତ ଓ ପାଦରେ ଭାରୀ ଓ ଗର୍ଜିଅସ୍ ଡିଜାଇନ୍ସ ସହିତ ଥିଲା, କିନ୍ତୁ ପରିବର୍ତ୍ତନୀୟ ସମୟ ସହିତ ଝିଅମାନଙ୍କର ପସନ୍ଦ ମଧ୍ୟ ବିଶ୍ୱସ୍ତରୀୟ ହୋଇଚାଲିଛି। ତେବେ ଏ ସମୟରେ ସୋସିଆଲ୍ ମିଡିଆରେ ଏକ ଅନୋଖା ଓ ବୋଲ୍ଡ ଟ୍ରେଣ୍ଡ୍ ଚର୍ଚ୍ଚାରେ ରହିଛି ଯାହାକୁ 'ମେହେନ୍ଦୀ ବଡି ଆର୍ଟ' ବୋଲି କୁହାଯାଉଛି। ଟ୍ରେଣ୍ଡ୍ ଅନ୍ତର୍ଗତ ଝିଅମାନେ ଶରୀରରେ ମେହେନ୍ଦୀ ଦ୍ୱାରା ବ୍ଲାଉଜ୍ ଡିଜାଇନ ତିଆରି କରୁଛନ୍ତି। ତେବେ ଆଧୁନିକ ଝିଅମାନଙ୍କ ମଧ୍ୟରେ ଏହି ଚଳନ ଖୁବ୍ ଲୋକପ୍ରିୟ ହେଉଛି।



ଝିଅମାନେ ହାତ, ପାଦ ସହିତ ନିଜ ପିଠି, କାନ୍ଧ ଓ ନେକ୍‌ଲାଇନ୍‌ରେ ବି ମେହେନ୍ଦୀ ଦ୍ୱାରା ବ୍ଲାଉଜ ପରି ପ୍ୟାଟର୍ଣ୍ଣ ତିଆରି କରୁଛନ୍ତି। ତେବେ ଏହି ଷ୍ଟାଇଲ୍‌କୁ ଆହୁରି ଆକର୍ଷଣୀୟ କରିବା ପାଇଁ ଷ୍ଟୋନ୍ ୱାର୍କର ବି ବ୍ୟବହାର କରାଯାଉଛି ଯାହା ନା କେବଳ ରୟାଲ୍ ଲୁକ୍ ଦେଉଛି ବିବାହ କରୁଥିବା ଝିଅର ପୂରା ଲୁକ୍‌କୁ ଏକ ମଡର୍ଣ୍ଣ ଟ୍ୱିଷ୍ଟ ମଧ୍ୟ ଦେଉଛି। ଏହି କାରଣରୁ ଏହି ମେହେନ୍ଦୀ ବ୍ଲାଉଜ୍ ଷ୍ଟାଇଲ୍ ଆଜି ଝିଅମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇଚାଲିଛି। ଟ୍ୟୁବ୍ ଡିଜାଇନ୍ ବ୍ଲାଉଜ ସହିତ ଏହି ପ୍ରକାରର ମେହେନ୍ଦୀ ଡିଜାଇନକୁ ଖୁବ୍ ପସନ୍ଦ କରୁଛନ୍ତି ଝିଅମାନେ। ଏହା ଅନେକଟା ସ୍କିନ୍‌କୁ କଭର କରି ରଖୁଛି କିନ୍ତୁ ଆଧୁନିକ ଓ ୟୁନିକ୍ ଟ୍ୱିଷ୍ଟ ସହିତ ଠିକ୍ ଯେପରି ନେଟ୍ ଫ୍ୟାବ୍ରିକ୍ ଦ୍ୱାରା ବଡିକୁ କଭର କରାଯାଏ। କିନ୍ତୁ ଏହା ସହିତ ବଡ଼ି ଶୋ' ବି ହୋଇଥାଏ। ମେହେନ୍ଦୀର ଏହି ବ୍ଲାଉଜ ଡିଜାଇନ ମଡର୍ଣ୍ଣ ବୋହୂମାନଙ୍କର ପ୍ରଥମ ପସନ୍ଦ ହୋଇପାରେ। ତେବେ ଏହି ମେହେନ୍ଦୀ ବଡି ଆର୍ଟ ମହାରାଣୀ ଚୋକର ଡିଜାଇନ୍ ଦ୍ୱାରା ପ୍ରେରିତ। ଏଥିରେ କାନ୍ଧ, ବେକ ଓ ପିଠିରେ ସୂକ୍ଷ୍ମ ଫୁଲ ଓ ଜାଲିଦାର ପ୍ୟାଟର୍ଣ୍ଣ ଦ୍ୱାରା ଅସଲି ବ୍ଲାଉଜର ଫିଲ୍ ପରି ଲୁକ୍ ଦିଆଯାଏ। ଏହି ଅନୋଖା ବଡି ଆର୍ଟ ବୋଲ୍ଡ ଓ ଷ୍ଟାଇଲିସ୍ ସହିତ ପାରମ୍ପରିକ ଶୃଙ୍ଗାରକୁ ବି ଆଧୁନିକତାର ସ୍ପର୍ଶ ଦେଇଥାଏ। ତେଣୁ ଆପଣ ଯଦି ବ୍ଲାଉଜ୍ ଡିଜାଇନ୍ ତିଆରି କରିବାକୁ ଚାହୁଁନାହାନ୍ତି କିନ୍ତୁ ବଡି ଆର୍ଟ ଚାହୁଁଛନ୍ତି ଏହି ପ୍ରକାରର ଶୋଲ୍ଡରରେ ମେହେନ୍ଦୀ ଆର୍ଟ ତିଆରି କରିପାରିବେ। ଏହାକୁ ହାତର ମେହେନ୍ଦୀ ସହିତ ମ୍ୟାଚ୍ କରିହେବ ଯାହା ଆପଣଙ୍କୁ ରୟାଲ୍ ଲୁକ୍ ଦେବ। ବଡି ମେହେନ୍ଦୀ ଆର୍ଟକୁ ଯଦି ପସନ୍ଦ କରୁଛନ୍ତି ତେବେ ଅଣ୍ଟା ଓ ନାଭି ପାଖରେ ଏହି ଡିଜାଇନ୍ ତିଆରି କରିପାରିବେ। ଏହାର ଷ୍ଟାଇଲ୍ ଏବେ ଯୁବତୀମାନଙ୍କ ମଧ୍ୟରେ ଖୁବ୍ ଚଳନରେ ରହିଛି।

ସ୍ୱାସ୍ଥ୍ୟ

## ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ମାଣ୍ଡିଆ



**ମହିଳାମାନଙ୍କୁ ଅଧିକ ଶକ୍ତିର ଆବଶ୍ୟକ ହୁଏ। କିନ୍ତୁ ସାଧାରଣତଃ ଅନେକଗୁଡ଼ିଏ ଦାୟିତ୍ୱ ମଧ୍ୟରେ ମହିଳାମାନେ ନିଜର ଧ୍ୟାନ ରଖିପାରୁ ନାହାନ୍ତି। ତେବେ ଜାଣିଛନ୍ତି କି କେବଳ ଗୋଟିଏ ପ୍ରକାରର ଶସ୍ୟ ଖାଇବା ଦ୍ୱାରା ସେମାନଙ୍କୁ କେତେଗୁଡ଼ିଏ ସମସ୍ୟାରୁ ମୁକ୍ତି ମିଳିଯାଏ ବୋଲି? କାରଣ ମହିଳାମାନଙ୍କ ଶରୀର ଓ ସେମାନଙ୍କର ଆବଶ୍ୟକତା ଅଲଗା ଅଲଗା ଥାଏ। ସେମାନେ ଅଧିକ ପୋଷଣ ଓ ଶକ୍ତିର ଆବଶ୍ୟକ କରନ୍ତି। ଅନେକଗୁଡ଼ିଏ ଦାୟିତ୍ୱ ମଧ୍ୟରେ ନିଜ ସ୍ୱାସ୍ଥ୍ୟକୁ ସେମାନେ ଅଣଦେଖା କରୁଥିବାରୁ ଶରୀରରେ ପୋଷଣର ଅଭାବ ହେବା ଏକ ସାଧାରଣ ସମସ୍ୟା। ହର୍ମୋନାଲ୍ ଅସନ୍ତୁଳନ କାରଣରୁ ନ୍ୟୁଟ୍ରିସନ୍‌ର ଅଭାବ ହୋଇଥାଏ। ଏପରି ସ୍ଥଳେ ବିଶେଷଜ୍ଞମାନେ ମହିଳାମାନଙ୍କୁ ପୋଷଣରେ ଭରପୂର ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦିଅନ୍ତି। ଯେଉଁଥିରୁ ଗୋଟିଏ ଶସ୍ୟ ହେଉଛି ମାଣ୍ଡିଆ।**

### ଲାଭ

◆ମାଣ୍ଡିଆ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକରେ ଲାଭ ପ୍ରଦାନ କରିଥାଏ। ଶରୀରକୁ ତାକତ ଦିଏ, ହାଡ଼ଗୁଡ଼ିକୁ ମଜଭୁତ କରେ। ରକ୍ତର ଅଭାବକୁ ଦୂର କରେ। ନ୍ୟୁଟ୍ରିସନିଷ୍ଟଙ୍କ ଅନୁସାରେ ପ୍ରତି ମହିଳା ମାଣ୍ଡିଆ ଖାଇବା ଉଚିତ। ଏଥିରେ କ୍ୟାଲ୍‌ସିୟମ୍ ଭରପୂର ମାତ୍ରାରେ ଥାଏ। ନ୍ୟୁଟ୍ରିସନ୍ ସହିତ ଏହାର ମଧ୍ୟ ଲାଭ ରହିଛି। ପୋଷକ ତତ୍ତ୍ୱ କଥା ଯଦି କୁହାଯାଏ ତେବେ ମାଣ୍ଡିଆରେ କ୍ୟାଲ୍‌ସିୟମ୍, ଆୟରନ୍, ଫାଇବର୍ ପରି ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଛି।



◆ମହିଳାଙ୍କ ବୟସ ବୃଦ୍ଧି ସହିତ ସେମାନଙ୍କର ବୋନ୍ ଡେନ୍ସିଟି କମ୍ ହୋଇଚାଲେ। ମାଣ୍ଡିଆରେ ଭରପୂର ମାତ୍ରାରେ କ୍ୟାଲ୍‌ସିୟମ୍ ଥିବା କାରଣରୁ ହାଡ଼ଗୁଡ଼ିକ ମଜଭୁତ ରହେ। ତେଣୁ ମାଣ୍ଡିଆ ଖାଇବା ଦ୍ୱାରା ଏହି ସମସ୍ୟା ଦୂର ହେବ।

◆ମାଣ୍ଡିଆ ଆୟରନ୍‌ର ଏକ ଉତ୍କୃଷ୍ଟ ସୋର୍ସ। ନ୍ୟୁଟ୍ରିସନିଷ୍ଟଙ୍କ ଅନୁସାରେ ଏଥିରେ ପାଳଙ୍ଗ ଶାଗ ଅପେକ୍ଷା ଅଧିକ ପରିମାଣରେ ଆୟରନ୍ ଥାଏ ଯାହା ରକ୍ତର ଅଭାବକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ସହିତ ସୁସ୍ତି ଓ କ୍ଳାନ୍ତିକୁ କମ୍ କରିବାରେ ମାଣ୍ଡିଆ ସାହାଯ୍ୟ କରେ।

◆ମାଣ୍ଡିଆରେ ଫାଇବର୍ ପରିମାଣ ଅଧିକ ଥିବାରୁ ଏହା ହଜମ ପ୍ରକ୍ରିୟାକୁ ଉନ୍ନତମାନର କରାଏ। ଏହା ସହିତ ରକ୍ତ ଶର୍କରାକୁ ମଧ୍ୟ ନିୟନ୍ତ୍ରଣରେ ରଖେ। ଏହାକୁ ଖାଇବା ଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଭରିକି ରହେ ଯେଉଁ କାରଣରୁ ଓଜନ ବୃଦ୍ଧି ହେବା ସହିତ ଟେନ୍‌ସନ ଦୂର ହୁଏ।

◆ଗ୍ଲୁଟେନ୍ ଦ୍ୱାରା ଯଦି କାହାର ଆଲର୍ଜି ଥାଏ ତେବେ ମାଣ୍ଡିଆ ସେମାନଙ୍କ ପାଇଁ ବେଷ୍ଟ ଖାଦ୍ୟ ହୋଇପାରେ। ମାଣ୍ଡିଆ ଗ୍ଲୁଟେନ୍ ଫ୍ରି ଥାଏ ଓ ଡାଇବେଟିସ୍ ରୋଗୀମାନେ ମଧ୍ୟ ମାଣ୍ଡିଆକୁ ଖାଇପାରିବେ।



ଖାଦ୍ୟଶାଳ

## ବିଟ୍‌ରୁଟ୍ ଚିଲା

**ଆବଶ୍ୟକ ସାମଗ୍ରୀ-** ସୁଜି-୧ କପ୍, ଦହି-ଅଧା କପ୍, କଦୁକଷ ଅଦା-୧ ଚାମଚ, କଞ୍ଚା ଲଙ୍କା-୧ଟି, କଟା ଧଣିଆପତ୍ର-୧ ବଡ଼ ଚାମଚ, ଲୁଣ-ସ୍ୱାଦ ଅନୁସାରେ, ହଳଦୀ- ୧/୪ ଚାମଚ, ବେକିଂ ସୋଡ଼ା କିମ୍ବା ଇନୋ- ୧/୪ ଚାମଚ, ପାଣି-ଆବଶ୍ୟକତା ଅନୁସାରେ, ତେଲ।

**ପ୍ରଣାଳୀ-** ବ୍ୟାଟର୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ସୁଜି ଓ ଦହି ମିଶେଇବେ। ସେଥିରେ ଅଳ୍ପ ଅଳ୍ପ ପାଣି ଢ଼ାଳି ମଧ୍ୟମ ଓ ଗାଢ଼ ବ୍ୟାଟର୍ ପ୍ରସ୍ତୁତ କରନ୍ତୁ। ଏବେ ଏହାକୁ ୧୦-୧୫ ମିନିଟ୍ ପାଇଁ ଘୋଡ଼େଇ ରଖିଦେବେ ଯେପରି ସୁଜି ଫୁଲିଯିବ। ଯେତେବେଳେ ସୁଜି ଫୁଲିଯିବ ସେଥିରେ କଦୁକଷ କରାଯାଇଥିବା ବିଟ୍ ପକାଇବା ସହିତ ଅଦା, କଞ୍ଚା ଲଙ୍କା ଓ ଲୁଣ ବି ମିଶେଇବେ। ବ୍ୟାଟର୍‌କୁ ଖୁବ୍ ଭଲ ଭାବରେ ମିଶେଇ ଦିଅନ୍ତୁ। ପ୍ରସ୍ତୁତ କରିବାର କିଛି ସମୟ ପରେ ବ୍ୟାଟର୍‌ରେ ବେକିଂ ସୋଡ଼ା ବା ଇନୋ ପକାଇ ତୁରନ୍ତ ମିଶେଇବେ। ଏପରି କରିଲେ ଚିଲା ଫୁଲିବ ଓ ନରମ ହେବ। ଏବେ ଏକ ନନ୍-ଷ୍ଟିକ୍ ତାୱା ଗରମ କରି ସେଥିରେ ଅଳ୍ପ ତେଲ ଲଗାନ୍ତୁ। ଏବେ ବ୍ୟାଟର୍ ଏକ ଚାମଚ ନେଇ ତାୱା ଉପରେ ଗୋଲ ଆକାର କରି ଖେଳେଇ ଦିଅନ୍ତୁ। ଏବେ ଏହି ଚିଲାକୁ ଘୋଡ଼େଇ ଦେବେ। ଧିମା ଆଞ୍ଚରେ ୨-୩ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ଏହାକୁ ଓଲଟେଇ ଦେବେ। ଭଲ ଭାବରେ ସିଝିଯିବା ପରେ ଏହାକୁ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଚିଲାକୁ ଚଟଣି, ଦହି ବା ଟମାଟୋ ସସ୍ ସହିତ ଗରମ ଗରମ ପରଷିବେ। ଏହା ଖାଇବାକୁ ଖୁବ୍ ସ୍ୱାଦିଷ୍ଟ।

**ଲାଭ-** ବିଟ୍‌ରୁଟ୍‌ରେ ଆୟରନ୍, ପୋଟାସିୟମ୍, ଭିଟାମିନ୍-ବି୯ (ଫୋଲେଟ୍), ଆଣ୍ଟିଅକ୍ସିଡେଣ୍ଟ ଭରପୂର ମାତ୍ରାରେ ମିଳେ ଯାହା ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରେ, ରକ୍ତଚାପକୁ ନିୟନ୍ତ୍ରିତ କରେ ଓ ଷ୍ଟାମିନାରେ ସୁଧାର ଆଣେ। ଏଥିରେ ଥିବା ଫାଇବର୍ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରେ ଓ ଅନ୍ତଗୁଡ଼ିକୁ ସୁସ୍ଥ ରଖେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ସାମାନ୍ୟ ରହିବ। ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ମନ ଚିନ୍ତିତ ରହିପାରେ। ଆର୍ଥିକ ସ୍ଥିତି ଭଲ ରହିବ ନାହିଁ। ଭାବିଚିନ୍ତି ଅର୍ଥ ବିନିଯୋଗ କରନ୍ତୁ। ପ୍ରେମୀଙ୍କ ସହିତ ସମୟ ଅତିବାହିତ କରିବେ।

**ବୃଷ** - ଦିନଟି ଖୁବ୍ ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ରହିବ। ଧାର୍ମିକ କାର୍ଯ୍ୟରେ ମନ ଲାଗିବ। ପିତାଙ୍କ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ।

**ମିଥୁନ** - ଦିନଟି ଆପଣଙ୍କ ପାଇଁ ସାମାନ୍ୟ ରହିବ। ମାନସିକ ଚାପ ରହିପାରେ। କାର୍ଯ୍ୟକ୍ଷେତ୍ରରେ କାମର ଅଧିକତା ରହିବ। କାରବାର ସ୍ଥିତିରେ ସୁଧାର ହୋଇପାରେ। ନିବେଶ କରିବା ପୂର୍ବରୁ ପରାମର୍ଶ ନିଅନ୍ତୁ।

**କର୍କଟ** - ଆଜିର ଦିନଟି ଶୁଭ ନୁହେଁ। ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଜୀବନରେ ବ୍ୟସ୍ତତା ଅଧିକ ରହିବ। ବାଦବିବାଦ ଠାରୁ ଦୂରରେ ରୁହନ୍ତୁ। ଚାକିରି ପାଇଁ ଅନ୍ୟ କୌଣସି ସ୍ଥାନକୁ ଯାଇପାରନ୍ତି।

**ସିଂହ** - ଜୀବନରେ ବଡ଼ ପରିବର୍ତ୍ତନ ଆସିପାରେ। ବ୍ୟାପାରରେ ଲାଭ ମିଳିବ। ଭ୍ରମଣ ଯୋଗ ରହିଛି। ଖର୍ଚ୍ଚ ବି ବଢ଼ିବ। କିନ୍ତୁ ବିଭିନ୍ନ ସୋର୍ସରୁ ଧନ ଆଗମନ ହୋଇପାରେ। ପ୍ରେମ ଜୀବନ ଖୁବ୍ ଭଲ ରହିବ।

**କନ୍ୟା** - ମନକୁ ଶାନ୍ତ ରଖନ୍ତୁ। ଧୈର୍ଯ୍ୟଶୀଳତା ବଜାୟ ରଖିବେ। ଶୀଘ୍ରତା ସହିତ କୌଣସି କାମ ନକଲେ ଭଲ। ଅତି ଉତ୍ସାହୀ ନହେଲେ ଭଲ। ଆର୍ଥିକ ପକ୍ଷ ଆଜି ଠିକ୍ ରହିବ। ପ୍ରେମ ଜୀବନରେ ସୁଖ ପାଇବେ।

**ତୁଳା** - ଦିନଟି ଖୁବ୍ ଭଲ। ମାନସିକ ଚିନ୍ତା ଦୂର ହେବ। ଧୈର୍ଯ୍ୟର ସହିତ କାମ କରିବେ। ବ୍ୟାପାରରୁ ଲାଭ ମିଳିବ। ପ୍ରମୋଶନର ଅବସର ପାଇବେ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରର ସହଯୋଗ ମିଳିବ।

**ବିଛା** - ଆପଣଙ୍କ ପାଇଁ ଦିନଟି ଖୁବ୍ ଭଲ। ମିତ୍ରଙ୍କ ସହଯୋଗରେ ଆୟ ବୃଦ୍ଧି ଯୋଗ ରହିଛି। ଚାକିରି ଓ ବ୍ୟାପାରରେ ଖୁବ୍ ଲାଭ ପାଇବେ। ପରିବାରର ସହଯୋଗରେ ଅଟକିଥିବା କାମ ପୂରା ହେବ।

**ଧନୁ** - ଜୀବନରେ ସକାରାତ୍ମକତା ପରିବର୍ତ୍ତନ ଆସିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ମନ ଶାନ୍ତ ରହିବ। ଜୀବନସାଥିଙ୍କ ସହିତ ସମୟ ବିତେଇବେ। ବ୍ୟାପାର, ଚାକିରିରେ ବଡ଼ ପରିବର୍ତ୍ତନ ଦେଖାଦେଇପାରେ।

**ମକର** - ଦିନଟି ଉତ୍ତମ। ଚାକିରି, ବ୍ୟାପାର, ପ୍ରେମ ସବୁକିଛି ବଢ଼ିଆ ରହିବ। ଆଜି ଯେଉଁ କାମ କରିବେ ସଫଳତା ମିଳିବ। ପରିବାର ସହିତ ସମୟ ଅତିବାହିତ କରିବେ। ବିବାହ ସ୍ଥିର ହୋଇପାରେ।

**କୁମ୍ଭ** - ଦିନଟି ମିଶ୍ରିତ ଫଳଦାୟୀ। ଆତ୍ମବିଶ୍ୱାସ ଖୁବ୍ ରହିବ। ଚାକିରି ଓ ବ୍ୟାପାରରେ ସମସ୍ୟାର ସମ୍ମୁଖୀନ ହେବେ। ଆୟ ବୃଦ୍ଧି ହୋଇପାରେ। କ୍ରୋଧ ନକଲେ ଲାଭରେ ରହିବେ। ଆୟ ବୃଦ୍ଧି ଯୋଗ ଅଛି।

**ମୀନ** - ଆଜି ସାବଧାନ ହୋଇ ରହିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। ନହେଲେ କରଜ ସ୍ଥିତି ଆସିପାରେ। ଚାକିରି ଓ ବ୍ୟାପାରରେ ଅତିରିକ୍ତ ଦାୟିତ୍ୱ ମିଳିପାରେ। ସ୍ୱାସ୍ଥ୍ୟର ଧ୍ୟାନ ରଖିବେ। ପ୍ରେମୀଙ୍କ ସହିତ ସମୟ ବିତେଇବେ।

# ଆଜି ଭାରତ-ଜିମ୍ବାୱେ ସୁପର୍-୮ ମ୍ୟାଚ୍

ଶୀର୍ଷକ୍ରମ ବ୍ୟାଟିଂରେ ହୋଇପାରେ ପରିବର୍ତ୍ତନ






**ଚେନ୍ନାଇ,୨୫।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ରେ ନିଜର ପ୍ରଥମ ସୁପର୍-୮ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ଠାରୁ ଶୋଚନୀୟ ଭାବେ ପରାଜିତ ହେବାପରେ ଭାରତୀୟ ଟିମ୍ ଦ୍ୱିତୀୟ ମ୍ୟାଚ୍‌ରେ ଜିମ୍ବାୱେକୁ ଭେଟିବ। ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍ ସେମିଫାଇନାଲ୍ ଦୃଷ୍ଟିରୁ ଭାରତ ପାଇଁ କର ବା ମର ପରି। ଅହମଦାବାଦରେ ସାଉଥ୍ ଆଫ୍ରିକା ବିପକ୍ଷରେ ଖରାପ ବ୍ୟାଟିଂ ପ୍ରଦର୍ଶନ ପରେ ଟିମ୍ ସଂଯୋଜନକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି। ଭାଇସ୍ କ୍ୟାପ୍ଟେନ୍ ଅକ୍ଷର ପଟେଲ୍‌ଙ୍କୁ ବାହାରେ ବସାଇବା ନିଷ୍ପତ୍ତିର ମଧ୍ୟ ସମାଲୋଚନା ହେଉଛି। ଏହି ସବୁ ମଧ୍ୟରେ ଅସଲ ଚିନ୍ତା ଏବେ ଶୀର୍ଷକ୍ରମର ବିଫଳତା। ଏହାକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଲେଫ୍ଟ-ରାଇଟ୍ କମ୍ବିନେସନ୍‌କୁ ଧ୍ୟାନରେ ରଖି ଶୀଷକ୍ରମରେ ପରିବର୍ତ୍ତନ ପାଇଁ ଚିନ୍ତା କରୁଛି। ଏହାର ସୂଚନା ବ୍ୟାଟିଂ କୋଚ୍ ସିତାଂଶୁ କୋଟକ୍ ପ୍ରେସ୍ କନ୍‌ଫରେନ୍ସରେ ଦେଇଛନ୍ତି। ଈଶାନ୍ କିଶନ୍‌ଙ୍କ ନାମରେ ଦୁଇଟି ଅର୍ଦ୍ଧଶତକ ଥିବାବେଳେ ଅଭିଷେକ ଶର୍ମା ରନ୍ ପାଇଁ ସଂଗ୍ରହ କରୁଛନ୍ତି। ସେହିପରି ତିଳକ ବର୍ମାଙ୍କ ଷ୍ଟ୍ରାଇକ୍ ରେଟ୍ ଆଶାନୁରୂପ ହୋଇନାହିଁ।

ଫଳରେ ଆସନ୍ତାକାଲିର ମ୍ୟାଚ୍ ପାଇଁ ସଞ୍ଜୁ ସାମ୍‌ସନ୍ ଫେରିବାର ସମ୍ଭାବନା ରହିଛି। ବିପକ୍ଷ ଟିମ୍ ଲଗାତାର ଅଫ୍-ସ୍ପିନ୍‌ର ସହାୟତା ନେଇ ଭାରତୀୟ ଶୀର୍ଷକ୍ରମକୁ ଅସୁବିଧାରେ ପକାଉଛନ୍ତି। ଏପରି ସ୍ଥିତି ଲେଫ୍ଟ-ରାଇଟ୍ ସନ୍ତୁଳନ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। କୋଚ ଯଦିଓ ଖୋଲିକରି ନାମ ପ୍ରକାଶ କରିନାହାନ୍ତି, ତେବେ ତାଙ୍କ ସଙ୍କେତ ସ୍ପଷ୍ଟ ଯେ କମ୍ବିନେସନ୍‌ରେ ପରିବର୍ତ୍ତନ ସମ୍ଭବ। କୋଚ କହିଛନ୍ତି ଟିମ୍ ବିପକ୍ଷର ରଣନୀତି ଧ୍ୟାନରେ ରଖି ଯୋଜନା ପ୍ରସ୍ତୁତ କରୁଛି। ବିପକ୍ଷ ଟିମ୍ କିପରି ବୋଲିଂ କରୁଛି ଏବଂ ବ୍ୟାଟର୍ କିପରି ତାର ସାମ୍ନା କରିବେ ଏହା ହିଁ ଚର୍ଚ୍ଚାର ବିଷୟ। ସେ କହିଛନ୍ତି, ଆମର କାମ ବିକଳ୍ପ ଦେବା କିନ୍ତୁ ନିଷ୍ପତ୍ତି ଶେଷ ବ୍ୟାଟ୍ ପଡ଼ିଆରେ କରିଥାନ୍ତି।

ସେ ଆହୁରି କହିଛନ୍ତି, ଭାରତୀୟ ଟିମ୍‌ରେ ବହୁ ବାମହାତୀ ବ୍ୟାଟର୍ ରହିଛନ୍ତି। ଫଳରେ ସନ୍ତୁଳନ ବଜାୟ ରଖିବା ଜରୁରୀ ହୋଇଯାଇଛି। ତେବେ ବହୁ ଅଧିକ ପରିବର୍ତ୍ତନର ଆବଶ୍ୟକତା ନାହିଁ। ଏବେ କେବଳ ଲେଫ୍ଟ-ରାଇଟ୍ କିମ୍ବା ବୋଲିଂ କମ୍ବିନେଶ ପରି ବିଷୟ ଉପରେ ଚର୍ଚ୍ଚା ହେଉଛି। ସମସ୍ତ ଖେଳାଳି ଭଲ ଫର୍ମରେ ଥିବା ଦେଖିବାକୁ ମିଳୁଛି। କିନ୍ତୁ କେତେକ ଅବରୋଧ କାରଣରୁ ମୋମେଣ୍ଟମ୍ ପ୍ରଭାବିତ ହେଉଛି।

ଜିମ୍ବାୱେ ବିପକ୍ଷରେ ଭାରତକୁ କେବଳ ବିଜୟ ନୁହେଁ, ବରଂ ବଡ଼ ବିଜୟର ଆବଶ୍ୟକତା ରହିଛି। ସାଉଥ୍ ଆଫ୍ରିକାଠାରୁ ହାରିବା ପରେ ଟିମ୍‌ର ନେଟ୍ ରନ୍ ରେଟ୍ ପ୍ରଭାବିତ ହୋଇଛି। ଜିମ୍ବାୱେ ବିପକ୍ଷ ବଡ଼ ବିଜୟ ଟିମ୍ ଇଣ୍ଡିଆର ସେମିଫାଇନାଲ୍ ଆଶାକୁ ମଜଭୁତ କରିବ। ଏହାପରେ ଟିମ୍‌କୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍ ପୂର୍ବରୁ ଅନ୍ୟ ମ୍ୟାଚ୍‌ଗୁଡ଼ିକର ଫଳାଫଳ ଉପରେ ମଧ୍ୟ ନଜର ରଖିବାକୁ ହେବ।

# ଶ୍ରୀଲଙ୍କା ଟି-୨୦ ବିଶ୍ୱକପ୍‌ରୁ ବାହାର

○ ନ୍ୟୁଜିଲାଣ୍ଡ ୬୧ ରନ୍‌ରେ ହରାଇଲା ○ ରଚିନ୍ ରବୀନ୍ଦ୍ରଙ୍କୁ ୪ ୱିକେଟ୍, ସାଣ୍ଟନର୍‌ଙ୍କ ୪୭ ରନ୍

**କଲମ୍ବୋ,୨୫।୨/ଏଜେନ୍ସି:** ସହ-ଆୟୋଜକ ଶ୍ରୀଲଙ୍କା ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ରୁ ବାହାର ହୋଇଛି। ବୁଧବାର ଖେଳାଯାଇଥିବା ସୁପର୍-୮ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬୧ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏହା ସହିତ କିୱି ଟିମ୍‌ର ସେମିଫାଇନାଲ୍ ଆଶା ଉଜ୍ଜୀବିତ ରହିଛି। କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ ୭ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ବିନିମୟରେ ୧୦୭ ରନ୍ କରିପାରିଥିଲା। ରଚିନ୍ ରବୀନ୍ଦ୍ରଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ କରାଯାଇଛି।




୧୬୯ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କାକୁ ପ୍ରଥମ ବଲ୍‌ରେ ହିଁ ଝଟ୍‌କା ଲାଗିଥିଲା। ଟିମ୍ ଗତ ମ୍ୟାଚ୍‌ର ଶତକବୀର ପଥୁମ୍ ନିସଙ୍କା (୦)ଙ୍କ ୱିକେଟ୍ ହରାଇଥିଲା। ମ୍ୟାଟ୍ ହେନରୀ ତାଙ୍କୁ ବୋଲ୍ଡ କରିଥିଲେ। ଏହାପରେ ମ୍ୟାନ୍ ହେନ୍‌ରୀ ତୃତୀୟ ଓଭର୍‌ର ପ୍ରଥମ ବଲ୍‌ରେ ଚରିଥ୍ ଅସଲଙ୍କା (୫ ରନ୍)ଙ୍କୁ କ୍ୟାଚ୍ କରାଇ ଆୟୋଜିତ ଟିମ୍‌କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ମିଡିଲ୍ ଓଭର୍ ପର୍ଯ୍ୟାୟରେ ରଚିନ୍ ରବୀନ୍ଦ୍ର ଶ୍ରୀଲଙ୍କା ଟିମ୍‌କୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇନଥିଲେ। ସେ ଦୁଷ୍ମନ୍ତ ହେମନ୍ତ (୩ ରନ୍), ଦସୁନ୍ ଶନାକା (୩ ରନ୍), କୁସଲ ମେଣ୍ଡିସ୍ (୧୧) ଏବଂ ପବନ ରତ୍ନାୟକେ (୧୦ ରନ୍)ଙ୍କ ୱିକେଟ୍ ଅକ୍ତିଆର କରିଥିଲେ। ଶ୍ରୀଲଙ୍କା ପକ୍ଷରୁ କାମିନ୍ଦୁ ମେଣ୍ଡିସ୍ ସର୍ବାଧିକ ୩୧ ରନ୍ ଏବଂ ଦୁନିଥ୍ ୱେଲ୍ଲାଲାଗେ ୨୯ ରନ୍ କରିଥିଲେ। ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ରଚିନ୍ ରବୀନ୍ଦ୍ର ସର୍ବାଧିକ ୪ଟି ଏବଂ ମ୍ୟାଟ୍ ହେନରୀଙ୍କୁ ଦୁଇଟି ୱିକେଟ୍ ନେଇଥିଲେ। ମିଚେଲ୍ ସାଣ୍ଟନର୍ ଓ ଗ୍ଲେନ୍ ଫିଲିପ୍ସଙ୍କୁ ୧-୧ ସଫଳତା ମିଳିଥିଲା।

ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ ୮୪ ରନ୍ ମଧ୍ୟରେ ୬ ୱିକେଟ୍ ହରାଇ ବିପଦରେ ପଡ଼ିଥିଲା। ଏହାପରେ କ୍ୟାପ୍ଟେନ୍ ମିଚେଲ୍ ସାଣ୍ଟନର୍ ଏବଂ କୋଲ୍ ମାକୋଞ୍ଚି ଇନିଂସ୍ ସମ୍ଭାଳି ୪୭ ବଲ୍‌ରେ ଦ୍ରୁତ ୮୪ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୬୦ ରନ୍ ପାର କରାଇଥିଲେ। ଏହା ନ୍ୟୁଜିଲାଣ୍ଡର ଟି-୨୦ ଅନ୍ତର୍ଜାତୀୟରେ ୭ମ ୱିକେଟ୍ ପାଇଁ ସବୁଠୁ ବଡ଼ ପାର୍ଟନରଶିପ୍। ସାଣ୍ଟନର୍ ୨୬ ବଲ୍‌ରେ ଦୁଇ ଚୌକା ଓ ୪ ଛକା ସହାୟତାରେ ୪୭ ରନ୍ କରିଥିଲେ। ସେହିପରି ରଚିନ୍ ରବୀନ୍ଦ୍ର ୩୨ ରନ୍ କରିଥିବା ବେଳେ ମାକାଞ୍ଚି ୩୧ ରନ୍‌ରେ ଅପରାଜିତ ଫେରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମହୀଶ ତୀକ୍ଷ୍ଣା ଏବଂ ଦୁଷ୍ମନ୍ତା ଚମିରା ୩-୩ ୱିକେଟ୍ ନେଇଥିବା ବେଳେ ଦୁନିଥ୍ ୱେଲ୍ଲାଲାଗେଙ୍କୁ ଗୋଟିଏ ସଫଳତା ମିଳିଥିଲା।

ଏହି ବିଜୟ ଫଳରେ ନ୍ୟୁଜିଲାଣ୍ଡ ସେମିଫାଇନାଲ୍ ପାଇଁ ନିଜ ଆଶା ଉଜ୍ଜୀବିତ ରଖିଛି। ଟିମ୍ ଦୁଇଟି ମ୍ୟାଚ୍‌ରୁ ୩ ପଏଣ୍ଟ ନେଇ ଗ୍ରୁପ୍-୨ ପଏଣ୍ଟ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ସେମିଫାଇନାଲ୍ ଦୌଡ଼ରୁ ବାହାର ହୋଇଯାଇଛି। ଟିମ୍ ସୁପର୍-୮ ରାଉଣ୍ଡରେ ନିଜର ପ୍ରାରମ୍ଭିକ ଦୁଇ ମ୍ୟାଚ୍ ହାରିଯାଇଛି। ଏବେ ଟିମ୍ ପାକିସ୍ତାନ ବିପକ୍ଷ ମ୍ୟାଚ୍ ଜିତିଲେ ବି ୨ ପଏଣ୍ଟ ହାସଲ କରିବ, ଯାହା ଟପ୍-୪ରେ ପହଞ୍ଚିବା ପାଇଁ ଯଥେଷ୍ଟ ହେବ ନାହିଁ।

ଶିଖର ଧୱନ୍‌ଙ୍କ କେସ୍‌ରେ ଦିଲ୍ଲୀ କୋର୍ଟଙ୍କ ବଡ଼ ନିଷ୍ପତ୍ତି

# ୫.୭ କୋଟି ଟଙ୍କା ଫେରାଇବାକୁ ପୂର୍ବତନ ପତ୍ନୀଙ୍କୁ ଆଦେଶ

**ନୂଆଦିଲ୍ଲୀ,୨୫।୨/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ରିକେଟର୍‌ଙ୍କ ପୂର୍ବତନ ପତ୍ନୀ ଆୟେଶା ମୁଖାର୍ଜୀଙ୍କୁ ୫.୭ କୋଟି ଟଙ୍କା ଫେରାଇବାକୁ ପଡ଼ିବ। ଆୟେଶାଙ୍କୁ ଛାଡ଼ପତ୍ର ଦେବା ପରେ ଧୱନ୍ ଏହି ଅର୍ଥ ସେଟେଲ୍‌ମେଣ୍ଟ ବାବଦରେ ପ୍ରଦାନ କରିଥିଲେ। କିନ୍ତୁ ଦିଲ୍ଲୀ ହାଇକୋର୍ଟଙ୍କ କହିବା କଥା ପ୍ରପର୍ଟି ସେଟେଲ୍‌ମେଣ୍ଟ ରୂପେ ଧୱନ୍ ଦେଇଥିବା ଅର୍ଥରାଶି ଭାରତୀୟ ଆଇନ ଅନୁସାରେ ଠିକ୍ ନୁହେଁ। ତେଣୁ ଅଷ୍ଟ୍ରେଲିଆର ଫ୍ୟାମିଲି କୋର୍ଟର ନିଷ୍ପତ୍ତି ଭାରତ ଉପରେ ଲାଗୁ ହେବନାହିଁ। ରିପୋର୍ଟ ଅନୁସାରେ ଦିଲ୍ଲୀର ଫ୍ୟାମିଲି କୋର୍ଟ ଜଜ୍ ଦେବେନ୍ଦ୍ର କୁମାର ଗର୍ଗ ନିଜ ଆଦେଶରେ କହିଛନ୍ତି, ଆୟେଶା ଅଷ୍ଟ୍ରେଲିଆର କୋର୍ଟ ନିଷ୍ପତ୍ତି ଅନୁସାରେ ଶିଖର ଧୱନ୍‌ଙ୍କ ଠାରୁ ୧୬.୯ କୋଟି ଟଙ୍କା ଦାବି କରିପାରିବେ ନାହିଁ। କୋର୍ଟ ନିଜ ଆଦେଶରେ କହିଛନ୍ତି, ଭାରତୀୟ ଫ୍ୟାମିଲି ଲ' ଆକ୍ଟ ୧୯୭୫ ଅନ୍ତର୍ଗତ



ପ୍ରପର୍ଟି ସେଟେଲ୍‌ମେଣ୍ଟର ନିୟମ ଭାରତୀୟ ମାଟ୍ରିମୋନିଆ ଲ' ଏବଂ ହିନ୍ଦୁ ମ୍ୟାରେଜ୍ ଆକ୍ଟ ୧୯୫୫ ସହିତ ମେଳ ଖାଉଛି। ତେଣୁ ଆୟେଶା ପ୍ରପର୍ଟି ସେଟେଲ୍‌ମେଣ୍ଟ ନୟମ ଅନୁସାରେ ଯେଉଁ ୫.୭ କୋଟି ଟଙ୍କା ନେଇଛନ୍ତି, ତାହା ଶିଖର ଧୱନ୍‌ଙ୍କୁ ଫେରାଇବାକୁ ହେବ। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆ ଆଇନ ଅନୁସାରେ ସ୍ୱାମୀଙ୍କ ସମସ୍ତ ପ୍ରପର୍ଟିକୁ ମେରାଇଟଲ୍ ପୁଲ୍‌ରେ ହୋଇଥାଏ। ଏହି ଆଇନ ଅନୁସାରେ ଅଷ୍ଟ୍ରେଲୀୟ କୋର୍ଟ ଭାରତ ଏବଂ ବିଦେଶରେ ଥିବା ନିଜର ସମସ୍ତ ସମ୍ପତ୍ତିର ୬୦ ପ୍ରତିଶତ ଅଂଶ ପତ୍ନୀ ଆୟେଶାଙ୍କୁ ଦେବା ପାଇଁ ଧୱନ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଷ୍ଟ୍ରେଲୀୟ କୋର୍ଟ ଧୱନ୍‌ଙ୍କ ପାଇଁ ୧୯୭୫ ଆକ୍ଟର ଧାରା ୭୯ର ବ୍ୟବହାର କରିଥିଲେ ଏବଂ ତାଙ୍କୁ ପ୍ରପର୍ଟି ବିକି ୮.୧୨ ଲକ୍ଷ ଅଷ୍ଟ୍ରେଲୀୟ ଡଲାର ଦେବାକୁ ଆଦେଶ ଦେଇଥିଲେ।

# ସିଙ୍ଗାପୁର ସ୍କ୍ୱାଶ୍ ସେମିରେ ମାନୁଷ-ମାନବ ଯୋଡି

**ସିଙ୍ଗାପୁର,୨୫।୨/ଏଜେନ୍ସି:** ମାନୁଷ ସାହ ଏବଂ ମାନବ ଥକ୍କର୍ ଇତିହାସ ରଚିବା ସହିତ ପ୍ରଥମ ଭାରତୀୟ ଯୋଡ଼ି ଭାବେ ବୁଧବାର ସିଙ୍ଗାପୁରରେ ଡବ୍ଲ୍ୟୁଟିଟି ଗ୍ରାଣ୍ଡ ସ୍ମାଶ୍ ଇଭେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ମାନୁଷ ଓ ମାନବଙ୍କ ୬ଷ୍ଠ ସିଡ୍ ଯୋଡ଼ି ୨୭ ମିନିଟ୍‌ର କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ବେଲ୍‌ଜିୟମ୍‌ର ମାର୍ଟିନ୍ ଆଲେଗ୍ରୋ ଏବଂ ଆଡ୍ରିଏନ୍ ରାନ୍ନେଫୋସେଙ୍କୁ ୩-୦ (୧୧-୮, ୧୧-୯,୧୧-୯)ରେ ହରାଇ ଦେଇଛନ୍ତି। ଏହା ସହିତ ବେଲ୍‌ଜୟମ୍ ଯୋଡ଼ି ବିପକ୍ଷରେ



ଭାରତୀୟ ଯୋଡ଼ି ବିଜୟ ବିଜୟ ରେକର୍ଡ ୨-୦ରେ ପହଞ୍ଚାଇଛନ୍ତି। ମାନୁଷ ଓ ମାନବ ଯୋଡ଼ି ସେମିଫାଇନାଲ୍‌ରେ ଫ୍ରାନ୍ସର ଦୁଇ ଭାଇ ଫେଲିକ୍ସ ଓ ଆଲେକ୍ସିସ୍ ଲେବ୍ରୁନ୍‌ଙ୍କ ଚତୁର୍ଥ ସିଡ୍ ଯୋଡ଼ିକୁ ଭେଟିବ। ଏହା ପୂର୍ବରୁ ଆଜି ମିକ୍ସଡ୍ ଡବଲ୍ସରେ ମାନୁଷଙ୍କ ଅଭିଯାନ ଶେଷ ହୋଇଛି। ମାନୁଷ ଓ ଦିୟା ଚିତାଲେଙ୍କ ୬ଷ୍ଠ ସିଡ୍ ଯୋଡ଼ି ୦-୩ରେ (୯-୧୧, ୯-୧୧, ୫-୧୧)ରେ ତୃତୀୟ ସିଡ୍ ବ୍ରାଜିଲ୍‌ର ହୁଗୋ କାଲ୍‌ଡେରାନୋ ଓ ବ୍ରୁନା ତାକାହାଶିଙ୍କଠାରୁ ହାରି ଯାଇଛି।

ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬

# ସେମିଫାଇନାଲ୍ ଓ ଫାଇନାଲ୍‌ର ଟିକେଟ୍ ବିକ୍ରି ଆରମ୍ଭ

**ଦୁବାଇ,୨୫।୨/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ର ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍‌ର ଟିକେଟ୍ ବିକ୍ରି ମଙ୍ଗଳବାର ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଛି। ଟିକେଟ୍ ଆଧିକାରିକ ୱେବ୍‌ସାଇଟ୍ ଟିକେଟ୍‌ସ ଡଟ୍ ଟି୨୦ୱାର୍ଲ୍ଡକପ୍ ଡଟ୍ କମ୍‌ରେ ଉପଲବ୍ଧ ହେବ। ପ୍ରଶଂସକ ମାର୍ଚ୍ଚ ୪ ଓ ୫ରେ ହେବାକୁ ଥିବା ଦୁଇଟି ସେମିଫାଇନାଲ୍ ଏବଂ ମାର୍ଚ୍ଚ ୮ର ଫାଇନାଲ୍ ମ୍ୟାଚ୍ ପାଇଁ ଟିକେଟ୍ କିଣିପାରିବେ।

**ପାକିସ୍ତାନର ଜୟ-ପରାଜୟ ଉପରେ ନିର୍ଭର କରିବ ଭେନ୍ୟୁ**

**ସ୍ଥାନ ବଦଳିଲେ ଫେରସ୍ତ ହେବ ଅର୍ଥ**

ପ୍ରଥମ ସେମିଫାଇନାଲ୍‌ର ଭେନ୍ୟୁ ଏବେ ସୁଦ୍ଧା ସ୍ଥିର ହୋଇନାହିଁ। ଏହା ସେମିଫାଇନାଲ୍‌ରେ ପହଞ୍ଚିଥିବା ଟିମ୍ ଆଧାରରେ ସ୍ଥିର କରାଯିବ। ଅର୍ଥାତ୍ ଏହି ମାଚ୍ କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍ କିମ୍ବା କୋଲ୍‌କାତାର ଇଡେନ୍ ଗାର୍ଡେନ୍ସରେ ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲ୍ ମାର୍ଚ୍ଚ ୫ ତାରିଖରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯିବ। ଯଦି ପାକିସ୍ତାନ ସେମଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ପ୍ରଥମ ମ୍ୟାଚ୍ କଲମ୍ବୋରେ ଖେଳାଯିବ। ଯଦି ପାକିସ୍ତାନ କ୍ୱାଲିଫାଏ ନକରେ, କିନ୍ତୁ ଶ୍ରୀଲଙ୍କା ସେମିଫାଇନାଲ୍‌ରେ ପହଞ୍ଚେ ଏବଂ ଏହାର ମୁକାବିଲା ଭାରତ ସହିତ ନହୁଏ, ତେବେ ପ୍ରଥମ ସେମିଫାଇନାଲ୍ କଲମ୍ବୋରେ ଖେଳାଯିବ। ଅନ୍ୟପକ୍ଷରେ ଯଦି ଭାରତ ଓ ଶ୍ରୀଲଙ୍କା ମୁହାଁମୁହିଁ ହୁଅନ୍ତି, ତେବେ ଏହି ମ୍ୟାଚ୍ କୋଲ୍‌କାତାରେ ଆୟୋଜିତ ହେବ। ସେହିପରି ଯଦି ପାକିସ୍ତାନ ଫାଇନାଲ୍‌ରେ ପହଞ୍ଚେ, ତେବେ ମାର୍ଚ୍ଚ ୮ ତାରିଖର ଫାଇନାଲ୍ ମ୍ୟାଚ୍ କଲମ୍ବୋରେ ଖେଳାଯିବ। ଅନ୍ୟଥା ଫାଇନାଲ୍ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଖେଳାଯିବ। ଏବେ ଯେଉଁମାନେ ଟିକେଟ୍ କିଣୁଛନ୍ତି, ସେମାନଙ୍କ ପାଇଁ ଆଇସିସି ସୁରକ୍ଷା ଉପାୟ ସ୍ଥିର କରିଛି। ଯଦି କୌଣସି ଦର୍ଶକ ଏପରି ସ୍ଥାନର ଟିକେଟ୍ କିଣିଛନ୍ତି ଯେଉଁଠି ଅନ୍ତତଃ ପ୍ରଥମ ସେମିଫାଇନାଲ୍ କିମ୍ବା ଫାଇନାଲ୍ ହୁଏ ନାହିଁ, ତେବେ ଟିକେଟ୍‌ର ପୂରା ଅର୍ଥ ଫେରସ୍ତ କରାଯିବ।

# ସେପ୍ଟେମ୍ବରରେ ପୁଣି ମୁହାଁମୁହିଁ ହେବେ ମେଭେଦର -ପାକିୟାଓ

**ଲାସ୍ ଭେଗାସ୍,୨୫।୨/ଏଜେନ୍ସି:** ବକ୍ସିଂ ଦୁନିଆର ଦୁଇ ମହାନ୍ ଫ୍ଲୟଡ୍ ମେଭେଦର ଜୁନିୟର ଏବଂ ମାନି ପାକିୟାଓ ପୁଣିଥରେ ପ୍ରଫେସନାଲ୍ ରିଙ୍ଗ୍‌ରେ ମୁହାଁମୁହିଁ ହେବେ। ଏହି ଐତିହାସି ରି-ମ୍ୟାଚ୍‌ର ଘୋଷଣା କରାଯାଇଛି। ଏହା ସେପ୍ଟେମ୍ବର ୧୯ରେ ଲାସ୍ ଭେଗାସ୍‌ର ଅତ୍ୟାଧୁନିକ 'ଦ ସ୍ପିୟର୍'ରେ ହେବ। ଦୁଇ ବକ୍ସର୍ ୧୧ ବର୍ଷ ପରେ ପୁଣିଥରେ ସାମ୍ନାସାମ୍ନି ହେବେ। ଏହା ପୂର୍ବରୁ ୨୦୧୫ ମେ' ୧୫ ତାରିଖରେ ହୋଇଥିବା ସେମାନଙ୍କ ପ୍ରଥମ ମ୍ୟାଚ୍ ଆୟ ଏବଂ ଭ୍ୟୁୟରଶିପ୍‌ର ସମସ୍ତ ରେକର୍ଡ ଭଙ୍ଗ କରିଥିଲା। ସେହି ଫାଇଟ୍‌ରୁ ୪୧୦ ମିଲିୟନ୍ ଡଲାର୍ (ପ୍ରାୟ ୨୬୮୦ କୋଟି ଟଙ୍କା)ର ରାଜସ୍ୱ ଆଦାୟ ହୋଇଥିବା ବେଳେ ଟିକେଟ୍ ୱିଣ୍ଡୋରୁ ୭୨.୨ ମିଲିୟନ୍ ଡଲାର (ପ୍ରାୟ ୪୭୦ କୋଟି ଟଙ୍କା) ଆୟ ହୋଇଥିଲା। ସେହି ମ୍ୟାଚ୍ ମେଭେଦର ନିଜ ନାମରେ କରିଥିଲେ।



ଆମେରିକାର ମେଭେଦ୍ ନିକଟରେ ହିଁ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନର ଘୋଷଣା କରିଥିଲେ। ୪୯ ବର୍ଷୀୟ ମେଭେଦର୍ ୨୦୧୭ରେ କୋନୋର୍ ମ୍ୟାକ୍‌ଗ୍ରେଗୋର୍‌ଙ୍କୁ ହରାଇବା ପରେ ୫୦-୦ ପର୍‌ଫେକ୍ଟ ରେକର୍ଡ ସହ ଅବସର ନେଇଥିଲେ। ସେହିପରି ଫିଲିଫାଇନ୍ସର ୪୭ ବର୍ଷୀୟ ପାକିୟାଓ ମଧ୍ୟ ୨୦୨୫ରେ ମାରିୟୋ ବାରିୟୋସ୍‌ଙ୍କ ବିପକ୍ଷରେ ଡ୍ର' ଖେଳି ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ କ୍ୟାରିୟର୍‌ରେ ୭୩ ଫାଇଟ୍‌ରୁ ୬୨ ଜିତିଛନ୍ତି।

ଟି-୨୦ ର୍‍ୟାଙ୍କିଂ: ବୁମ୍‌ରାଙ୍କ ୭ ସ୍ଥାନର ଲମ୍ଫ

# ପଞ୍ଚମକୁ ଉଠିଲେ ଈଶାନ୍ କିଶନ୍



**ଦୁବାଇ,୨୫।୨/ଏଜେନ୍ସି:** ଆଇସିସିର ସଦ୍ୟତମ ଟି-୨୦ ର୍‍ୟାଙ୍କିଂ୍‌ରେ ଭାରତୀୟ ଓପନର୍ ଈଶାନ୍ କିଶନ୍ ୩ ସ୍ଥାନର ଲମ୍ଫ ପ୍ରଦାନ କରି ପଞ୍ଚମ ନମ୍ବରରେ ପହଞ୍ଚିଛନ୍ତି।

**ସିକନ୍ଦର ରଜା ଶୀର୍ଷ ଅଲ୍‌ରାଉଣ୍ଡର୍**

ବୋଲର୍‌ଙ୍କ ମଧ୍ୟରେ ଜସ୍‌ପ୍ରୀତ୍ ବୁମ୍‌ରା ୭ ସ୍ଥାନର ଲମ୍ଫ ପ୍ରଦାନ କରି ନମ୍ବର-୮କୁ ଉଠିଛନ୍ତି। ବୁଧବାର ଜାରୀ ର୍‍ୟାଙ୍କିଂ୍‌ରେ ଈଶାନ୍ କିଶନ୍‌ଙ୍କୁ ଚମତ୍କାର ପ୍ରଦର୍ଶନର ଲାଭ ମିଳିଛି। ସେ ୭୪୨ ରେଟିଂ ପଏଣ୍ଟ ସହ ଅଷ୍ଟମରୁ ପଞ୍ଚମକୁ ଉଠିଛନ୍ତି। ଅନ୍ୟପକ୍ଷରେ ଖରାପ ଫର୍ମ ସତ୍ତ୍ୱେ ଅଭିଷେକ ଶର୍ମା ବ୍ୟାଟିଂ ସୂଚୀର ଶୀର୍ଷରେ କାଏମ ରହିଛନ୍ତି। ସେ ଇଂଲଣ୍ଡର ଫିଲ୍ ସଲ୍ଟଙ୍କଠାରୁ ୬୨ ପଏଣ୍ଟ ଆଗରେ ରହିଛନ୍ତି। ପାକିସ୍ତାନର ସାହିବଜାଦା ଫରହାନ୍ ଦୁଇଟି ସ୍ଥାନର ସୁଧାର ସହ ନମ୍ବର-୩ରେ ପହଞ୍ଚିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୮୧୦ ହୋଇଛି।

ବୋଲିଂରେ ଜସ୍‌ପ୍ରୀତ୍ ବୁମ୍‌ରା ୭ ସ୍ଥାନର ଲମ୍ଫ ଲଗାଇଛନ୍ତି। ଗତ ସପ୍ତାହରେ ୧୫ଶ ସ୍ଥାନରେ ଥିବା ବୁମ୍‌ରା ସାଉଥ୍ ଆଫ୍ରିକା ବିପକ୍ଷରେ ୩ଟି ୱିକେଟ୍ ନେବା ପରେ ୬୬୯ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ପହଞ୍ଚିଛନ୍ତି। କର୍ବିନ୍ ବଶ୍ ୨୧ ସ୍ଥାନ ଉପରକୁ ଉଠି ତୃତୀୟରେ ପହଞ୍ଚିଛନ୍ତି। ବରୁଣ ଚକ୍ରବର୍ତ୍ତୀ ନମ୍ବର-୧ରେ ବଜାୟ ରହିଛନ୍ତି।

ଅଲ୍‌ରାଉଣ୍ଡର୍‌ରେ ଜିମ୍ବାୱେର ସିକନ୍ଦର ରଜା ପୁଣିଥରେ ନମ୍ବର-୧ ହୋଇଛନ୍ତି। ଶିଭମ୍ ଦୁବେ ଦୁଇଟି ସ୍ଥାନ ଉପରକୁ ଉଠି ନମ୍ବର-୭ରେ ପହଞ୍ଚିଥିବା ବେଳେ ଆଫଗାନିସ୍ତାନର ମହମ୍ମଦ ନବୀ ୮ମ ସ୍ଥାନରେ ପହଞ୍ଚି ଶୀର୍ଷ ୧୦ରେ ସାମିଲ ହୋଇଛନ୍ତି।

ଜର୍ମାନ୍ ଓପନ୍ ସୁପର୍ ୩୦୦

# ମୁଖ୍ୟ ଡ୍ର'ରେ ଆକର୍ଷୀ କଶ୍ୟପ

**ନୂଆଦିଲ୍ଲୀ,୨୫।୨/ଏଜେନ୍ସି:** ଭାରତୀୟ ଶଟ୍‌ଲର୍ ଆକର୍ଷୀ କଶ୍ୟପ ଚୀନା ତାଇପେଇର ଲି ୟୁ-ହସୁଆନ୍‌ଙ୍କୁ ହରାଇ ଜର୍ମାନ୍ ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି। ବିଶ୍ୱ ନଂ.-୬୨ ଆକର୍ଷୀ କ୍ୱାଲିଫାୟର୍‌ରେ ଲି'ଙ୍କୁ ୨୧-୧୦, ୨୧-୧୫ରେ ମାତ୍ ଦେଇଛନ୍ତି। ମୁଖ୍ୟ ଡ୍ର'ରେ ସେ ଅନ୍ୟତମ ଚୀନା ତାଇପେଇ ଖେଳାଳି ହୁଆଙ୍ଗ୍ ୟୁ-ସୁନ୍‌ଙ୍କୁ ଭେଟିବେ।

୨.୫୦ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଇଭେଣ୍ଟରେ ଭେଟେରାନ୍ କିଦାମ୍ବୀ ଶ୍ରୀକାନ୍ତ ଏବଂ ବିଶ୍ୱ ଜୁନିୟର୍ ଚାମ୍ପିଅନ୍‌ଶିପ୍ ପଦକ ବିଜୟିନୀ ତନ୍‌ଭୀ ଶର୍ମା ଅନ୍ୟତମ ଭାରତୀୟ ଶଟ୍‌ଲର୍ ଭାବେ ଅଂଶଗ୍ରହଣ କରୁଛନ୍ତି।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ପ୍ରଥମ ବିଜୟ

# ଅଷ୍ଟ୍ରେଲିଆକୁ ଶୁଟ୍‌ଆଉଟ୍‌ରେ ହରାଇଲା

**ହୋବାର୍ଟ,୨୫।୨/ଏଜେନ୍ସି:** ଭାରତୀୟ ପୁରୁଷ ହକି ଟିମ୍ ବୁଧବାର ବିଶ୍ୱର ନଂ.-୩ ଟିମ୍ ଅଷ୍ଟ୍ରେଲିଆକୁ ୩-୧ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହରାଇ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦୀର୍ଘ ସମୟ ଧରି ଚାଲିଆସୁଥିବା ନିଜର ପରାଜୟ ଧାରାରେ ବିରାମ ଲଗାଇଛି। ଦୁଇ ଟିମ୍ ନିର୍ଦ୍ଧାରିତ ସମୟରେ ୧-୧ର ସମାନ ସ୍ଥିତିରେ ରହିଥିଲେ। ଏହି ବିଜୟ ପ୍ରୋ ଲିଗ୍‌ର ଆଗାମୀ ଚରଣ ପୂର୍ବରୁ ଭାରତର ମନୋବଳ ବୃଦ୍ଧି କରିବ। ଆଜି ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମ ତିନିଟି କ୍ୱାର୍ଟର୍‌ରେ ଦୁଇ ଟିମ୍ ମଧ୍ୟରେ କଡ଼ା ଟକ୍କର୍ ଦେଖିବାକୁ ମିଳିଥିଲା। ପ୍ରଥମ ତିନିଟି କ୍ୱାର୍ଟର୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ମ୍ୟାଚ୍‌ର ୪୯ତମ ମିନିଟ୍‌ରେ ଜେରେମୀ ହେୱାର୍ଡ ପେନାଲ୍ଟିରୁ ଗୋଲ୍ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରିଥିଲେ। ତେବେ ଅଷ୍ଟ୍ରେଲିଆର ଏହି ଖୁସି କ୍ଷଣିକ ଥିଲା। ଏହାର ଦୁଇ ମିନିଟ୍ ପରେ ଶିଳାନନ୍ଦ ଲାକ୍ରା (୫୧ତମ ମିନିଟ୍) ଏକ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ସ୍କୋର୍ ବରାବର କରିଥିଲେ। ଏହାପରେ ଦୁଇ ଟିମ୍ ନିର୍ଣ୍ଣାୟକ ଗୋଲ୍ ପାଇଁ ପୂରା ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେମ୍ୟାଚ୍ ଶୁଟ୍‌ଆଉଟ୍‌କୁ ଯାଇଥିଲା ଏବଂ ଭାରତ ବିଜୟୀ ହୋଇ ଦୁଇ ପଏଣ୍ଟ ପାଇଥିବା ବେଳେ ଅଷ୍ଟ୍ରେଲିଆକୁ ଗୋଟିଏ ପଏଣ୍ଟ ମିଳିଥିଲା।



ଶୁଟ୍‌ଆଉଟ୍‌ରେ ଭାରତ ପକ୍ଷରୁ ଶିଳାନନ୍ଦ ଲାକ୍ରା, ମନିନ୍ଦର ସିଂହ ଏବଂ ବିଷ୍ଣୁକାନ୍ତ ସିଂହ ଗୋଲ୍ କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଏକମାତ୍ର ଗୋଲ୍ ଜେରେମୀ ହେୱାର୍ଡ କରିଥିଲେ। ଭାରତୀୟ ଗୋଲ୍‌କିପର୍ ମୋହିତ ଶଶିକୁମାର ଗନ୍ନେନହଲ୍ଲୀ ଅଷ୍ଟ୍ରେଲିଆର ବାକି ଖେଳାଳିଙ୍କ ଶଟ୍ ରୋକି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ପ୍ରୋ ଲିଗ୍‌ର ରାଉରକେଲା ଚରଣରେ ଘରୋଇ ଭାରତୀୟ ଟିମ୍ ପାଇଁ ନୈରାଶ୍ୟଜନ ଥିଲା। ଟିମ୍ ଏହି ଚରଣର ସମସ୍ତ ଚାରିଟି ଯାକ ମ୍ୟାଚ୍ ହାରି ଯାଇଥିଲା। ଏହାପରେ ହେବାର୍ଟ ଚରଣରେ ମଧ୍ୟ ଭାରତ ପରାଜୟ ସହିତ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଟିମ୍ ସ୍ପେନ୍‌ଠାରୁ ୦-୨ରେ ପରାଜିତ ହୋଇଥିଲା। ଏହାପରେ ଅଷ୍ଟ୍ରେଲିଆ ବିପକ୍ଷରେ ୪-୫ ଶୁଟ୍‌ଆଉଟ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ପେନ୍ ବିପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ ୧-୧ରେ ଡ୍ର' ହେବା ପରେ ଭାରତୀୟ ଟିମ୍ ୩-୪ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହାରି ଯାଇଥିଲା। ୯ ଟିମ୍‌ର ଏହି ପ୍ରତିଯୋଗିତାରେ ଭାରତ ଏବେ ଅଷ୍ଟମ ସ୍ଥାନରେ ରହିଛି ଏବଂ ଆଠ ମ୍ୟାଚ୍‌ରୁ ମାତ୍ର ୪ ପଏଣ୍ଟ ହାସଲ କରିଛି। ହୋବାର୍ଟ ଚରଣ ପରେ ଜୁନ୍ ୨୧ରୁ ରୋଟରଡାମ୍ ଚରଣ ଆରମ୍ଭ ହେବ। ଏଥିରେ ଭାରତ ନେଦରଲାଣ୍ଡସ ଓ ଜର୍ମାନୀ ବିପକ୍ଷରେ ଖେଳିବ। ପ୍ରଥମ ମ୍ୟାଚ୍‌ରେ ଭାରତ ଆୟୋଜକ ନେଦରଲାଣ୍ଡସକୁ ଭେଟିବ।

ରଣଜୀ ଟ୍ରଫି ଫାଇନାଲ୍: ପାରସ୍ ଡୋଗ୍ରା, ୱଧାବନ୍-ସାହିଲଙ୍କ ଅର୍ଦ୍ଧଶତକ

# ଦ୍ୱିତୀୟ ଦିନ ଜମ୍ମୁ-କଶ୍ମୀର ୫୨୭/୬

**ହୁବ୍‌ଲୀ,୨୫।୨/ଏଜେନ୍ସି:** ହୁବ୍‌ଲୀରେ ଖେଳାଯାଉଥିବା ରଣଜୀ ଟ୍ରଫି ୨୦୨୫-୨୬ ସିଜନ୍‌ର ଫାଇନାଲ୍ ମ୍ୟାଚ୍‌ରେ କର୍ଣ୍ଣାଟକ ବିପକ୍ଷରେ ଜମ୍ମୁ-କଶ୍ମୀର ନିଜ ସ୍ଥିତି ସୁଦୃଢ଼ କରିଛି। ବୁଧବାର ଦ୍ୱିତୀୟ ଦିନ ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ୍‌ରେ ୬ ୱିକେଟ୍ ହରାଇ ୫୨୭ ରନ୍ ହାସଲ କରିନେଇଛି। ଷ୍ଟମ୍ପସ ବେଳକୁ ସାହିଲ୍ ଲୋତ୍ରା ୫୭ ଏବଂ ଆବିଦ୍ ମୁସ୍ତାକ୍ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି।

ବୁଧବାର ସକାଳେ ୨୮୪/୨ ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆଗକୁ ଖେଳିଥିବା ଜମ୍ମୁ-କଶ୍ମୀର ଶୀଘ୍ର ଦୁଇଟି ୱିକେଟ୍ ହରାଇଥିଲା। ପ୍ରଥମ ଦିନର ଶତକବୀର ଶୁଭମ୍ ପୁଣ୍ଡୀରଙ୍କୁ ମିଡ୍ ୱିକେଟ୍‌ରେ କେଭି ଅନୀଶଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇ ବିଦ୍ୟାଧର ପାଟିଲ୍ ପ୍ୟାଭିଲିୟନ୍ ଫେରାଇଥିଲେ। ଶୁଭମ୍ ୧୨୧ ରନ୍ କରିଥିଲେ। ପରବର୍ତ୍ତୀ ଓଭର୍‌ରେ ଅବ୍‌ଦୁଲ୍ ସମଦ (୬୧ ରନ୍)ଙ୍କୁ ପ୍ରସିଦ୍ଧ କ୍ରିଷ୍ଣା ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ କରାଇଥିଲେ। ୩୦୭/୪ ସ୍କୋର୍ ପରେ କ୍ୟାପ୍ଟେନ୍ ପାରସ୍ ଡୋଗ୍ରା ଏବଂ କହ୍ନୈୟା ୱଧାବନ୍ ଇନିଂସ୍ ସମ୍ଭାଳି ପଞ୍ଚମ ୱିକେଟ୍ ପାଇଁ ଶତକୀୟ ପାର୍ଟନରଶିପ୍ କରି ୧୧୦ ରନ୍ ଯୋଡ଼ିଥିଲେ। ଏହି ଅବସରରେ ୱଧାବନ୍ ଅର୍ଦ୍ଧଶତକ ପୂରଣ କରିଥିଲେ। ୪୧୭ ରନ୍ ସ୍କୋର୍‌ରେ ଶିଖର ସେଟ୍ଟୀଙ୍କ ବଲ୍‌ରେ ୱଧାବନ୍ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ୯ ଚୌକା ସହାୟତାରେ ୭୦ ରନ୍ କରିଥିଲେ। ଏହାପରେ ଡୋଗ୍ରା ୬ଷ୍ଠ ୱିକେଟ୍ ପାଇଁ ସାହିଲ୍ ଲୋତ୍ରାଙ୍କ ସହ ୫୪ ରନ୍ ଯୋଡ଼ିଥିଲେ। ଏହି ଅବସରରେ ପାରସ୍ ଡୋଗ୍ରା ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ୭୦ ରନ୍‌ର



ସ୍କୋର୍‌ରେ ଶ୍ରେୟସ୍ ଗୋପାଳ ତାଙ୍କୁ କ୍ଲିନ୍ ବୋଲ୍ଡ କରି ପାର୍ଟନର୍‌ଶିପ୍‌ରେ ବ୍ରେକ୍ ଲଗାଇଥିଲେ। ପରେ ସାହିଲ୍ ଓ ଆବିଦ୍ ମୁସ୍ତାକ ୭ମ ୱିକେଟ୍ ପାଇଁ ୫୬ ରନ୍ ଯୋଡ଼ି ଟିମ୍‌ର ସ୍କୋର୍ ୫୦୦ ରନ୍ ପାର୍ କରାଇଥିଲେ। ଦିନର ଖେଳ ଶେଷ ବେଳକୁ ଦୁହେଁ ଅପରାଜିତ ଫେରିଥିଲେ। କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ ୩ଟି ୱିକେଟ୍ ନେଇଥିବା ବେଳେ ଶ୍ରେୟସ୍ ଗୋପାଳ, ବିଦ୍ୟାଧର ପାଟିଲ୍ ଏବଂ ଶିଖର ସେଟ୍ଟୀଙ୍କୁ ୧-୧ ସଫଳତା ମିଳିଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra